ନବରାତ୍ର ଉପଚାର
ମା'ଙ୍କ କାତ୍ୟାୟିନୀ ବେଶ

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-114 •SATURDAY •17 OCTOBER 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୪ •ସଂଖ୍ୟା-୧୧୪ •ଶନିବାର •୧୭ ଅକ୍ଟୋବର ୨୦୨୬ •ପୃଷ୍ଠା-୧୨ •ଟ.୭.୦୦

ବସିବ ସଂସଦର ସ୍ୱତନ୍ତ୍ର ଅଧିବେଶନ

ପୁଣି ଆସିବ ମହିଳା ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ ବିଲ୍ !

■ ନୂଆଦିଲ୍ଲୀ, ୧୬ ।୧୦ (ଏଜେନ୍ସି): ମହିଳା ସଂରକ୍ଷଣ ଓ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ସମ୍ପର୍କିତ ବିଲ୍‌କୁ ପୁନର୍ବାର ଆଗକୁ ବଢ଼ାଇବା ପାଇଁ କେନ୍ଦ୍ର ସରକାର ଚଳିତ ମାସରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ବିଚାର କରୁଥିବା ଜଣାପଡ଼ିଛି। ଏଥିପାଇଁ ସରକାର ବିଭିନ୍ନ ଦଳର ସମର୍ଥନ ଯୋଗାଡ଼ କରିବାକୁ ଉଦ୍ୟମ ଚଳାଇଛନ୍ତି। ତେବେ ଏ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା ହୋଇନାହିଁ। ରିପୋର୍ଟ ଅନୁଯାୟୀ, ଲୋକସଭାରେ ବିଲ୍ ପାରିତ କରାଇବା ପାଇଁ ଆବଶ୍ୟକ ଦୁଇ-ତୃତୀୟାଂଶ ସମର୍ଥନ ହାସଲ କରିବା ସରକାରଙ୍କ ପାଇଁ ଏକ ପ୍ରମୁଖ ଆହ୍ୱାନ। ୫୪୩ ଆସନ ବିଶିଷ୍ଟ ଲୋକସଭାରେ ତିନିଟି ଆସନ ଖାଲି ଥିବାବେଳେ ଏନ୍‌ଡିଏର ୩୧୮ ସାଂସଦ ଅଛନ୍ତି। ବିଲ୍ ପାରିତ ପାଇଁ ୩୬୦ ଭୋଟ୍ ଆବଶ୍ୟକ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଡିଏମ୍‌କେର ୨୨ ସାଂସଦ ସମର୍ଥନ କଲେ ମଧ୍ୟ ଆଉ ପ୍ରାୟ ୨୦ ଭୋଟ୍‌ର ଆବଶ୍ୟକତା ରହିବ। ସେହିପରି ରାଜ୍ୟସଭାରେ ତିନିଟି ଆସନ ଖାଲି ଥିବାରୁ ୨୪୨ ସଦସ୍ୟଙ୍କ ମଧ୍ୟରୁ ବିଲ୍ ପାରିତ ପାଇଁ ୧୬୨ ଭୋଟ୍ ଆବଶ୍ୟକ। ଏନ୍‌ଡିଏ ପାଖରେ ୧୫୩ ସାଂସଦ ଥିବାରୁ ଆଉ ନଅ ଜଣଙ୍କ ସମର୍ଥନ ଦରକାର। ଏହି ପରିସ୍ଥିତିରେ କେନ୍ଦ୍ର ସରକାର ଡିଏମ୍‌କେ ଓ କେତେକ ଛୋଟ ଦଳ ସହ ଆଲୋଚନା କରୁଥିବା ସୂତ୍ରରୁ ଜଣାପଡ଼ିଛି। ତାମିଲନାଡୁ ନିର୍ବାଚନ ପରେ ଡିଏମ୍‌କେ ଓ କଂଗ୍ରେସ ମଧ୍ୟରେ ସମ୍ପର୍କ ଖରାପ ହୋଇଥିବା ଏବଂ ଡିଏମ୍‌କେ ଇଣ୍ଡିଆ ମେଣ୍ଟରୁ ଅଲଗା ହୋଇଥିବା ରିପୋର୍ଟରେ କୁହାଯାଇଛି। ସଂସଦର ମୌସୁମୀ ଅଧିବେଶନ ଅଗଷ୍ଟ ୧୩ରେ ଶେଷ ହୋଇଥିଲେ ମଧ୍ୟ ଏହାକୁ ଆନୁଷ୍ଠାନିକ ଭାବେ ସମାପ୍ତ ଘୋଷଣା କରାଯାଇନାହିଁ। ଏପ୍ରିଲ୍ ୧୫ରୁ ୧୭ ପର୍ଯ୍ୟନ୍ତ ହୋଇଥିବା ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନରେ ମଧ୍ୟ ଏହି ବିଲ୍ ପାରିତ ହୋଇପାରିନଥିଲା। ସେତେବେଳେ ଉପସ୍ଥିତ ୫୨୮ ସାଂସଦଙ୍କ ମଧ୍ୟରୁ ୨୯୮ ଜଣ ସମର୍ଥନ ଓ ୨୩୦ ଜଣ ବିରୋଧରେ ଭୋଟ୍ ଦେଇଥିଲେ। ଆବଶ୍ୟକ ଦୁଇ-ତୃତୀୟାଂଶ ସମର୍ଥନ ନମିଳିବାରୁ ବିଲ୍ ଗୃହୀତ ହୋଇନଥିଲା।

କକ୍ରୋଚ୍ ଡର

'ତ୍ରିରଙ୍ଗା ଯାତ୍ରା' ଭଣ୍ଡୁର ଉଦ୍ୟମ

ଘର ସାମ୍ନାରୁ ଦୀପ୍‌କେଙ୍କୁ ଉଠାଇନେଲା ପୁଲିସ ■ ଯନ୍ତରମନ୍ତରରେ ନେହା ବୋରା ଅଟକ

■ ନୂଆଦିଲ୍ଲୀ, ୧୬ ।୧୦ (ଏଜେନ୍ସି): ଦିଲ୍ଲୀରେ 'ଲହରା ଦୋ ତିରଙ୍ଗା' ଶୋଭାଯାତ୍ରା ଆରମ୍ଭ ହେବା ପୂର୍ବରୁ କକ୍ରୋଚ୍ ଜନତା ପାର୍ଟି (ସିଜେପି) ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେଙ୍କୁ ଶୁକ୍ରବାର ପୁଲିସ ତାଙ୍କ ଘର ସାମ୍ନାରୁ ଉଠାଇ ନେଇଛି। ଅନ୍ୟପକ୍ଷରେ, ଛାତ୍ରନେତ୍ରୀ ତଥା ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଆଇସା) ମୁଖ୍ୟ ନେହା ବୋରାଙ୍କୁ ଯନ୍ତରମନ୍ତର ନିକଟରୁ ପୁଲିସ ଅଟକ ରଖିଛି। ପ୍ରତିବାଦ ଓ ଶୋଭାଯାତ୍ରା ଉଦ୍ୟମକୁ ରୋକିବା ପାଇଁ ଦିଲ୍ଲୀ ପୁଲିସର କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଦୀପକେ କନ୍ନଟ୍ ପ୍ଲେସ୍‌ସ୍ଥିତ ସେଣ୍ଟ୍ରାଲ ପାର୍କରେ ଏହି ତ୍ରିରଙ୍ଗା ଯାତ୍ରା କରିବାକୁ ଯୋଜନା କରିଥିଲେ। ଏହା ପୂର୍ବରୁ ପୁଲିସ ତାଙ୍କ ଘରେ ପହଞ୍ଚି ଶୋଭାଯାତ୍ରା ନକରିବାକୁ ନୋଟିସ୍ ଦେଇଥିଲା। ଭାରତୀୟ ନ୍ୟାୟ ସଂହିତାର ଧାରା ୧୬୩ ଅନୁଯାୟୀ ଜାରି କଟକଣା ଉଲ୍ଲଂଘନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି

ପୁଲିସ ଚେତାବନୀ ଦେଇଥିଲା। ଶୋଭାଯାତ୍ରା ପାଇଁ ନୂଆଦିଲ୍ଲୀ ମ୍ୟୁନିସିପାଲ କାଉନ୍‌ସିଲ୍‌ର ଅନୁମତି ନଥିବା ମଧ୍ୟ ନୋଟିସ୍‌ରେ ଉଲ୍ଲେଖ କରାଯାଇଥିଲା। ପୁଲିସ କହିଥିଲା ଯେ ଜାତୀୟ ପତାକା ଉଡ଼ାଇବା ଆଇନବିରୋଧୀ ନୁହେଁ। କିନ୍ତୁ ବିନା ଅନୁମତିରେ ଶୋଭାଯାତ୍ରା କରିବା ଓ ଭିଡ଼ ଜମାଇବା କଟକଣାର ଉଲ୍ଲଂଘନ ହେବ। ▶ପୃଷ୍ଠା-୭

ଆନ୍ଦୋଳନ ବନ୍ଦ ନିର୍ଦ୍ଦେଶକୁ ନା

■ ନୂଆଦିଲ୍ଲୀ, ୧୬ ।୧୦ (ଏଜେନ୍ସି): ଦିଲ୍ଲୀର କନଟ୍ ପ୍ଲେସ୍‌ସ୍ଥିତ ସେଣ୍ଟ୍ରାଲ ପାର୍କରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିବାଦ ଯୋଗୁଁ ବ୍ୟବସାୟ ପ୍ରଭାବିତ ହେବା ଆଶଙ୍କାରେ ଦାଖଲ ଆବେଦନ ଉପରେ ଶୁକ୍ରବାର ତୁରନ୍ତ କୌଣସି ନିର୍ଦ୍ଦେଶ ଦେବାକୁ ମନା କରିଛନ୍ତି



ସୁପ୍ରିମକୋର୍ଟ। ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ଖଣ୍ଡପୀଠରେ ଆବେଦନର ଶୁଣାଣି ସମୟରେ ବିଚାରପତି ଜୟମାଲ୍ୟ ବାଗ୍‌ଚୀ କହିଥିଲେ, 'କେହି ଆନ୍ଦୋଳନ କରିବାକୁ ଚାହୁଁଛନ୍ତି, କେହି ବାଦାମ ବିକିବାକୁ ଚାହୁଁଛନ୍ତି, ଆଉ କେହି ଆଇନଶୃଙ୍ଖଳା ଚାହୁଁଛନ୍ତି। ଏହି ସବୁ ▶ପୃଷ୍ଠା-୭

ନବନିର୍ବାଚିତ ଛାତ୍ରନେତାଙ୍କୁ ନବୀନଙ୍କ ଶୁଭେଚ୍ଛା

'ଜେନ୍-ଜି'ଙ୍କ ଏକତା ଓ ଛାତ୍ରଶକ୍ତିର ବିଜୟ

■ ଭୁବନେଶ୍ୱର, ୧୬।୧୦ (ସମିସ): ରାଜ୍ୟରେ ଅନୁଷ୍ଠିତ ଛାତ୍ରସଂସଦ ନିର୍ବାଚନରେ ବିଜୟୀ ସମସ୍ତ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଛାତ୍ରଶକ୍ତିର ଏକତାକୁ ପ୍ରଶଂସା କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏଥିସହ ଛାତ୍ର ସଂସଦ ନିର୍ବାଚନକୁ ଅନ୍ୟାୟ ଓ ଅସାଧୁ ଉପାୟରେ ଜିତିବା ପାଇଁ ବିଜେପି ସରକାର ଚକ୍ରାନ୍ତ ନବୀନ ସମାଲୋଚନା କରି ଦୃଢ଼ତାର ସହ ଲଢ଼ିଥିବା ବିସିଜେଡିର ନେତାମାନଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି ।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ସମସ୍ତ ପ୍ରାର୍ଥୀ ଓ ଛାତ୍ରଛାତ୍ରୀଙ୍କୁ ସେ ଆନ୍ତରିକ ଶୁଭେଚ୍ଛା ଜଣାଇ ନବୀନ କହିଛନ୍ତି ଯେ ଏହି ବିଜୟ ଓଡ଼ିଶାର ଜେନ୍-ଜି, ଯୁବବର୍ଗ ଓ ଛାତ୍ରଶକ୍ତିର ନିଷ୍ଠା ଏବଂ ଏକତାକୁ ପ୍ରତିଫଳିତ କରୁଛି। ଛାତ୍ର ସଂସଦ ନିର୍ବାଚନକୁ ଅନ୍ୟାୟ ଓ ଅସାଧୁ ଉପାୟରେ ଜିତିବା ପାଇଁ ବିଜେପି ସରକାରର ଚକ୍ରାନ୍ତ ବିରୋଧରେ ଦୃଢ଼ତାର ସହ ଲଢ଼ିଥିବା ବିସିଜେଡି ତଥା ବିଜେଡିର ସମସ୍ତ ନେତାମାନଙ୍କୁ ସାଧୁବାଦ। କଲେଜର ଶୈକ୍ଷିକ ବାତାବରଣକୁ ବଜାୟ ରଖି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ



ବିଜେପି ସରକାରର ଚକ୍ରାନ୍ତ ବିରୋଧରେ ଲଢ଼େଇ ପାଇଁ ସାଧୁବାଦ

ଶୈକ୍ଷିକ ବାତାବରଣକୁ ବଜାୟ ରଖି ଭବିଷ୍ୟତ ଗଢ଼ିବାକୁ ପରାମର୍ଶ

ପାଇଁ ସମସ୍ତେ ଏକ ହୋଇ ଆଗେଇ ଆସନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

ରାଜ୍ୟର ୩୪୬ଟି କଲେଜ ଓ ୧୩ଟି ବିଶ୍ୱବିଦ୍ୟାଳୟରେ ନିର୍ବାଚନ ହୋଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏବିଭିପି ଓ ବିସିଜେଡି ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ କେତେକ ସ୍ଥାନରେ ନିର୍ବାଚନୀ ଉତ୍ତେଜନା ଓ ଗଣ୍ଡଗୋଳର ଖବର ମଧ୍ୟ ସାମ୍ନାକୁ ଆସିଥିଲା। ମୁଖ୍ୟତଃ ରମାଦେବୀ ଓ ଉତ୍କଳ ବିଶ୍ୱ ବିଦ୍ୟାଳରେ ରାତି ୨ ଟା ପରେ ନିର୍ବାଚନୀ ▶ପୃଷ୍ଠା-୭



ବିଶେଷ ଟିପ୍ପଣୀ

ତ୍ରିରଙ୍ଗା ଧରିବାରୁ ଅଭିଜିତ୍ ଦୀପକେଙ୍କୁ ଅଟକ ରଖାଯାଇଛି। ଏହା ଅଘୋଷିତ ଜରୁରୀକାଳୀନ ପରିସ୍ଥିତି। ବିରୋଧୀଙ୍କୁ ଭୟ କରୁଥିବା ସରକାର ଏବେ ସମ୍ପୂର୍ଣ୍ଣ ପିଢ଼ିକୁ ନୀରବ କରିବାକୁ ଚେଷ୍ଟା କରୁଛି। ଅଭିଜିତ, ଆଶୁତୋଷ, ସୌରଭ ଭାରତର ଯୁବପିଢ଼ିଙ୍କ ସାହସ, ବିବେକ ଏବଂ ଆକାଂକ୍ଷାର ପ୍ରତିନିଧି। କ୍ଷମତାର ଅପବ୍ୟବହାର ଗଣତନ୍ତ୍ରର ଆତ୍ମାକୁ ଚୂର୍ଣ୍ଣ କରିପାରିବ ନାହିଁ। ଗଣତନ୍ତ୍ର ଓ ସ୍ୱାଧୀନତା ପାଇଁ ଲଢେଇ ଜାରି ରହିବ।

-ମମତା ବାନାର୍ଜୀ

ସ୍ୱାଧୀନତା ପରଠାରୁ ତ୍ରିରଙ୍ଗାକୁ ନେଇ ବିଜେପି ଓ ଆର୍‌ଏସ୍‌ଏସ୍ ଘୃଣା ଏବଂ ଛଳନା ଦେଖାଇଆସିଛି। ଏବେ ସେମାନେ ଦେଶପ୍ରେମୀ ଯୁବଗୋଷ୍ଠୀଙ୍କ ହାତରେ ତ୍ରିରଙ୍ଗା ଦେଖି ଭୟଭୀତ ହୋଇପଡ଼ିଛନ୍ତି।

-ଯୋଗେନ୍ଦ୍ର ଯାଦବ (ରାଜନୈତିକ କର୍ମୀ)

ଜେନ୍ Z

ଦିଲ୍ଲୀ ପୁଲିସ ଦେଶର ଲୋକଙ୍କୁ ମଧ୍ୟ ସମ୍ମାନ କରିବା ଉଚିତ୍। ଲୋକଙ୍କ ଦ୍ୱାରା ହିଁ ଦେଶ ଗଠିତ ହୁଏ। ସରକାର ଆସିବେ, ଯିବେ। ତାଙ୍କ ଆଗରେ ମୁଣ୍ଡ ନୁଆଁଅ ନାହିଁ। ସମ୍ବିଧାନକୁ ସର୍ବାଗ୍ରେ ରଖ।

- ଶଶାଙ୍କ ସିଂ @ShshankSngh

ରୁଷ୍‌ରେ ୭ ତୀବ୍ରତାର ଭୂକମ୍ପ

ମସ୍କୋ,୧୬।୧୦(ଏଜେନ୍ସି): ରୁଷ୍‌ର କାମଚାଟକା ଦ୍ୱୀପପୁଞ୍ଜ ଅଞ୍ଚଳରେ ୭ ତୀବ୍ରତାର ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ୟୁରୋପୀୟ-ମେଡିଟେରାନିଆନ୍ ସାଇସମୋଲୋଜିକାଲ୍ ସେଣ୍ଟରର ତଥ୍ୟ ଅନୁସାରେ, ସ୍ଥାନୀୟ ସମୟ ଅପରାହ୍ଣ ପ୍ରାୟ ୩.୩୫ ରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହାର କେନ୍ଦ୍ରବିନ୍ଦୁ ଭିଲ୍ୟୁଚିନ୍‌ସ୍କରୁ ୧୨୩ କିଲୋମିଟର ଦକ୍ଷିଣ-ପଶ୍ଚିମରେ ଭୂପୃଷ୍ଠରୁ ୧୪୦ କିଲୋମିଟର ଗଭୀରତାରେ ଥିଲା। ଭୂକମ୍ପ ପରେ ସୁନାମିର କୌଣସି ବିପଦ ନଥିବା ଆମେରିକାର ଜାତୀୟ ସୁନାମି ସତର୍କସୂଚନା କେନ୍ଦ୍ର କହିଛି। ଏହି ଘଟଣାରେ କୌଣସି ଧନଜୀବନ ହାନି କିମ୍ବା କ୍ଷୟକ୍ଷତିର ତୁରନ୍ତ ସୂଚନା ମିଳିନାହିଁ। ଅପରପକ୍ଷରେ, ଜାପାନର ପାଣିପାଗ ସଂସ୍ଥା ଭୁଲବଶତଃ ୯.୯ ତୀବ୍ରତାର ଏକ ଆଗୁଆ ସତର୍କସୂଚନା ଜାରି କରି ସାରା ଦେଶରେ ପ୍ରବଳ କମ୍ପନର ପୂର୍ବାନୁମାନ କରିଥିଲା।

ନୀତୀଶଙ୍କ ସହ ରହି ୯ ଜଣଙ୍କୁ ହତ୍ୟା କରାଇଥିଲି: ଅନନ୍ତ ସିଂହ

ନୂଆଦିଲ୍ଲୀ,୧୬ ।୧୦(ଏଜେନ୍ସି): ବିହାରର ମୋକାମା ବିଧାୟକ ତଥା ଜେଡିୟୁ ନେତା ଅନନ୍ତ ସିଂହଙ୍କ ଏକ ବୟାନକୁ ନେଇ ବିବାଦ ସୃଷ୍ଟି ହୋଇଛି। ନୀତୀଶ କୁମାରଙ୍କୁ ସମର୍ଥନ କରିବା ସମୟରେ ସେ ୯ ଜଣଙ୍କୁ ହତ୍ୟା କରାଇଥିବା କହିଥିଲେ। ତେବେ ପରେ ନିଜ ବୟାନର ଭୁଲ୍ ଅର୍ଥ କରାଯାଇଥିବା ସ୍ପଷ୍ଟ କରିଛନ୍ତି ସିଂହ। ସମ୍ବାଦ ସଂସ୍ଥା ଆଇଏଏନ୍‌ଏସ୍‌କୁ ସାକ୍ଷାତକାର ଦେଇ ସେ ନୀତୀଶଙ୍କ ପାଇଁ କରିଥିବା ତ୍ୟାଗ ସମ୍ପର୍କରେ କହିଥିଲେ। ତେବେ ପରେ ସେ କହିଥିଲେ ଯେ, ନୀତୀଶଙ୍କୁ ସମର୍ଥନ କରିବା ଏବଂ ଲାଲୁ ପ୍ରସାଦ ଯାଦବଙ୍କ ଶିବିର ଛାଡ଼ିବା ପରେ ତାଙ୍କର ୯ ଜଣ ସହଯୋଗୀଙ୍କ ମୃତ୍ୟୁ ହୋଇଥିଲା। ଏହା ତାଙ୍କର ବ୍ୟକ୍ତିଗତ କ୍ଷତି ଥିଲା, ସେ କାହାକୁ ହତ୍ୟା କରାଇଥିବା କହିନ ଥିଲେ ବୋଲି ଦାବି କରିଛନ୍ତି। ଏହି ବିବାଦ ଜେଡିୟୁରେ ପାଟନା ସ୍ନାତକ ନିର୍ବାଚନମଣ୍ଡଳୀର ବିଧାନ ପରିଷଦ ପ୍ରାର୍ଥୀ ଚୟନକୁ ନେଇ ଦେଖାଦେଇଥିବା ମତଭେଦ ମଧ୍ୟରେ ସାମ୍ନାକୁ ଆସିଛି।

ବାଂଲାଦେଶ ବିଶ୍ୱବିଦ୍ୟାଳୟରେ ଗୋମାଂସ ରାନ୍ଧିବାକୁ ଅନୁମତି

ଢାକା ,୧୬ ।୧୦(ଏଜେନ୍ସି):ବାଂଲାଦେଶର ଜଗନ୍ନାଥ ବିଶ୍ୱବିଦ୍ୟାଳୟ ପରିସରରେ ଗୋମାଂସ ରାନ୍ଧିବାକୁ ନେଇ ବିବାଦ ପରେ ପଶୁ ବଧ ସମ୍ପର୍କରେ ଜାରି ପୂର୍ବ ନିଷେଧାଦେଶକୁ ପ୍ରଶାସନ ପ୍ରତ୍ୟାହାର କରିଛି। ଅନ୍ୟମାନଙ୍କ ଧାର୍ମିକ କାର୍ଯ୍ୟରେ ବାଧା ନଦେଇ ଛାତ୍ରଛାତ୍ରୀ ଏଭଳି ଆୟୋଜନ କରିପାରିବେ ବୋଲି ବିଶ୍ୱବିଦ୍ୟାଳୟ ସ୍ପଷ୍ଟ କରିଛି। ଅକ୍ଟୋବର ୧୨ରେ ମନ୍ଦିର ନିକଟରେ ଗୋମାଂସ ଖିଚୁଡ଼ି ରାନ୍ଧିବାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଏହାକୁ କେତେକ ହିନ୍ଦୁ ଛାତ୍ର ବିରୋଧ କରିବା ପରେ ଆୟୋଜକମାନେ ସ୍ଥାନ ପରିବର୍ତ୍ତନ କରିଥିଲେ। ପରେ ପ୍ରଶାସନ ପଶୁ ବଧ ଉପରେ କଟକଣା ଜାରି କରିଥିଲା। ଏହାର ପ୍ରତିବାଦରେ କେତେକ ମୁସଲମାନ ଛାତ୍ର ଗୋବଧ କରି ଭୋଜି ଆୟୋଜନ କରିବାକୁ ଘୋଷଣା କରିଥିଲେ। ପରେ ପ୍ରଶାସନ ନୂଆ ବିଜ୍ଞପ୍ତି ଜାରି କରି ଧାର୍ମିକ କାର୍ଯ୍ୟରେ ବାଧା ନଦେବା ସର୍ତ୍ତରେ ଏଭଳି ଆୟୋଜନକୁ ଅନୁମତି ଦେଇଛି।

ଖାଦ୍ୟ ବିଷକ୍ରିୟା ଆଶଙ୍କା: ୭୫ ବିଏସ୍‌ଏଫ୍ ଯବାନ ହସ୍ପିଟାଲରେ ଭର୍ତ୍ତି

ଇମ୍ଫାଲ,୧୬ ।୧୦(ଏଜେନ୍ସି): ମଣିପୁରରେ ସନ୍ଦିଗ୍ଧ ଖାଦ୍ୟ ବିଷକ୍ରିୟା ଯୋଗୁଁ ୭୫ ଜଣ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନଙ୍କ ସମେତ ତିନି ଜଣ ସାଧାରଣ ନାଗରିକ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗୁରୁବାର ସେମାନଙ୍କୁ ଇମ୍ଫାଲର ଆଞ୍ଚଳିକ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନ (ରିମ୍ସ) ହସ୍ପିଟାଲକୁ ନିଆଯାଇଥିଲା। ହସ୍ପିଟାଲର ଅଧୀକ୍ଷକ ଡାକ୍ତର ଏମ୍. ରାମେଶ୍ୱର କହିଛନ୍ତି, ବର୍ତ୍ତମାନ କାହାରି ଅବସ୍ଥା ଗୁରୁତର ନାହିଁ। ଅସୁସ୍ଥ ଯବାନମାନେ ବିଏସ୍‌ଏଫ୍‌ର ୫୮ତମ ବାଟାଲିୟନର ଡେଲ୍ଟା କମ୍ପାନିର। ସେମାନେ ବୁଧବାର ନାଗାଲାଣ୍ଡର ଦିମାପୁରରୁ ଇମ୍ଫାଲରେ ପହଞ୍ଚିଥିଲେ। ବର୍ତ୍ତମାନ ସେମାନେ ଇମ୍ଫାଲ ପଶ୍ଚିମ ଜିଲ୍ଲାର ଏକ ଅସ୍ଥାୟୀ ଶିବିରରେ ରହୁଛନ୍ତି। ଘଟଣାର ତଦନ୍ତ ପାଇଁ ରାଜ୍ୟ ଖାଦ୍ୟ ସୁରକ୍ଷା ବିଭାଗ ଏବଂ ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମର ଏକ ଦଳ ଶିବିର ପରିଦର୍ଶନ କରିଛନ୍ତି।

ରାତିରେ ସହରକୁ ଆଲୋକିତ କରିବ ମହାକାଶର ବିଶାଳ ଦର୍ପଣ

ୱାଶିଂଟନ,୧୬ ।୧୦(ଏଜେନ୍ସି): ରାତିରେ ପୃଥିବୀର ନିର୍ଦ୍ଦିଷ୍ଟ ଅଞ୍ଚଳକୁ ସୂର୍ଯ୍ୟକିରଣରେ ଆଲୋକିତ କରିବାକୁ ଯୋଜନା କରୁଛି ଆମେରିକାର ମହାକାଶ ପ୍ରଯୁକ୍ତି ସଂସ୍ଥା ରିଫ୍ଲେକ୍ଟ ଅର୍ବିଟାଲ୍। ଏଥିପାଇଁ ପୃଥିବୀର କକ୍ଷପଥରେ ବିଶାଳ ଦର୍ପଣ ଲଗାଯିବ। ଏହି ପ୍ରକଳ୍ପ ପାଇଁ କମ୍ପାନିଟି ଭାରତୀୟ ମହାକାଶ ସଂସ୍ଥା ସ୍କାଏରୁଟ୍ ଏରୋସ୍ପେସ୍ ସହ ଦୁଇଟି ଉତ୍କ୍ଷେପଣ ନେଇ ଚୁକ୍ତି କରିଛି। ଏହି ଉପଗ୍ରହଗୁଡ଼ିକୁ ସ୍କାଏରୁଟ୍‌ର ବିକ୍ରମ ରକେଟ୍ ସାହାଯ୍ୟରେ ମହାକାଶକୁ ପଠାଯିବ। ଏହାଦ୍ୱାରା ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ପାଇଁ ଆଲୋକ ଯୋଗାଇବା ସହ ସୌର ଶକ୍ତି କେନ୍ଦ୍ରଗୁଡ଼ିକରେ ବିଦ୍ୟୁତ୍ ଉତ୍ପାଦନ ସମୟ ବଢ଼ାଇବାର ଲକ୍ଷ୍ୟ ରହିଛି। କମ୍ପାନିର ଯୋଜନା ଅନୁଯାୟୀ, ପ୍ରାୟ ପାଞ୍ଚ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳକୁ ଆବଶ୍ୟକ ଅନୁସାରେ ଆଲୋକିତ କରାଯାଇପାରିବ। ଆଲୋକର ତୀବ୍ରତା ନିୟନ୍ତ୍ରଣ କରିବା ସହ ଯେକୌଣସି ସମୟରେ ଏହାକୁ ବନ୍ଦ କରିବାର ବ୍ୟବସ୍ଥା ରହିବ। ସ୍କାଏରୁଟ୍ ଏରୋସ୍ପେସ୍‌ର ମୁଖ୍ୟ ପବନ ଚନ୍ଦନା କହିଛନ୍ତି, ରିଫ୍ଲେକ୍ଟ ଅର୍ବିଟାଲ୍ ମହାକାଶ ପ୍ରଯୁକ୍ତିର ଏକ ନୂଆ ଉପଯୋଗ ଉପରେ କାମ କରୁଛି। ପ୍ରଥମ ଉତ୍କ୍ଷେପଣ ବିକ୍ରମ-୧ ରକେଟ୍‌ରେ ହେବ ଏବଂ ଦ୍ୱିତୀୟଟି ବିକ୍ରମ-୧ ଯୁ ଯାନରେ କରାଯିବ। ତେବେ ଏହି ଯୋଜନାକୁ ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ରାତିରେ ଅତିରିକ୍ତ ଆଲୋକ ଯୋଗୁଁ ବନ୍ୟଜନ୍ତୁଙ୍କ ଜୀବନଚକ୍ର, ମଣିଷର ଜୈବିକ ଘଣ୍ଟା ଏବଂ ମହାକାଶ ଗବେଷଣା ପ୍ରଭାବିତ ହୋଇପାରେ ବୋଲି ବିଭିନ୍ନ ପରିବେଶ ସଂଗଠନ ଆଶଙ୍କା ପ୍ରକାଶ କରିଛନ୍ତି।

ରୁଷ୍ ସେନା ଅଧିକାରୀଙ୍କ ଯୋଗୁଁ ୩୦୦ରୁ ଊର୍ଦ୍ଧ୍ୱ ରୁଷ୍ ସୈନ୍ୟ ମୃତ

କିଭ,୧୬।୧୦(ଏଜେନ୍ସି): ରୁଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି। ରୁଷ୍ ସେନାର ଜଣେ ୨୬ ବର୍ଷୀୟ ଲେଫ୍ଟନାଣ୍ଟ, ଲେଭ୍ ଷ୍ଟୁପନିକୋଭ୍ ଗୁପ୍ତରେ ୟୁକ୍ରେନ ଗୁଇନ୍ଦା ସଂସ୍ଥାକୁ ଗୁରୁତ୍ୱପୂର୍ଣ୍ଣ ସାମରିକ ତଥ୍ୟ ପ୍ରଦାନ କରି ନିଜ ଦେଶ ବିରୋଧରେ କାର୍ଯ୍ୟ କରିଛନ୍ତି। ଷ୍ଟୁପନିକୋଭ୍ ରୁଷର ୩୬ତମ ମୋଟର ରାଇଫଲ ବ୍ରିଗେଡରେ ମୁଖ୍ୟ ସିଗନାଲ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ଏହି ପଦବୀର ଫାଇଦା ଉଠାଇ ସେ ରୁଷୀୟ ସୈନ୍ୟଙ୍କ ଗତିବିଧି, ଯୁଦ୍ଧ ଯୋଜନା, ଏବଂ ଡ୍ରୋନ୍ ତଥା ସୁରକ୍ଷା କ୍ୟାମେରାର ତଥ୍ୟ ୟୁକ୍ରେନ୍‌କୁ ପଠାଉଥିଲେ। ତାଙ୍କ ନିର୍ଭୁଲ୍ ସୂଚନା ଆଧାରରେ ୟୁକ୍ରେନ ସେନା କ୍ଷେପଣାସ୍ତ୍ର ଆକ୍ରମଣ କରି ୩୦୦ରୁ ଊର୍ଦ୍ଧ୍ୱ ରୁଷୀୟ ସୈନ୍ୟଙ୍କୁ ନିପାତ କରିଛି। ଫେବୃଆରୀ ୨୦୨୪ରେ ହୋଇଥିବା ଏକ ପ୍ରମୁଖ ଆକ୍ରମଣରେ ୬୮ ଜଣ ରୁଷୀୟ ସୈନ୍ୟ ପ୍ରାଣ ହରାଇଥିଲେ। ସେଥିରେ କମାଣ୍ଡର କର୍ନେଲ ଗୁସେନ୍ ମୁସାୟେଭ୍ ମଧ୍ୟ ସାମିଲ ଥିଲେ। ଏହି ଗୁପ୍ତ ଅପରେସନ୍ ପରେ ଜୁଲାଇ ୨୦୨୪ରେ ଷ୍ଟୁପନିକୋଭ୍ ରାତିସାରା ଯୁଦ୍ଧକ୍ଷେତ୍ର ଅତିକ୍ରମ କରି ୟୁକ୍ରେନ ସୀମାରେ ପ୍ରବେଶ କରିଥିଲେ। ପୂର୍ବ ନିର୍ଦ୍ଧାରିତ ପାସୱାର୍ଡ 'ପିନଟ୍ ଶପ୍' କହି ସେ ୟୁକ୍ରେନ ସେନା ନିକଟରେ ଆତ୍ମସମର୍ପଣ କରିଥିଲେ।

ୟୁକ୍ରେନ୍‌କୁ ତଥ୍ୟ ଲିକ୍

ବର୍ତ୍ତମାନ ସେ ରୁଷୀୟ ଭଲଣ୍ଟିଅର କୋରରେ ଯୋଗଦେଇ ପୁଟିନ୍ ସରକାର ବିରୋଧରେ ଲଢେଇ କରୁଛନ୍ତି। ତାଙ୍କ ମତରେ, ସେ ନିଜ ସାମରିକ ଶପଥ ଭଙ୍ଗ କରିନାହାନ୍ତି ବରଂ ନିଜ ଦେଶର ସ୍ୱାଧୀନତା ଏବଂ ସମ୍ବିଧାନକୁ ରକ୍ଷା କରିବା ପାଇଁ ଏହି ପଦକ୍ଷେପ ନେଇଛନ୍ତି।

ସିଜେଆଇଙ୍କ ଉପରେ ମନ୍ତବ୍ୟ

ସଞ୍ଜୟ ରାଉତଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ,୧୬ ।୧୦(ଏଜେନ୍ସି): ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ସମ୍ପର୍କରେ ମନ୍ତବ୍ୟ ଦେବା ମାମଲାରେ ଶିବସେନା (ଉଦ୍ଧବ ବାଲାସାହେବ ଠାକରେ) ସାଂସଦ ସଞ୍ଜୟ ରାଉତ ଓ ସାମ୍ବାଦିକ ନିଖିଲ ୱାଗଲେଙ୍କୁ ଶୁକ୍ରବାର ନୋଟିସ୍ ଜାରି କରିଛନ୍ତି ସୁପ୍ରିମକୋର୍ଟ। ଏହି ମନ୍ତବ୍ୟଗୁଡ଼ିକ ପାଇଁ କାହିଁକି ଅଦାଲତ ଅବମାନନା ମାମଲା ଆରମ୍ଭ କରାଯିବ ନାହିଁ, ସେ ନେଇ ଉଭୟଙ୍କଠାରୁ ଜବାବ ମାଗିଛନ୍ତି। ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ (ଏସ୍‌ସିବିଏ) ପକ୍ଷରୁ ଦାଖଲ ଅପରାଧିକ ଅଦାଲତ ଅବମାନନା ଆବେଦନ ପରେ ଏହି ପଦକ୍ଷେପ ନିଆଯାଇଛି। ନିର୍ବାଚନ ଆୟୋଗର କାର୍ଯ୍ୟପ୍ରଣାଳୀ ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରସଙ୍ଗରେ ଇଣ୍ଡିଆ ମେଣ୍ଟ ନେତାଙ୍କୁ ଭେଟିବାକୁ ସିଜେଆଇ ମନା କରିବା ପରେ ରାଉତ ଓ ୱାଗଲେ ତାଙ୍କୁ ସମାଲୋଚନା କରିଥିଲେ। ଅଦାଲତ କହିଛନ୍ତି, ନ୍ୟାୟପାଳିକା ଉପରେ ଆକ୍ରମଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତେବେ ପରବର୍ତ୍ତୀ ଶୁଣାଣିରେ ଉଭୟଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାରୁ ଛାଡ଼ ଦିଆଯାଇଛି। ପ୍ରଥମେ ସେମାନଙ୍କ ଜବାବ ବିଚାର କରାଯିବ। ଅକ୍ଟୋବର ୧୨ରେ ରାହୁଲ ଗାନ୍ଧୀଙ୍କ ସମେତ ବିରୋଧୀ ନେତାମାନେ ଏସ୍‌ଆଇଆର୍‌କୁ ବିରୋଧ କରି ସୁପ୍ରିମକୋର୍ଟ ଅଭିମୁଖେ ଶୋଭାଯାତ୍ରା କରିଥିଲେ ଏବଂ ୧୩ଟି ଆବେଦନ ଦାଖଲ କରିଥିଲେ। ଏହା ପରେ ଅକ୍ଟୋବର ୧୫ରେ ଏସ୍‌ସିବିଏ ଅଦାଲତ ଅବମାନନା ଆବେଦନ କରିଥିଲା। ୱାଗଲେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସିଜେଆଇଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇ ପରେ ତାହା ପ୍ରତ୍ୟାହାର କରିଥିବା ଏସ୍‌ସିବିଏ ଅଭିଯୋଗ କରିଛି।

ମହିଳା କର୍ମୀଙ୍କୁ ଆକ୍ରମଣ ଅଭିଯୋଗ; ଏନ୍‌ଏସ୍‌ୟୁଆଇ ଅଧ୍ୟକ୍ଷ ଅଟକ

ମହିଳା କର୍ମୀଙ୍କୁ ଆକ୍ରମଣ ଅଭିଯୋଗରେ ଏତଲା ଦାବି କରି ପ୍ରତିବାଦ କରୁଥିବା ଏନ୍‌ଏସ୍‌ୟୁଆଇ ଅଧ୍ୟକ୍ଷ ବିନୋଦ ଝାଖରଙ୍କ ସମେତ ଅନେକ କଂଗ୍ରେସ କର୍ମୀଙ୍କୁ ଦିଲ୍ଲୀ ପୁଲିସ ଅଟକ ରଖିଛି। ସେମାନେ ସଂସଦ ମାର୍ଗ ଥାନା ସମ୍ମୁଖରେ ଧାରଣା ଦେଉଥିଲେ। କଂଗ୍ରେସର ଛାତ୍ର ସଂଗଠନ ଏନ୍‌ଏସ୍‌ୟୁଆଇ ଅଭିଯୋଗ କରିଛି ଯେ, ଅକ୍ଟୋବର ୧୦ ତାରିଖରେ ପ୍ରତିବାଦ ସମୟରେ ଏହାର ମହିଳା କର୍ମୀଙ୍କୁ ମାଡ଼ ମରାଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତ ମହିଳା ପୁଲିସ ଅଧିକାରୀଙ୍କ ବିରୋଧରେ ଏତଲା ଦାବି କରିଛି ସଂଗଠନ। ବୁଧବାର ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ। ପୀଡ଼ିତାଙ୍କ ସହ ସାମ୍ବାଦିକ ସମ୍ମିଳନୀ କରି ସେ ଘଟଣାର ପ୍ରମାଣ ସଂରକ୍ଷିତ ରଖିବାକୁ ଆହ୍ୱାନ ଦେଇଥିଲେ। ସେହି ପ୍ରମାଣ ଆଧାରରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯିବ ବୋଲି ସେ କହିଥିଲେ।

ଧ୍ରୁବ ରାଠୀଙ୍କ ଗିରଫ ଖବରକୁ ନୋଏଡା ପୁଲିସର ଖଣ୍ଡନ

ନୋଏଡା, ୧୬ ।୧୦(ଏଜେନ୍ସି): ଲୋକପ୍ରିୟ ୟୁଟ୍ୟୁବର୍ ଧ୍ରୁବ ରାଠୀ ଗିରଫ ହୋଇଥିବା ନେଇ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ଖବରକୁ ନୋଏଡା ପୁଲିସ ଖଣ୍ଡନ କରିଛି। ଏହି ଖବରକୁ ମିଥ୍ୟା, ବିଭ୍ରାନ୍ତିକର ଓ ଭିତ୍ତିହୀନ ବୋଲି କହିବା ସହ ଅପପ୍ରଚାରରୁ ଦୂରେଇ ରହିବାକୁ ପୁଲିସ ସାଧାରଣ ଲୋକଙ୍କୁ ଅନୁରୋଧ କରିଛି। ପୁଲିସର ସ୍ପଷ୍ଟୀକରଣ ଅନୁଯାୟୀ, ଧ୍ରୁବ ରାଠୀଙ୍କୁ ନୋଏଡା ପୁଲିସ ଗିରଫ କରିନାହିଁ। ସାମାଜିକ ଗଣମାଧ୍ୟମରେ କୌଣସି ସୂଚନା ପ୍ରସାର କରିବା ପୂର୍ବରୁ ତାହାର ସତ୍ୟତା ଯାଞ୍ଚ କରିବାକୁ ପୁଲିସ ପରାମର୍ଶ ଦେଇଛି। ମିଥ୍ୟା ଖବର, ବିଭ୍ରାନ୍ତିକର ସୂଚନା କିମ୍ବା ଗୁଜବ ପ୍ରଚାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୧୦ରେ ଦିଲ୍ଲୀରେ କକ୍‌ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିବାଦ ପୂର୍ବରୁ ଗୁରୁଗ୍ରାମର ସେକ୍ଟର ୫୬ସ୍ଥିତ ବାସଭବନରୁ ଧ୍ରୁବ ରାଠୀଙ୍କୁ ଦିଲ୍ଲୀ ପୁଲିସ ଅଟକ ରଖିଥିଲା। ଏହାକୁ ସିଜେପି ଦୃଢ଼ ନିନ୍ଦା କରିବା ସହ ମତଦାତା ତାଲିକାରେ କଥିତ ଅନିୟମିତତାକୁ ନେଇ ଉଠୁଥିବା ପ୍ରତିବାଦର ସ୍ୱରକୁ ଦମନ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ଅଭିଯୋଗ କରିଥିଲା।

ଗୁଜବ ପ୍ରଚାରକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଚେତାବନୀ

୨୦୨୦ ଦିଲ୍ଲୀ ଦଙ୍ଗା।

ପ୍ରମାଣ ଅଭାବ; ହତ୍ୟା ଅଭିଯୋଗରୁ ୮ ଦୋଷମୁକ୍ତ

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି): ଦିଲ୍ଲୀ ଦଙ୍ଗା ସମୟରେ ୨୦୨୦ରେ ଜଣେ ଅଟୋ ଚାଳକଙ୍କୁ ହତ୍ୟା କରାଯିବା ମାମଲାରେ ଦିଲ୍ଲୀର ଏକ କୋର୍ଟ ପ୍ରମାଣ ଅଭାବ ଦର୍ଶାଇ ୮ ଜଣଙ୍କୁ ଦୋଷମୁକ୍ତ କରିଛନ୍ତି। ସେମାନଙ୍କ ଉପରେ ହତ୍ୟା, ଦଙ୍ଗା ଏବଂ ସାମ୍ପ୍ରଦାୟିକ ଶତ୍ରୁତା ସୃଷ୍ଟି ଅଭିଯୋଗ ରହିଥିଲା। ତେବେ ଦଙ୍ଗା ବେଳେ ୧୪୪ ଧାରା ଅମାନ୍ୟ କରିଥିବାରୁ ଅଦାଲତ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସୂଚନା ଅନୁଯାୟୀ, ୨୦୨୦ ଫେବୃଆରୀ ୨୫ରେ ଖଜୁରୀ ଛକଠାରେ ବାବୁ ନାମକ ଅଟୋ ଡ୍ରାଇଭରଙ୍କ ଉପରେ ଆକ୍ରମଣ ହୋଇଥିଲା। ଗୁରୁତର ଆହତ ବାବୁଙ୍କର ଜିଟିବି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତାଙ୍କ ଭାଇ ପାପ୍ପୁଙ୍କ ବୟାନ ଆଧାରରେ ପୁଲିସ ମାମଲା ରୁଜୁ କରିଥିଲା। ଅତିରିକ୍ତ ସେସନ୍ସ ଜଜ୍ ପରବୀନ୍ ସିଂହ ଏହି ମାମଲାର ଅଭିଯୁକ୍ତ ସଚିନ ଗୁପ୍ତା ଓରଫ ମୋପିଙ୍କୁ ସ୍ପଷ୍ଟ ପ୍ରମାଣ ଅଭାବରେ ଖଲାସ କରିଛନ୍ତି। ଅନ୍ୟ ୭ଜଣ ଅଭିଯୁକ୍ତ, କୁଲଦୀପ, ହରଜିତ ସିଂହ ଓରଫ ହାପି, ଅଜୟ ଓରଫ ରାହୁଲ, ସଚିନ ରସ୍ତୋଗୀ, ଭାରତ ଭୂଷଣ, ସନ୍ଦୀପ ଓରଫ ସଞ୍ଜୀବ ଏବଂ ଧର୍ମେନ୍ଦର ଓରଫ ଧାମଙ୍କୁ ମଧ୍ୟ ପ୍ରମାଣ ଅଭାବରେ ନିର୍ଦ୍ଦୋଷରେ ଖଲାସ କରାଯାଇଛି। କିନ୍ତୁ ୧୪୪ ଧାରା ଉଲ୍ଲଂଘନ ଅଭିଯୋଗରେ ଉକ୍ତ ୭ ଜଣଙ୍କ ଉପରେ ଦଣ୍ଡବିଧାନ ନେଇ ପରବର୍ତ୍ତୀ ସମୟରେ ଶୁଣାଣି ହେବ। କେବଳ ଜଣେ ପୁଲିସ ସାକ୍ଷୀଙ୍କ ବୟାନ ଆଧାରରେ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ଉଚିତ୍ ନୁହେଁ ବୋଲି କୁହାଯାଇଛି।

ଆମେରିକା ସ୍କୁଲରେ ଗୁଳିକାଣ୍ଡ; ୩ ଶିଶୁ ଓ ଶିକ୍ଷକ ମୃତ

ଓରେଗନ୍,୧୬।୧୦(ଏଜେନ୍ସି): ଆମେରିକାର ଓରେଗନ୍ ରାଜ୍ୟର ବେଣ୍ଡ ସହରସ୍ଥିତ ସିଲଭର୍ ରେଲ୍ ପ୍ରାଥମିକ ସ୍କୁଲରେ ଜଣେ ୧୬ ବର୍ଷୀୟ କିଶୋର ଗୁଳିକାଣ୍ଡ ଘଟାଇଛି। ଏହି ଆକ୍ରମଣରେ ୫, ୮ ଓ ୧୧ ବର୍ଷ ବୟସର ତିନିଜଣ ଶିଶୁ ଏବଂ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ୭ ବର୍ଷର ଶିଶୁ ଓ ଅନ୍ୟ ଜଣେ ଶିକ୍ଷକ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପୁଲିସ ଅନୁଯାୟୀ, ଗୁରୁବାର ଦିନ ପ୍ରାୟ ୧ଟାରେ ସନ୍ଦିଗ୍ଧ କିଶୋର ଜଣକ ସ୍କୁଲ କବାଟକୁ ଗୁଳି ମାରି ଭିତରକୁ ପ୍ରବେଶ କରିଥିଲା। ଏହାପରେ ସେ ଅତର୍କିତ ଗୁଳି ଚଳାଇଥିଲେ। ତେବେ ଘଟଣାସ୍ଥଳରେ ଉପସ୍ଥିତ ଜଣେ ସ୍ଥାନୀୟ ନାଗରିକ ସାହସିକତାର ସହ ଆକ୍ରମଣକାରୀର ପିଛା କରି ତାକୁ ଗୁଳି କରି ନିହତ କରିଥିଲେ। ପୁଲିସ ପହଞ୍ଚିବା ପୂର୍ବରୁ ଆକ୍ରମଣକାରୀର ମୃତ୍ୟୁ ଘଟିସାରିଥିଲା। ତେବେ ଘଟଣାର ଅଭିଯୁକ୍ତଙ୍କ ନାମ ଜଣାପଡ଼ିନାହିଁ। ଏହି ହୃଦୟବିଦାରକ ଘଟଣା ପରେ ସ୍ଥାନୀୟ ସହରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକମାନେ କ୍ୟାଣ୍ଡେଲ ଶୋଭାଯାତ୍ରା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ଆମେରିକାରେ ସ୍ତ୍ରୀକୁ ହତ୍ୟା କରି ଭାରତ ଫେରିବାକୁ ଚେଷ୍ଟା; ଅଭିଯୁକ୍ତ ଗିରଫ

ଚିକାଗୋ,୧୬।୧୦(ଏଜେନ୍ସି): ଆମେରିକାର ଚିକାଗୋରେ ଜଣେ ୩୧ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଯୁବକ ଅଙ୍କୁର ପଟେଲ ନିଜ ୩୨ ବର୍ଷୀୟା ସ୍ତ୍ରୀଙ୍କୁ ନୃଶଂସଭାବେ ହତ୍ୟା କରିଛନ୍ତି। ହତ୍ୟାପରେ ଭାରତ ଫେରିବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଅଙ୍କୁର ଓ ତାଙ୍କ ସ୍ତ୍ରୀ ଉଭୟ ଅଲଗା ରହୁଥିଲେ। ତାଙ୍କ ସ୍ତ୍ରୀଙ୍କର ସେମାନଙ୍କର ପୂର୍ବତନ ସହକର୍ମୀଙ୍କ ସହ ସମ୍ପର୍କ ଗଢ଼ିଉଠିଥିଲା। ଏହାପରେ ସେ ଅଙ୍କୁରଙ୍କ ସହ ପୁନର୍ବାର ରହିବାକୁ ମନା କରିଦେଇଥିଲେ। ଫଳରେ ଗତ ଅଗଷ୍ଟ ମାସରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଉଭୟ ଅଲଗା ହେବା ପରେ ସେମାନଙ୍କ ଝିଅ ଅଙ୍କୁରଙ୍କ ପାଖରେ ରହୁଥିଲେ। ଅଙ୍କୁର ନିଜ ସ୍ତ୍ରୀଙ୍କୁ ନ ଜଣାଇ ଝିଅକୁ ଭାରତରେ ଥିବା ନିଜ ବାପା-ମାଆଙ୍କ ପାଖକୁ ପଠାଇ ଦେଇଥିଲେ। ପରେ ଝିଅକୁ ଭେଟାଇବା ବାହାନା କରି ସେ ସ୍ତ୍ରୀଙ୍କୁ ଶିକାଗୋସ୍ଥିତ ଆପାର୍ଟମେଣ୍ଟକୁ ଡାକିଥିଲେ। ସେଠାରେ ଅଙ୍କୁର ନିଜ ସ୍ତ୍ରୀଙ୍କୁ ତାଙ୍କ ସହିତ ରହିବାକୁ ଅନୁରୋଧ କରିଥିଲେ। ଏହାକୁ ତାଙ୍କ ପତ୍ନୀ ସିଧାସଳଖ ମନା କରିବାରୁ କ୍ରୋଧାନ୍ୱିତ ହୋଇ ଅଙ୍କୁର ତାଙ୍କ ବେକରେ ଛୁରି ଭୁସି ଦେଇଥିଲେ। ହତ୍ୟାକାଣ୍ଡ ପରେ ଅଙ୍କୁର ଶିକାଗୋର ଓ'ହାରେ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଭାରତ ଫେରାର ହେବାକୁ ଚେଷ୍ଟା କରିଥିଲେ। କାଉଣ୍ଟର ବନ୍ଦ ଥିବାରୁ ସେ ସେହି ଦିନ ଟିକେଟ୍ ପାଇନଥିଲେ ଏବଂ ଏକ ହୋଟେଲରେ ରହି ଛୁରିକୁ ଫିଙ୍ଗି ଦେଇଥିଲେ। ପରଦିନ ବିମାନରେ ଚଢ଼ିବା ପୂର୍ବରୁ ପୁଲିସ ତାଙ୍କୁ ଗିରଫ କରିଥିଲା।

ସର୍ବଦଳୀୟ ବୈଠକ ଡାକିବାକୁ ମୋଦୀଙ୍କୁ ଖଡ଼ଗେଙ୍କ ଚିଠି

ନୂଆଦିଲ୍ଲୀ,୧୬ ।୧୦(ଏଜେନ୍ସି):ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ପ୍ରସ୍ତାବ ଉପରେ ଆଲୋଚନା ପାଇଁ ସର୍ବଦଳୀୟ ବୈଠକ ଡାକିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ। ସଂସଦରେ ବ୍ୟାପକ ପ୍ରଭାବ ପକାଉଥିବା ସାମ୍ବିଧାନିକ ସଂଶୋଧନ ବିଲ୍?କୁ ଜୋରଜବରଦସ୍ତି ଗୃହୀତ କରାଇବାକୁ ଉଦ୍ୟମ ନକରିବା ପାଇଁ ସେ ସତର୍କ କରାଇଛନ୍ତି। ଖଡ଼ଗେଙ୍କ ଅନୁଯାୟୀ, ଅଗଷ୍ଟ ୧୩ରେ ସଂସଦର ମୌସୁମୀ ଅଧିବେଶନ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହେବାର ୬୪ ଦିନ ବିତିଥିଲେ ମଧ୍ୟ ଉଭୟ ଗୃହର ଅଧିବେଶନ ଆନୁଷ୍ଠାନିକ ଭାବେ ସମାପ୍ତ ହୋଇନାହିଁ। ସୀମା ପୁନଃନିର୍ଦ୍ଧାରଣ ବିଲ୍? ଆଣିବା ପୂର୍ବରୁ ସର୍ବଦଳୀୟ ବୈଠକ ଡାକିବାକୁ ସେ ଏପ୍ରିଲ ୧୧ରୁ ଅନୁରୋଧ କରିଆସୁଛନ୍ତି। ଏପ୍ରିଲ ୧୭ରେ ଲୋକସଭାରେ ସମ୍ପୃକ୍ତ ସାମ୍ବିଧାନିକ ସଂଶୋଧନ ବିଲ୍ ଆବଶ୍ୟକ ଦୁଇ-ତୃତୀୟାଂଶ ସମର୍ଥନ ନପାଇବାରୁ ଗୃହୀତ ହୋଇପାରି ନଥିଲା। ଏହାପରେ ଜୁଲାଇ ୧୬ ଓ ଅଗଷ୍ଟ ୨୭ରେ ମଧ୍ୟ ସେ ଚିଠି ଲେଖିଥିବା ଉଲ୍ଲେଖ କରିଛନ୍ତି। ନୂଆ ପ୍ରସ୍ତାବ ସଂସଦରେ ଉପସ୍ଥାପନ ପୂର୍ବରୁ ସବୁ ରାଜନୈତିକ ଦଳ ଓ ସମ୍ପୃକ୍ତ ପକ୍ଷଙ୍କୁ ଯଥେଷ୍ଟ ଆଲୋଚନା ସୁଯୋଗ ଦେବାକୁ ସେ ଦାବି କରିଛନ୍ତି।

'ଆମେ ସରକାର ପରିବର୍ତ୍ତନ ଚାହୁଁଛୁ': ପ୍ରଶାନ୍ତ ଭୂଷଣ



ନୂଆଦିଲ୍ଲୀ,୧୬ ।୧୦(ଏଜେନ୍ସି):ମୁଖ୍ୟ ନିର୍ବାଚନ କମିସନରଙ୍କ ବିରୋଧରେ ଚାଲିଥିବା ପ୍ରତିବାଦ ମଧ୍ୟରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ସରକାର ପରିବର୍ତ୍ତନ ଦାବି କରିଛନ୍ତି। ଏହାକୁ ନେଇ ପ୍ରତିବାଦକାରୀଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଥିବା ବିଜେପି କହିଛି। ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଭୂଷଣ କହିଥିଲେ, ଗଣତନ୍ତ୍ରରେ ସରକାରଙ୍କ ବିରୋଧରେ ଅସନ୍ତୋଷ ପ୍ରଚାର କରିବା ଅପରାଧ ନୁହେଁ। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଦାବିରୁ ଆରମ୍ଭ ହୋଇଥିବା ଲଢେଇ ଏବେ ସରକାର ପରିବର୍ତ୍ତନ ପାଇଁ ଲଢେଇରେ ପରିଣତ ହୋଇଛି ବୋଲି ସେ କହିଥିଲେ। ଏହାର ଜବାବରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ବିରୋଧୀ ଦେଶର ଯୁବପିଢ଼ିଙ୍କୁ ଅରାଜକତାମୂଳକ ରାଜନୀତିରେ ବ୍ୟବହାର କରିବାକୁ ଚାହୁଁଛନ୍ତି। ବାଂଲାଦେଶରେ ହୋଇଥିବା ପରିବର୍ତ୍ତନ ଢାଞ୍ଚାରେ ଭାରତରେ ସରକାର ବଦଳାଇବାକୁ ଉଦ୍ୟମ ହେଉଥିବା ସେ ଅଭିଯୋଗ କରିଛନ୍ତି। ବିଜେପି ମୁଖପାତ୍ର ସିଆର୍ କେଶବନ ମଧ୍ୟ ଅଭିଯୋଗ କରିଛନ୍ତି ଯେ, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରସଙ୍ଗକୁ ଆଳ କରି ବିରୋଧୀ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ଚାହୁଁଛନ୍ତି। ତେବେ ପ୍ରତିବାଦକାରୀଙ୍କ ପକ୍ଷରୁ ନିର୍ବାଚନରେ ସ୍ୱଚ୍ଛତା ଓ ସାଧାରଣ ଅଧିକାରର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି।

ସାଉଦି ଆରବକୁ ବିମାନ ଚଳାଚଳ ବାତିଲ୍ ଅବଧି ବଢ଼ାଇଲେ ଏୟାରଲାଇନ୍ସ

ନୂଆଦିଲ୍ଲୀ,୧୬ ।୧୦(ଏଜେନ୍ସି): ସାଉଦି ଆରବର ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ବିମାନ କମ୍ପାନିଗୁଡ଼ିକ ସେଠାକୁ ବିମାନ ଚଳାଚଳ ବାତିଲ୍ ଅବଧି ବଢ଼ାଇଛନ୍ତି। ଟାଟା ଗ୍ରୁପ୍‌ର ଏୟାର ଇଣ୍ଡିଆ ସାଉଦି ଆରବର ରିୟାଦ, ଦାମ୍ମାମ୍ ଓ ଜେଦ୍ଦାକୁ ଯାଉଥିବା ଏବଂ ସେଠାରୁ ଆସୁଥିବା ସମସ୍ତ ବିମାନ ସେବାକୁ ଅକ୍ଟୋବର ୨୦ ପର୍ଯ୍ୟନ୍ତ ବାତିଲ୍ କରିଛି। ଅନ୍ୟପକ୍ଷରେ, ଇଣ୍ଡିଗୋ ଅକ୍ଟୋବର ୨୪ ପର୍ଯ୍ୟନ୍ତ ଚାରିଟି ସହରକୁ ବିମାନ ଚଳାଚଳ ସ୍ଥଗିତ ରଖିଛି। ଏୟାର ଇଣ୍ଡିଆ କହିଛି ଯେ ସାଉଦି ଆରବର ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି। ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ପରିସ୍ଥିତିର ସମୀକ୍ଷା କରାଯିବା ପରେ ବିମାନ ସେବା ପୁନଃ ଆରମ୍ଭ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଇଣ୍ଡିଗୋ ରିୟାଦ, ଜେଦ୍ଦା, ଦାମ୍ମାମ୍ ଓ ମଦିନାକୁ ବିମାନ ଚଳାଚଳ ଅକ୍ଟୋବର ୨୪ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। ସେହିପରି ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପୂର୍ବରୁ ରିୟାଦକୁ ବିମାନ ସେବା ବାତିଲ୍ କରିଥିବାବେଳେ ଏବେ ରିୟାଦ, ଦାମ୍ମାମ୍ ଓ ଜେଦ୍ଦାକୁ ଯାତାୟାତ ଅକ୍ଟୋବର ୨୦ ପର୍ଯ୍ୟନ୍ତ ସ୍ଥଗିତ ରଖିଛି। ବିମାନ ସେବା ବାତିଲ୍ ହେବା ଯୋଗୁଁ ସାଉଦି ଆରବରେ କାର୍ଯ୍ୟରତ ଭାରତୀୟ ଶ୍ରମିକ, ବ୍ୟବସାୟୀ ଓ ତୀର୍ଥଯାତ୍ରୀ ପ୍ରଭାବିତ ହୋଇଛନ୍ତି। ବିଶେଷକରି ଉମ୍‌ରା ତୀର୍ଥଯାତ୍ରୀଙ୍କ ପାଇଁ ଜେଦ୍ଦା ଓ ମଦିନା ଗୁରୁତ୍ୱପୂର୍ଣ୍ଣ ପ୍ରବେଶପଥ ହୋଇଥିବାରୁ ଯାତ୍ରା ଯୋଜନାରେ ବାଧା ସୃଷ୍ଟି ହୋଇଛି। ବାତିଲ୍ ହୋଇଥିବା ବିମାନର ନିଶ୍ଚିତ ଟିକେଟ୍ ଥିବା ଯାତ୍ରୀମାନେ ସମ୍ପୂର୍ଣ୍ଣ ଅର୍ଥ ଫେରସ୍ତ କିମ୍ବା ବିକଳ୍ପ ତାରିଖରେ ମାଗଣାରେ ଟିକେଟ୍ ପୁନଃନିର୍ଦ୍ଧାରଣ କରିବାର ସୁଯୋଗ ପାଇପାରିବେ। ଅର୍ଥ ଫେରସ୍ତ କ୍ଷେତ୍ରରେ ବାତିଲ୍ ଶୁଳ୍କ ଛାଡ଼ କରାଯାଇ ମୂଳ ଅର୍ଥ ପ୍ରଦାନ ମାଧ୍ୟମକୁ ଟଙ୍କା ଫେରାଇ ଦିଆଯିବ। ସମ୍ପୃକ୍ତ ବିମାନ କମ୍ପାନିଗୁଡ଼ିକ ଯାତ୍ରୀଙ୍କ ସହାୟତା ପାଇଁ ସ୍ୱତନ୍ତ୍ର ହେଲ୍ପଲାଇନ୍ ଓ ଅନ୍‌ଲାଇନ୍ ସୁବିଧା ମଧ୍ୟ ଉପଲବ୍ଧ କରାଇଛନ୍ତି।

ଯାତ୍ରୀଙ୍କୁ ପୂର୍ଣ୍ଣ ଅର୍ଥ ଫେରସ୍ତ କିମ୍ବା ମାଗଣାରେ ତାରିଖ ପରିବର୍ତ୍ତନ ସୁଯୋଗ

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-114 ◆SATURDAY ◆17 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୧୪ ◆ଶନିବାର ◆୧୭ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ବିରାଜିଲେ ଦଶଭୂଜା

ଆଜି ମା'ଙ୍କ ସପ୍ତମୀ ପୂଜା

କଟକ ଚୌଧୁରୀ ବଜାର ପୂଜା ମଣ୍ଡପରେ ମା'

ଜନ୍ମଦିନରେ ଜନନାୟକ ନବୀନଙ୍କୁ ଶୁଭେଚ୍ଛାର ସୁଅ

■ ଭୁବନେଶ୍ୱର, ୧୬।୧୦ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୮୦ ବର୍ଷରେ ପହଞ୍ଚିଛନ୍ତି। ଏହି ଅବସରରେ ବିଭିନ୍ନ ମହଲରୁ ନବୀନଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ସକାଳେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଏକ୍ସ ଯୋଗେ ଶୁଭେଚ୍ଛା ଜଣାଇ ନବୀନଙ୍କ ଦୀର୍ଘ ନିରାମୟ ଏବଂ ସୁଖମୟ ଜୀବନ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ଉଲ୍ଲେଖ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନଙ୍କୁ ଶୁଭେଚ୍ଛା ଜଣାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଉତ୍ତମ ସ୍ୱାସ୍ଥ୍ୟ, ଦୀର୍ଘାୟୁ ଏବଂ ସୁଖମୟ ଜୀବନ କାମନା କରୁଛି ବୋଲି ଉଲ୍ଲେଖ କରିଛନ୍ତି। ଏହାସହିତ ପିସିସି ସଭାପତି

ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ଭେଟିଲେ ନବନିର୍ବାଚିତ ବିସିଜେଡି ନେତା

ଭକ୍ତ ଚରଣ ଦାସ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଦଳମତ ନିର୍ବିଶେଷରେ ବିଭିନ୍ନ ଦଳର ନେତା ଓ ନେତ୍ରୀମାନେ ସୋସିଆଲ ▶ପୃଷ୍ଠା-୭

ଓଲଟ ପାଲଟ

କୋଟି ଓଡ଼ିଆର ମଉଡ଼ମଣି ସେ
ସବୁରି ପ୍ରିୟ ନବୀନ,
ଆବାଳ-ବୃଦ୍ଧ-ବନିତା ସରାଗେ
ପାଳିଲେ ଜନମ ଦିନ।
ଆଡ଼ମ୍ବର ଶୂନ୍ୟ ଅତି ସାଦାସିଧା
ଅଟେ ତାଙ୍କର ଜୀବନ,
ସେଥିପାଇଁ ସିଏ ପଦିଏ କଥାରେ
କିଣିଥା'ନ୍ତି ଜନ-ମନ।
ଠାକୁରଙ୍କ ପାଖେ ମାଗୁଣି କରନ୍ତୁ
ଶତାୟୁର ବରଦାନ॥

- *ଯାଯାବର*

ଶପଥ ନେଲେ ଛାତ୍ରନେତା

ଛାତ୍ର ସଂସଦ ନିର୍ବାଚନ

■ ଭୁବନେଶ୍ୱର, ୧୬।୧୦ (ସମିସ): ଛାତ୍ର ସଂସଦ ନିର୍ବାଚନ ସରିବା ପରେ ଆଜି ଶପଥ ଗ୍ରହଣ କରିଛନ୍ତି ନବ ନିର୍ବାଚିତ ଛାତ୍ର ପ୍ରତିନିଧି। ଅନେକ ଶିକ୍ଷାନୁଷ୍ଠାନରେ ମଧ୍ୟ ରାତ୍ରିରେ ନିର୍ବାଚନ ଫଳାଫଳ ଘୋଷଣା ହେବାପରେ ସକାଳୁ ନିଷ୍ଠା, ସଚ୍ଚୋଟତା ଓ ଦାୟିତ୍ୱବୋଧ ସହିତ କର୍ତ୍ତବ୍ୟ ପାଳନ କରିବାକୁ ଶପଥ ନେଇଛନ୍ତି। ଦିର୍ଘ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେଉଥିବା ବେଳେ ଶିକ୍ଷାନୁଷ୍ଠାନ ଗୁଡ଼ିକ ନିଜର ନୂତନ ଛାତ୍ର ନେତା ପାଇଛନ୍ତି।

ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍ସାହଜନକ ପରିବେଶ ମଧ୍ୟରେ ମୋଟ ୩୩୭ଟି ଉଚ୍ଚଶିକ୍ଷାନୁଷ୍ଠାନରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ଏଥିରେ ୩୨୫ଟି ମହାବିଦ୍ୟାଳୟ ଓ ୧୨ଟି ବିଶ୍ୱବିଦ୍ୟାଳୟ ସାମିଲ ରହିଛି। ନିର୍ବାଚନରେ ମୋଟ ମତଦାନ ହାର ୫୬ ପ୍ରତିଶତ ରହିଥିବାବେଳେ ବିଭିନ୍ନ ପଦବିରେ ମୋଟ ୩,୬୧୦ ଜଣ ପ୍ରାର୍ଥୀ ବିଜୟୀ ଘୋଷିତ ହୋଇଛନ୍ତି। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ ମହାବିଦ୍ୟାଳୟରୁ ୩,୪୫୩ ଜଣ ଏବଂ ବିଶ୍ୱବିଦ୍ୟାଳୟରୁ ୧୫୭ ଜଣ ରହିଛନ୍ତି।

ଅପରପକ୍ଷରେ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନେକ ଶିକ୍ଷାନୁଷ୍ଠାନର ଗଣତି ସରି ନ ପାରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଆଜି ରାଜ୍ୟର ସମସ୍ତ ୩୩୭ଟି ଉଚ୍ଚଶିକ୍ଷାନୁଷ୍ଠାନରେ ନିର୍ବାଚନ ଫଳ ଘୋଷଣା ହୋଇସାରି ଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ମୋଟାମୋଟି ଭାବେ ୫୬ ପ୍ରତିଶତ ମତଦାନ ସହ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ସମ୍ପନ୍ନ ହୋଇଛି।

Unless specified, the retail prices shown are for 1 unit of the product.
Terms & Conditions Apply: SBI CARD: CC Non-EMI: 7.5% discount up to Rs 1,500 on transactions of Rs 15,000 & above. Flat Rs. 3,000 discount on a minimum transaction of Rs. 50,000 & above. Flat Rs. 5,000 discount on a minimum transaction of Rs. 1,00,000 & above. Flat Rs. 10,000 discount on transactions of Rs. 2,00,000 & above. CC EMI: 7.5% discount up to Rs 2,500 on transactions of Rs 15,000 & above. Flat Rs. 3,500 discount on a minimum transaction of Rs. 50,000 & above. Flat Rs. 7,000 discount on a minimum transaction of Rs. 1,00,000 & above. Flat Rs. 15,000 discount on transactions of Rs. 2,00,000 & above. Offers applicable on purchase of select product & brands only. Offer is applicable across Reliance digital, My Jio Stores, JioMart Signature stores & www.reliancedigital.in from 14th to 20th October 2026. For the purpose of this offer, CC Non-EMI shall refer to Credit Card Full Swipe, CC EMI shall refer to Credit Card EMI. Consumer Durable Loan Upto 20,000 Cashback on LED, Laptop, AC, Ref, Washing Machine & Mobile Phone with Bajaj Finserv. Offer validity : 10th Oct'26 to 20th Oct'26. Up to Rs 45000/- Cashback on Refrigerator, Panel, Washing Machine, Dish Washer, Smart phone & laptop with IDFC First Bank Ltd .Offer validity: 1st Oct'26 to 15th Nov'26 for IDFC First Bank. Up to Rs 31,000/- cash back on Consumer durable products, laptop & Digital Products with HDB Financial services, offer Validity 11th Oct'26 to 20th Oct'26 for Pan India (except west Bengal) and for West Bengal offers validity (6th Oct'26 to 17th Oct'26). Upto 3x of your birth year with TVS Credit on all categories. Offer validity : 11th Oct – 20th Oct'26. All Paper finance offers are available on select brands / products/ Schemes & select customers. offer valid in select states/cities. For more details contact In-store finance executive. For Paper Finance, benefit shall be given to the customer in form of cashback which shall be posted by respective financier as per their terms. Finance: Offer wherever applicable is at the sole discretion of the financing company. Brand Offers: Offers applicable on brands are sole discretion of the respective brands. *GST will be applicable on all the FREE products. All disputes are subject to the exclusive jurisdiction of the courts in Mumbai only.

ଜିଲ୍ଲାସ୍ତରୀୟ ପୋଷଣ ମାସ; ପାରମ୍ପରିକ ଓ ପୌଷ୍ଟିକ ଖାଦ୍ୟ ପ୍ରଦର୍ଶନୀ

କେନ୍ଦୁଝର, ୧୬।୧୦(ସମିସ)

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ଗତ ୯ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଚାଲିଥିବା ଏହି "ଆମ ଅଙ୍ଗନବାଡ଼ି, ଆମ ଦାୟିତ୍ୱ' ବାର୍ତ୍ତାଭିତ୍ତିକ କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କ ଦ୍ୱାରା ପ୍ରସ୍ତୁତ ପୌଷ୍ଟିକ ଓ ସ୍ୱାସ୍ଥ୍ୟକର ବ୍ୟଞ୍ଜନର ଏକ ସୁନ୍ଦର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏହି ପ୍ରଦର୍ଶନୀରେ ମାଣ୍ଡିଆ, ସୁଜୀ, ଦେଶୀ ଚାଉଳ ଓ ବିରିରୁ ପ୍ରସ୍ତୁତ ବିଭିନ୍ନ ସ୍ୱାଦିଷ୍ଟ ପାରମ୍ପରିକ ଖାଦ୍ୟ ସାମଗ୍ରୀ ପରିବେଷଣ କରାଯାଇଥିଲା। ଏହାସହିତ ଦେଶୀ ପନିପରିବା, ଶାଗ, ଅଣ୍ଡାରେ ଥିବା ଗୁଣକାରୀ ପୋଷକତତ୍ତ୍ୱ ଏବଂ ମା' ଓ ଶିଶୁଙ୍କ ପାଇଁ ପୋଷଣ ଖାଦ୍ୟର ମହତ୍ତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଲିକ ଏବଂ କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ଯୋଗଦେଇ ମା' ଓ ଶିଶୁଙ୍କ ମଧ୍ୟରେ ସୁଷମ ଖାଦ୍ୟର ଆବଶ୍ୟକତା ଏବଂ କୁପୋଷଣ ଦୂରୀକରଣରେ ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଭାନୁମତୀ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, କେନ୍ଦୁଝର ସଦର ପିଓ ଟୁଲେଶ୍ୱରୀ ପଟେଲ, ଅତିରିକ୍ତ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସୁଧା ଗୋସ୍ୱାମୀ, ଜିଲ୍ଲା ସଂଯୋଜକ (ପୋଷଣ) ଅଜିତ ମହାନ୍ତି, ବିଭିନ୍ନ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଏବଂ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

ତର୍କ ପ୍ରତିଯୋଗିତାରେ ଚମକିଲେ ଚମ୍ପୁଆ ଚନ୍ଦ୍ରଶେଖର ଇଂଲିଶ ମିଡିୟମ ସ୍କୁଲ୍ ଛାତ୍ରଛାତ୍ରୀ

ଚମ୍ପୁଆ, ୧୬।୧୦(ସମିସ): କେନ୍ଦୁଝରସ୍ଥିତ ଡିଏନ୍. ଉଚ୍ଚବିଦ୍ୟାଳୟରେ ଆୟୋଜିତ ତର୍କ ପ୍ରତିଯୋଗିତାରେ ଚମ୍ପୁଆ ଚନ୍ଦ୍ରଶେଖର ଇଂଲିଶ ମିଡିୟମ ସ୍କୁଲ୍‌ର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଇଂରାଜୀ ଓ ଓଡ଼ିଆ ତର୍କ ପ୍ରତିଯୋଗିତାରେ ଭାଗନେଇ ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା, ଯୁକ୍ତି ଉପସ୍ଥାପନା ଓ ବକ୍ତୃତା କୌଶଳର ପରିଚୟ ଦେଇଛନ୍ତି। ଇଂରାଜୀ ତର୍କ ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ଗିରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦିପ୍ତେଶ୍ୱର ମହାନ୍ତ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଓଡ଼ିଆ ତର୍କ ପ୍ରତିଯୋଗିତାରେ ଆଗତି ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ସଫଳତାକୁ ଆହୁରି ସମୃଦ୍ଧ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ବିଦ୍ୟାଳୟ ପରିବାରରେ ଆନନ୍ଦ ପ୍ରକାଶ ପାଇଛି। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ କେଶବ ମହାନ୍ତ, ମାନବ ସମ୍ବଳ ଅଧିକାରୀ ପ୍ରବୀର କୁମାର ମହାନ୍ତ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସଫଳ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶିକ୍ଷା ସହିତ ତର୍କ, ବକ୍ତୃତା ଓ ଯୁକ୍ତିଭିତ୍ତିକ ଚିନ୍ତନର ବିକାଶ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ଗଠନରେ ଗୁରୁତ୍ୱପୂର୍ଣ୍ଣ। ଏଭଳି ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କ ସଫଳତା ବିଦ୍ୟାଳୟର ଶିକ୍ଷାଗତ ପରିବେଶକୁ ଉତ୍ସାହିତ କରିବା ସହ ଅନ୍ୟ ଶିକ୍ଷାର୍ଥୀଙ୍କୁ ମଧ୍ୟ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ।

ଘସିପୁରା ଡ୍ରିମ୍ସ କ୍ଲବ୍‌ର ଭସାଣି ଉତ୍ସବ

ଆନନ୍ଦପୁର ୧୬।୧୦(ସମିସ): ଘସିପୁରା ଡ୍ରିମ୍ସ କ୍ଲବ ପକ୍ଷରୁ ଆଜି ଭସାଣି ଉତ୍ସବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ନୂଆଗଡ଼ିଆ ସାହିରୁ ଏକ ଆକର୍ଷଣୀୟ ଶୋଭାଯାତ୍ରା ବାହାରିଥିଲା। ପାରମ୍ପରିକ ବାଦ୍ୟ, ରଙ୍ଗାରଙ୍ଗ ନୃତ୍ୟ ଓ ଆକର୍ଷଣୀୟ ଆଲୋକସଜ୍ଜାରେ ଶୋଭାଯାତ୍ରା ଉତ୍ସବମୁଖର ହୋଇଉଠିଥିଲା। ଶୋଭାଯାତ୍ରାରେ ସନ୍ତୋଷୀ ମ୍ୟୁଜିକାଲ, ପାତ୍ର ଲାଇଟ୍ସ ସୋ, ମୁମ୍ବାଇର ନାସିକ ଢୋଲ, କୋଲକାତାର ଏ.ଅନୁ ଡ୍ୟାନ୍ସର, ଚାରିଧାମ, ଫାୟାର ସୋ, ଆଦିବାସୀ ନୃତ୍ୟ, ପୁରୀର ଓଡ଼ିଶୀ ନୃତ୍ୟ ଏବଂ ଯାଜପୁରର ଏଲଇଡି ଓ ଲାଇଟ୍ସ ସୋ ମୁଖ୍ୟ ଆକର୍ଷଣ ସାଜିଥିଲା। ବିଭିନ୍ନ କଳାକୌଶଳ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ତନ୍ମୟ ସାହୁ, ସତିଆ ସାହୁ, ବାବନ ସାହୁ, ସିପି ସାହୁ, ରଞ୍ଜିତ ସାହୁ, ଚନ୍ଦନ ମହାରଣା, ସିପୁ ସାହୁ, ପ୍ରୀତମ ସାହୁ ଓ ବିନୁ ସାହୁ ପ୍ରମୁଖ ସାମିଲ ଥିଲେ।

ଦୂର ହେଉନି ଦୈତାରୀ ବିଦ୍ୟାଳୟର ସମସ୍ୟା

ଆନନ୍ଦପୁର, ୧୬।୧୦(ସମିସ): କେନ୍ଦୁଝର ଜିଲ୍ଲା ବରେଇଗୋଡା ପଞ୍ଚାୟତ ଦଳକିସାହିରେ ଥିବା ଡ୍ୟାମ ସାଇଡ ସରକାରୀ ପ୍ରାଥମିକ ବିଦ୍ୟାଳୟ ଦୀର୍ଘ ଦିନ ଧରି ସମସ୍ୟା ଘେରରେ ଥିବାରୁ ଅଭିଭାବକ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ୨୦୦୯ରେ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ପାଇଁ ବିଦ୍ୟାଳୟରେ ଜଣେ ଶିକ୍ଷକ ଜଣେ ଶିକ୍ଷୟିତ୍ରୀ ଅଛନ୍ତି। ବିଦ୍ୟାଳୟଟି ୨୦୦୬ରେ ସ୍ଥାପିତ ହୋଇଥିଲା। ଦୀର୍ଘ ବର୍ଷ ପରେ ବି ବିଦ୍ୟାଳୟରେ ପାନୀୟଜଳ ସମସ୍ୟା ଦୂର ହେଉନି। ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ବିଦ୍ୟାଳୟଠାରୁ ୧୦୦ ମିଟର ଦୂର ସାହି ମଧ୍ୟରେ ଥିବା ନଳକୂଅରୁ ପାଣି ଅଣାଯାଉଛି। ପିଇବା ପାଣି ପାଇଁ ଛାତ୍ରଛାତ୍ରୀମାନେ ହଇରାଣ ହେଉଛନ୍ତି। ବିଦ୍ୟାଳୟରେ ଶୌଚାଳୟ ଥିଲେ ମଧ୍ୟ ପାଣି ସୁବିଧା ନଥିବାରୁ ଶୌଚ ପାଇଁ ଛାତ୍ରଛାତ୍ରୀଙ୍କୁ ବାହାରକୁ ଯିବାକୁ ପଡୁଛି। ଘଞ୍ଚ ଜଙ୍ଗଲର ଖୁବ ନିକଟରେ ବିଦ୍ୟାଳୟଟି ଅବସ୍ଥିତ। ବିଦ୍ୟାଳୟ ଚାରି ପାଖରେ ପାଚେରୀ ନିର୍ମାଣ କରାଯାଇନାହିଁ। ପାଚେରି ନଥିବାରୁ ବିଦ୍ୟାଳୟ ଚାରି ପାଖରେ ବାଉଁଶ ବତାରେ ଘେରାଯାଇଛି। ବିଦ୍ୟାଳୟ ପାଚେରୀ ନଥିବାରୁ ବୁଲା ଗାଈଗୋରୁ ଅନେକ ସମୟରେ ବିଦ୍ୟାଳୟ ହତାରେ ଅନାୟାସରେ ପ୍ରବେଶ କରି ଗଛଲତା ନଷ୍ଟ କରୁଛନ୍ତି। ବିଦ୍ୟାଳୟର ପାନୀୟ ଜଳ ସମସ୍ୟା, ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ, ପାଚେରି ନିର୍ମାଣ ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକ ଦାବି କରିଛନ୍ତି।

ଆନନ୍ଦପୁର ମହାବିଦ୍ୟାଳୟ ଛାତ୍ରସଂସଦର ଶପଥ ଗ୍ରହଣ

ଆନନ୍ଦପୁର, ୧୬।୧୦(ସମିସ): ଆନନ୍ଦପୁର ମହାବିଦ୍ୟାଳୟରେ ଛାତ୍ରସଂସଦର ନବନିର୍ବାଚିତ ପ୍ରତିନିଧିଙ୍କର ଶପଥପାଠ ମହାବିଦ୍ୟାଳୟର ପୁରାତନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଛାତ୍ର ସଂସଦର ଉପଦେଷ୍ଟା ଲେଫ୍ଟନେଣ୍ଟ ରଘୁଦୀପ୍ତି ନାୟକ ଡ଼ ନିମାଇଁ ଚରଣ ରାଉତ, ଡ଼ ଶକ୍ତିପ୍ରସାଦ ମହାପାତ୍ର, ପ୍ରାଧ୍ୟାପିକା ଶ୍ରୀଲେଖା ସାହୁ, ପ୍ରାଧ୍ୟାପକ ଦୁର୍ଗାଶଙ୍କର ପରିଡା ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀ, ଅଧ୍ୟାପକଅଧ୍ୟାପିକାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଦେବେନ୍ଦ୍ର ନାରାୟଣ ପତ୍ରି ଛାତ୍ର ସଂସଦର ସଭାପତି ସୁଶ୍ରୀ ଅଙ୍କିତା ପ୍ରିୟଦର୍ଶିନୀ ମଲିକ, ଉପସଭାପତି ସବ୍ୟସାଚୀ ବେହେରା, ସମ୍ପାଦକ କାର୍ତ୍ତିକେୟ ଜେନା, ଡ୍ରାମାଟିକ ସେକ୍ରେଟାରୀ ଶିବାର୍ପିତା ନାୟକ, କ୍ରୀଡା ସମ୍ପାଦକ ମିହିର ପେରେଇ, କ୍ରୀଡା ସହସମ୍ପାଦକ ଆଶୁତୋଷ ବେହେରାଙ୍କୁ ଶପଥ ପାଠ କରାଇଥିଲେ। ଉକ୍ତ ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଆଲୁମନି ଆସୋସିଏସନ ସମ୍ପାଦକ ବିଚିତ୍ର ଚକ୍ର ଉପସ୍ଥିତ ଥିଲେ।

ଯୋଡ଼ା ମହିଳା ମହାବିଦ୍ୟାଳୟ ନିର୍ବାଚନକୁ ନେଇ ବିବାଦ

ପକ୍ଷପାତିତା ଓ ଧମକ ଅଭିଯୋଗ; ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଯୋଡ଼ା, ୧୬।୧୦(ସମିସ): ଯୋଡ଼ା ମହିଳା ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ବିସିଜେଡିର ବିଜୟ ପରେ ନିର୍ବାଚନ ପ୍ରକ୍ରିୟାକୁ ନେଇ ବିବାଦ ଦେଖାଦେଇଛି। ନିର୍ବାଚନରେ ପକ୍ଷପାତିତା ହୋଇଥିବା ଅଭିଯୋଗ କରି ସମସ୍ତ ପ୍ରାର୍ଥୀ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ମହାବିଦ୍ୟାଳୟର ଜଣେ ଓଡ଼ିଆ ଅଧ୍ୟାପିକାଙ୍କ ବିରୋଧରେ ପକ୍ଷପାତିତା ଓ ଅନୁଚିତ ହସ୍ତକ୍ଷେପ ନେଇ ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏଥିସହ ଅଧ୍ୟାପିକା ଜଣକ ଛାତ୍ରଛାତ୍ରୀଙ୍କୁ ଏବିଭିପି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ନଦେବା ପାଇଁ ପ୍ରବର୍ତ୍ତାଇଥିବା ଅଭିଯୋଗ ମଧ୍ୟ ହୋଇଛି। ଏବିଭିପି ପ୍ରାର୍ଥୀଙ୍କୁ ଭୋଟ ଦେଲେ ଭବିଷ୍ୟତ ଖରାପ ହୋଇପାରେ ବୋଲି ଧମକ ଦିଆଯାଇଥିବା ନେଇ ମଧ୍ୟ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହି ଅଭିଯୋଗକୁ ନେଇ ନିର୍ବାଚନର ନିରପେକ୍ଷତା ଉପରେ ପ୍ରଶ୍ନ ଉଠିଥିବା ବେଳେ ଘଟଣାର ନିରପେକ୍ଷ ତଦନ୍ତ ଓ ଉଚିତ ପଦକ୍ଷେପ ନିଆଯିବା ଦାବି ଉଠିଛି। ତେବେ ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ଅଧ୍ୟାପିକା ଓ ନିର୍ବାଚନ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏ ସଂକ୍ରାନ୍ତରେ ଉପଜିଲ୍ଲାପାଳ କହିଛନ୍ତି, ସେ ପ୍ରାର୍ଥୀଙ୍କ ପକ୍ଷରୁ ଅଭିଯୋଗର ସଠିକ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ନେବେ।

▶▶ ଚୋରା ଦେଶୀମଦ କାରଖାନା ଠାବ

ଦେଶୀ ମଦ ଓ ମହୁଲ ଜବତ; ଜଣେ ଗିରଫ

ଆନନ୍ଦପୁର, ୧୬।୧୦ (ସମିସ): କେନ୍ଦୁଝର ଜିଲ୍ଲା ଅବକାରୀ ଅଧୀକ୍ଷକ ତେଜରାଜ ଯାନୀଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁର ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକଙ୍କ ନେତୃତ୍ୱରେ ଆନନ୍ଦପୁର, ଘଟଗାଁ ଓ ହାଟଡିହି ଷ୍ଟାଫଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଓସ୍ତପୁରା, ମାର୍ଶାପାଳ, ଯୁଗଳକିଶୋରପୁର ଗ୍ରାମାଞ୍ଚରେ ଚଢ଼ଉ କରାଯାଇଛି। ୫୫୦ଲିଟର ଦେଶୀ ରନ୍ଧା ମଦ ଓ ୮୦୦୦ ଲିଟର ମହୁଲ ପୋଚ ସହ ୧୦.୮୦୦ ଲିଟର ବିଦେଶୀ ମଦ ଜବତ କରାଯିବା ସହିତ ଷଢ଼ଙ୍ଗୀ ଗାଁର ଜଣଙ୍କୁ ଗିରଫ କରାଯାଇଛି। ଜବତ ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୨,୫୦୦୦୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆନନ୍ଦପୁର ଅବକାରୀ ରେଞ୍ଜ ଓ ଥାନା ପକ୍ଷରୁ ୩ଟି ଅବକାରୀ ମାମଲା ରୁଜୁ କରାଯାଇଛି।

କେନ୍ଦୁଝରରେ ରେଡ୍‌ରନ୍ ୨.୦

କେନ୍ଦୁଝର, ୧୬।୧୦(ସମିସ): ଓସାକ୍ସ ଭୁବନେଶ୍ୱର ଓ ଜିଲ୍ଲା ସ୍ୱାସ୍ଥ୍ୟସମିତି ଆନୁକୂଲ୍ୟରେ ଆଜି ଜିଲ୍ଲା ସଦରମହକୁମା ମୁଖ୍ୟ ଡାକ୍ତରଖାନାରେ ରେଡ ରନ ୨.୦ ଜିଲ୍ଲା ଆଇଇସି ସଂଯୋଜକ ବ୍ରହ୍ମାନନ୍ଦ ସାହୁଙ୍କ ନେତୃତ୍ୱରେ ସମ୍ପନ୍ନ ହୋଇଯାଇଛି। ପ୍ରାତଃରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଏଡସ ଏଚଆଇଭି ସଚେତନ ଗଣଦୌଡ଼ ଡାକ୍ତରଖାନା ପରିସରରୁ ଏଡିପିଏଚଓ ଡାକ୍ତର ବସନ୍ତ ପାତ୍ରଙ୍କ ଦ୍ୱାରା ଶୁଭାରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଏଥିରେ ପୁରୁଷ ବର୍ଗରୁ ସଞ୍ଜୟ ହାସଦା, ନୀଳାଞ୍ଚଳ ବାଗ, ମନ୍ମଥ ମହାନ୍ତ, ସୁରଜ୍ୟ ମାଝୀ, ପରେଶ ମୁଣ୍ଡା, ମହିଳା ବର୍ଗରୁ ଲକ୍ଷ୍ମୀ ପ୍ରିୟା ବାରିକ, ସୁପୀ ଦେହୁରି, ସନ୍ତୋଷି ମୁଣ୍ଡା, ସିଲା ନାଏକ, ସୁଜାତା ନାଏକ ସଫଳତା ଲାଭ କରି ରାଜ୍ୟସ୍ତରୀୟ ମାରଥନରେ ଭାଗନେବାକୁ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଗଣଦୌଡ ପରେ ଏଏନଏମ ଟ୍ରେନିଂ ସଭାକକ୍ଷରେ ଜିଲ୍ଲା ରେଡକ୍ରସ ଯୁଗ୍ମ ସମ୍ପାଦକ ଏଆର ଖାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କ୍ଷୁଦ୍ରସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ ମୁଖ୍ୟଅତିଥି ଭାବେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡିପିଏଚଓ ଡାକ୍ତର ପୁରୁଷୋତ୍ତମ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡିପିଏଚସିଓ ଭରତ ସାହୁ ଯୁବକ ଯୁବତୀଙ୍କ ମଧ୍ୟରେ ସକାରାତ୍ମକ ଚିନ୍ତାଧାରା ପରିପ୍ରକାଶ ଦେଖି ସେମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ଚନ୍ଦନ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଜୁନିଅର ରେଡକ୍ରସ କାଉନସିଲର ପ୍ରଶାନ୍ତ ପରିଡା, ଏନ ଏସିପି ଷ୍ଟାଫ୍, ଟାଉନ ପୁଲିସ ବାହିନୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

ତ୍ରିଶକ୍ତି କ୍ଲବ୍ ଭସାଣ ଉତ୍ସବରେ ଶ୍ରୀଗଣେଶ ଲଡୁ ଆକର୍ଷଣ

ଆନନ୍ଦପୁର, ୧୬।୧୦ (ସମିସ): ଆନନ୍ଦପୁର ସହରରେ ତ୍ରିଶକ୍ତି କ୍ଲବ୍ ପକ୍ଷରୁ ଗଣେଶ ଭସାଣ ଉତ୍ସବରେ ଶ୍ରୀ ଗଣେଶ ଲଡୁ ଶ୍ରଦ୍ଧାଳୁଙ୍କ ମନ ମୋହିଛି। ଭସାଣିରେ ଆକର୍ଷଣୀୟ ବାଜା, ଘଣ୍ଟବାଦ୍ୟ, ଆଲୋକ ସଜ୍ଜା, ବିଭିନ୍ନ ନୃତ୍ୟ ଓ ରୋମାଞ୍ଚକର ପ୍ରଦର୍ଶନ ଶୋଭାଯାତ୍ରାର ଆକର୍ଷଣ ଥିଲା। ଚିଲିକାର ମହାବୀର ସିଂହବାଜା ସହ ଫାୟାର ଷ୍ଟଣ୍ଟ, ହୀରାକୁଦର ମା' ସମଲେଶ୍ୱରୀ ଘଣ୍ଟବାଦ୍ୟ, ଜଟଣୀର ଟାଇଗର ଓ କ୍ୟାଟ୍ ଡ୍ୟାନ୍ସ, ବ୍ରହ୍ମପୁରର ଜେମିନି ମ୍ୟୁଜିକାଲ ଗ୍ରୁପ୍ ଏବଂ ବାଲେଶ୍ୱରର ଡ୍ରାଗନ୍ ସେଟ୍‌ଅପ୍ ଦର୍ଶକଙ୍କ ପାଇଁ ଆକର୍ଷଣ ସାଜିଥିଲା। ଷ୍ଟାଣ୍ଟିଂ ଫାୟାର କ୍ରାକର୍ସ ଓ ଆକର୍ଷଣୀୟ ଲାଇଟ୍ ଶୋଭାଯାତ୍ରାକୁ ଆକର୍ଷଣୀୟ କରିଥିଲା। ପଞ୍ଜାବର ଡାଲେର ଖାଲସା ଗ୍ରୁପ୍, ତାମିଲନାଡୁର ସିଏମ୍ ବିଜୟ ଥାଲପତି ଗ୍ରୁପ୍, ଭୁବନେଶ୍ୱରର ଗୁରୁବାରୀ କାଞ୍ଚିନା ଏବଂ ବାଲେଶ୍ୱରର ଶିବ ତାଣ୍ଡବ ଓ ଫନି ଫିନି କାର୍ଟୁନ୍ ପ୍ରଦର୍ଶନକୁ ଦର୍ଶକ ବେଶ୍ ଉପଭୋଗ କରିଥିଲେ। ତ୍ରିଶକ୍ତି ମହାଲଡୁ ଓ ପାତ୍ର ଲାଇଟ୍ ସାଜସଜ୍ଜାର ସ୍ୱତନ୍ତ୍ର ଆକର୍ଷଣ ରହିଥିଲା।



ଜଳିଗଲା ଲୁହାପଥର ବୋଝେଇ ହାଇୱା

ଯୋଡ଼ା, ୧୬।୧୦(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବାମେବାରୀ ଥାନାଞ୍ଚଳର ହେସାବେଡ଼ା ଗ୍ରାମ ନିକଟରେ ଏକ ଲୁହାପଥର ବୋଝେଇ ଚଳନ୍ତା ହାଇୱାରେ ନିଆଁ ଲାଗିଯିବାରୁ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି। ତେବେ ଏହି ଘଟଣାରେ ଡ୍ରାଇଭର ଅଳ୍ପକେ ରକ୍ଷା ପାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆଜି ଭୋର୍ ସମୟରେ ହାଇୱାଟି ଲୁହାପଥର ନେଇ ଯାଉଥିବା ବେଳେ ହେସାବେଡ଼ା ନିକଟରେ ହଠାତ୍ ଏଥିରେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବା ଜାଣିପାରି ଡ୍ରାଇଭର ତୁରନ୍ତ ଗାଡ଼ିରୁ ବାହାରି ଆସିଥିଲେ। ଫଳରେ ତାଙ୍କ ଜୀବନ ରକ୍ଷା ପାଇଯାଇଥିଲା। ପ୍ରାଥମିକ ଭାବେ ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଖବର ପାଇ ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ନିଆଁ ଦ୍ରୁତଗତିରେ ବ୍ୟାପିଯିବାରୁ ହାଇୱାଟି ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଥିଲା।

୬୬ତମ ଜନ୍ମଦିନ ପାଳିଲେ ପାଟଣା ବିଧାୟକ

ତୁରୁମୁଙ୍ଗା, ୧୬।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ୬୬ତମ ଜନ୍ମଦିନ ଗୁରୁବାର କର୍ମୀ ଓ ପରିବାର ଲୋକଙ୍କ ସହ ହର୍ଷ ଉଲ୍ଲାସର ସହ ପାଳନ କରିଛନ୍ତି। ତୁରୁମୁଙ୍ଗାସ୍ଥିତ ବିଧାୟକଙ୍କ ବାସଭବନରେ ଏହି ଜନ୍ମଦିନ ଉତ୍ସବ ଆୟୋଜିତ ହୋଇଥିବା ବେଳେ ବିଧାୟକଙ୍କ ପରିବାର ସଦସ୍ୟ, ସମର୍ଥକ ଏବଂ ପାଟଣା ନିର୍ବାଚନମଣ୍ଡଳୀର ବିଜେପିର ବହୁ ନେତା ଓ କର୍ମୀ ବିଧାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ବିଧାୟକ ପରିବାର ସଦସ୍ୟ ଓ ସମର୍ଥକଙ୍କ ଗହଣରେ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ଫେସବୁକ ଏକାଉଣ୍ଟରୁ ବିଧାୟକଙ୍କୁ ଜନ୍ମଦିନ ର ଶୁଭେଚ୍ଛା ଜଣାଇବା ସହ ଦଳୀୟ ନେତା ଓ କର୍ମୀମାନେ ବିଧାୟକଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘାୟୁ ଜୀବନ କାମନା କରିଥିଲେ।

କୁଶଳେଶ୍ୱର ମହାବିଦ୍ୟାଳୟରେ ଶପଥ ଉତ୍ସବ

ଆନନ୍ଦପୁର, ୧୬।୧୦ (ସମିସ): ଘସିପୁରା ବ୍ଲକ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା କର୍ମକର୍ତ୍ତାଙ୍କୁ ଆଜି ମହାବିଦ୍ୟାଳୟ ସଭାଗୃହରେ ପଦପଦବୀ ଗୋପନୀୟତାର ଶପଥ କରାଯାଇଛି। ଛାତ୍ର ସଂସଦସଭାପତି ଭାବେ ଶୁଭମକୁମାର ପାତ୍ର, ଉପସଭାପତି ଲିଜାଲିନ ଓଝା, ସମ୍ପାଦିକା ଭାବେ ଅସୀମା ନାୟକ, ସହସମ୍ପାଦକ ସୁରେଶ ବାସ୍କେ, କ୍ରୀଡା ସମ୍ପାଦିକା ଡାଙ୍ଗୀ ମୁର୍ମୁ, ନାଟ୍ୟ ସମ୍ପାଦିକା ଭାବେ ଶ୍ରୀମୟୀ ରାଉତ ଶପଥ ପାଠ କରିଥିଲେ।

ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ତେଲକୋଇ, ୧୬।୧୦(ସମିସ): କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ ତରଫରୁ ଶୁକ୍ରବାର ତେଲକୋଇ ଓ ଆକୁଳ କେନ୍ଦୁପତ୍ର ବନାଞ୍ଚଳର ବିଭିନ୍ନ ଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୧୧ତାରିଖଠାରୁ ଅଦ୍ୟାବଧି ତେଲକୋଇ କେନ୍ଦୁପତ୍ର ବନାଞ୍ଚଳର ବେଣା, ସଲେଇକେନା ତଥା ଅମର୍ଶା ଏବଂ ଆକୁଳ କେନ୍ଦୁପତ୍ର ବନାଞ୍ଚଳର ନିପିଣ୍ଡା, ସରେଇ ଓ ପାଟଖଳି ଭଳି ଉପାନ୍ତ ଅଞ୍ଚଳରେ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ତଥା ସାଧାରଣ ଶ୍ରମିକଙ୍କ ପାଇଁ ପୃଥକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଔଷଧ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡର ଉପଖଣ୍ଡ ଅଧିକାରୀ ସ୍ୱାଗତିକ ସାହୁ ଏବଂ ତେଲକୋଇ ଓ ଆକୁଳ ବନାଞ୍ଚଳର ବନାଞ୍ଚଳ ଅଧିକାରୀ ମନୋରଞ୍ଜନ ସେନାପତିଙ୍କ ତତ୍ତ୍ୱାବଧାନରେ ୬ଟି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇପାରିଛି। ଉଭୟ ବନାଞ୍ଚଳର ସମସ୍ତ ବନପାଳ, ବନରକ୍ଷୀ ତଥା ସାମୟିକ କର୍ମଚାରୀମାନଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମଗୁଡ଼ିକ ସଫଳ ହୋଇପାରିଛି। ତେଲକୋଇ ଏବଂ ବାଂଶପାଳ ଭଳି ଦୁର୍ଗମ ଅଞ୍ଚଳରେ ଶହ ଶହ ଗରିବ ଜନସାଧାରଣ ଏହାଦ୍ୱାରା ଉପକୃତ ହୋଇପାରିଥିବାରୁ କେନ୍ଦୁପତ୍ର ସଂସ୍ଥା ପ୍ରତି ଲୋକଙ୍କର ଆସ୍ଥା ବଢ଼ିବାରେ ଲାଗିଛି।

ଅବ୍ୟବସ୍ଥା ଘେରରେ କଳିଙ୍ଗ ନଗର ଦୁର୍ଗାପୂଜା

୨୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ ନେଇ ପ୍ରଶ୍ନ

ଦୋଳିର ସୁରକ୍ଷା ଓ ଶ୍ରମିକଙ୍କ ନିରାପତ୍ତାକୁ ନେଇ ଉଠିଲା ଅଭିଯୋଗ

ବଡ଼ବିଲ, ୧୬।୧୦(ସମିସ)

କେନ୍ଦୁଝର ଜିଲ୍ଲାରେ ପ୍ରସିଦ୍ଧି ଲାଭ କରିଥିବା କଳିଙ୍ଗ ନଗର ଦୁର୍ଗାପୂଜା ଚଳିତ ବର୍ଷ ବିଭିନ୍ନ ଅବ୍ୟବସ୍ଥା ଓ ଅଭିଯୋଗକୁ ନେଇ ଚର୍ଚ୍ଚାରେ ରହିଛି। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଆଇଡିସି ଅଧୀନରେ ଥିବା ଲୁହା କାରଖାନାର ତତ୍ତ୍ୱାବଧାନରେ ଏଠାରେ ଦୁର୍ଗାପୂଜା ବେଶ୍ ଧୁମଧାମରେ ପାଳିତ ହୋଇଆସୁଥିଲା। ତେବେ କାରଖାନା ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଅଧୀନକୁ ଯିବା ପରଠାରୁ ପୂଜା ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଥିବା ଅଭିଯୋଗ ହେଉଛି।

ଅଭିଯୋଗ ଅନୁଯାୟୀ, ପୂଜା ଅବସରରେ ଦୋଳି ଓ ମୀନାବଜାର ପାଇଁ ଆସୁଥିବା ବ୍ୟବସାୟୀଙ୍କଠାରୁ ଚାନ୍ଦା ବାବଦରେ ୨୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଆଦାୟ କରାଯାଉଛି। ଏତେ ପରିମାଣର ଅର୍ଥ ଆଦାୟ ହେଉଥିବା ସତ୍ତ୍ୱେ ପୂଜା ସମୟରେ ବିଭିନ୍ନ ସାମଗ୍ରୀର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଇଥିବା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଥିବା କୁହାଯାଉଛି। ତେବେ ଏହି ଅର୍ଥ କେଉଁ ଆଧାରରେ ଆଦାୟ ହେଉଛି ଏବଂ ଏହାର ହିସାବ କିପରି ରଖାଯାଉଛି, ତାହାକୁ ନେଇ ସ୍ୱଚ୍ଛତାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ, ଦୋଳିର ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଇଛି। ନିକଟରେ ରାଉରକେଲାରେ ଦୋଳି ଦୁର୍ଘଟଣାରେ କିଛି ଲୋକ ମୃତାହତ ହେବା ପରି ଘଟଣା ପରେ ଏଭଳି ଯାନ୍ତ୍ରିକ ଦୋଳି ଚଳାଇବା ପୂର୍ବରୁ ଆବଶ୍ୟକ ସୁରକ୍ଷା ଯାଞ୍ଚ ଓ ଅଭିଜ୍ଞ ଇଞ୍ଜିନିୟରଙ୍କ ପ୍ରମାଣପତ୍ରର ଗୁରୁତ୍ୱ ବଢ଼ିଯାଇଛି। ଅତୀତରେ ଏଭଳି ପ୍ରମାଣପତ୍ର ନଥିବାରୁ ତତ୍କାଳୀନ ଥାନା ଅଧିକାରୀ ଦୋଳି ଚଳାଇବାକୁ ଅନୁମତି ଦେଇ ନଥିବା ଉଦାହରଣ ଦିଆଯାଉଛି। ତେଣୁ କଳିଙ୍ଗ ନଗରରେ ସ୍ଥାପିତ ଦୋଳିଗୁଡ଼ିକର ସୁରକ୍ଷା ଯାଞ୍ଚ ହୋଇଛି କି ନାହିଁ, ତାହା ସ୍ପଷ୍ଟ କରିବାକୁ ଦାବି ହେଉଛି। କେବଳ ଦୋଳି ନୁହେଁ, ଉଚ୍ଚ ଉଚ୍ଚ ତୋରଣ ନିର୍ମାଣ କରୁଥିବା କାରିଗରମାନେ ମଧ୍ୟ ଆବଶ୍ୟକ ସୁରକ୍ଷା ସାମଗ୍ରୀ ବିନା କାର୍ଯ୍ୟ କରୁଥିବା ଦେଖାଯାଉଥିବା ଅଭିଯୋଗ ହୋଇଛି। ଏପରି ସ୍ଥିତିରେ କୌଣସି ଅଘଟଣ ଘଟିଲେ ଏଥିପାଇଁ କିଏ ଦାୟୀ ରହିବ, ତାହା ମଧ୍ୟ ଏକ ବଡ଼ ପ୍ରଶ୍ନ। ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ସୁରକ୍ଷା ପାଇଁ ଆୟୋଜକ ଓ ସମ୍ପୃକ୍ତ କର୍ତ୍ତୃପକ୍ଷ ଯଥୋଚିତ ପଦକ୍ଷେପ ନେବା ଆବଶ୍ୟକ। ଏହାଛଡ଼ା, ରାଜ୍ୟ ବାହାରୁ ଆସୁଥିବା କେତେକ ହସ୍ତଶିଳ୍ପୀଙ୍କଠାରୁ ଚାନ୍ଦା ବାବଦରେ ଅଧିକ ଅର୍ଥ ଦାବି କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ଅନ୍ୟପଟେ, ଦିନେ ଜିଲ୍ଲାରେ ଯାତ୍ରାପ୍ରେମୀଙ୍କ ପାଇଁ ଆକର୍ଷଣର କେନ୍ଦ୍ର ଥିବା ଏହି ପୂଜାରେ ପୂର୍ବରୁ ନାମୀଦାମୀ ଯାତ୍ରା ଦଳଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଉଥିଲା। ପୂଜା ପରିଚାଳନାରେ ସ୍ୱଚ୍ଛତା, ଦୋଳିର ସୁରକ୍ଷା, ଶ୍ରମିକଙ୍କ ନିରାପତ୍ତା ଓ ଚାନ୍ଦା ଆଦାୟର ହିସାବ ସମ୍ପର୍କରେ ସମ୍ପୃକ୍ତ କର୍ତ୍ତୃପକ୍ଷ ତଦନ୍ତ କରି ସ୍ଥିତି ସ୍ପଷ୍ଟ କରିବାକୁ ସାଧାରଣରେ ଦାବି ହେଉଛି।

www.sakalaepaper.com

ସାପ କାମୁଡ଼ାରେ ଅଣତାଲିମପ୍ରାପ୍ତ ଯୁବତୀ ଗୁରୁତର

ବାରିପଦା, ୧୬ ।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବାରିପଦା ସହର ଓ ଏହା ଆଖପାଖ ଅଞ୍ଚଳରେ ବିନା ତାଲିମରେ ବିପଜ୍ଜନକ ଭାବେ ସାପ ଉଦ୍ଧାର କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ବନ ବିଭାଗ କୌଣସି ଦୃଢ଼ ପଦକ୍ଷେପ ନେଉ ନ ଥିବାରୁ ପ୍ରକୃତିପ୍ରେମୀ ଓ ତାଲିମପ୍ରାପ୍ତ ସର୍ପ ଉଦ୍ଧାରକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଶୁକ୍ରବାର ବାରିପଦା ସହରର ଜଣେ ଚିକିତ୍ସା କର୍ମଚାରୀଙ୍କ ଘରୁ ବିନା ତାଲିମରେ ସାପ ଉଦ୍ଧାର କରୁଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ାରେ ଜଣେ ଯୁବତୀ ଗୁରୁତର ଆହତ ହେବା ପରେ ଏହି ପ୍ରସଙ୍ଗ ସାମ୍ନାକୁ ଆସିଛି । ଆହତ ଯୁବତୀ ଜଣକ ଭଞ୍ଜପୁର ଥାନା ଅନ୍ତର୍ଗତ ମୁର୍ଗାବାଡ଼ି ଅଞ୍ଚଳର ସୌମ୍ୟା ଶତପଥୀ ବୋଲି ଜଣାପଡ଼ିଛି । କୌଣସି ଆନୁଷ୍ଠାନିକ ତାଲିମ ନ ଥାଇ ସୌମ୍ୟା ନିଜ ବାପାଙ୍କ ସହ ସାପ ଉଦ୍ଧାର କରିବାକୁ ଚେଷ୍ଟା କରୁଥିବାବେଳେ ସାପ ତାଙ୍କୁ ଦଂଶନ କରିଥିଲା । ଦଂଶନ ପରେ ମଧ ସେ ସାପକୁ ଏକ ପ୍ଲାଷ୍ଟିକ୍ ବୋତଲ ଭିତରେ ଭର୍ତ୍ତି କରି ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ । ଡାକ୍ତର ତୁରନ୍ତ ତାଙ୍କୁ ଆଣ୍ଟି-ଭେନମ୍ ଦେଇ ଚିକିତ୍ସା ଆରମ୍ଭ କରିଥିଲେ । ଅଣତାଲିମପ୍ରାପ୍ତ ବ୍ୟକ୍ତି ସାପ ଉଦ୍ଧାର କାର୍ଯ୍ୟରେ ଲିପ୍ତ ରହିବା ନେଇ ପରିବେଶବିତ୍ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁସାରେ, ବାରିପଦା ଓ ଆଖପାଖ ଗ୍ରାମାଞ୍ଚଳରେ ଏପରି କିଛି ଅଣତାଲିମପ୍ରାପ୍ତ ବ୍ୟକ୍ତି ସାପ ଧରିବା ବାହାନାରେ ଘରୋଇ ଲୋକଙ୍କଠାରୁ ୫୦୦ ଟଙ୍କାରୁ ଅଧିକ ଅର୍ଥ ଆଦାୟ କରୁଛନ୍ତି ଓ କେତେକ ଏଥିରେ ଧାର୍ମିକ ବିଶ୍ୱାସର ଦ୍ୱାହି ଦେଇ ଲୋକଙ୍କୁ ପ୍ରଭାବିତ କରୁଛନ୍ତି । ସାପ ଦେଖିବା ମାତ୍ରେ ଲୋକେ ଭୟଭୀତ ହୋଇ ସେମାନଙ୍କୁ ଡକାଉଥିବାରୁ ଏହା ଉଭୟ ଉଦ୍ଧାରକାରୀ ଓ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ମୟୂରଭଞ୍ଜ ବନ ବିଭାଗ ପକ୍ଷରୁ ସୂଚନା ଜାରି କରି ସାପ ଉଦ୍ଧାର ପାଇଁ ସରକାରୀ ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି । କେବଳ ଉପଯୁକ୍ତ ପ୍ରଶିକ୍ଷଣ ପାଇଥିବା ସ୍ୱୀକୃତିପ୍ରାପ୍ତ ସାପ ଉଦ୍ଧାରକାରୀଙ୍କୁ ହିଁ ଏହି କାର୍ଯ୍ୟ ପାଇଁ ଅନୁମତି ରହିଛି ବୋଲି ସ୍ପଷ୍ଟ କରାଯାଇଛି । ଏ ନେଇ ପ୍ରଶିକ୍ଷିତ ସାପ ଉଦ୍ଧାରକାରୀ ଚନ୍ଦନ କୁମାର ଗୋଚ୍ଛାୟତ କହିଛନ୍ତି, ବନ ବିଭାଗ କେବଳ ତାଲିମପ୍ରାପ୍ତ ବ୍ୟକ୍ତିଙ୍କୁ ଅନୁମତି ଦେଇଥିବାବେଳେ ବାରିପଦାରେ କିଛି ଯୁବକ/ଯୁବତୀ ବିନା ତାଲିମରେ ଏଭଳି ଦୁଃସାହସିକ କାମ କରୁଛନ୍ତି, ଯାହା ଅତ୍ୟନ୍ତ ଚିନ୍ତାଜନକ । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ) ଡ ପ୍ରକାଶ ଚାନ୍ଦ ଗୋଗିନେନି କହିଛନ୍ତି, ବିନା ତାଲିମରେ ସାପ ଉଦ୍ଧାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାରିପଦା ଡିଏଫଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

କାର୍ଯ୍ୟାନୁଷ୍ଠାନ ପାଇଁ ଡିଏଫ୍‌ଓଙ୍କୁ ଆରସିସିଏଫ୍‌ଙ୍କ ନିର୍ଦ୍ଦେଶ

ମୟୂରଭଞ୍ଜରେ ୬୦୪ ବନ୍ଧୁକ ଲାଇସେନ୍ସଧାରୀ

୫ ଜଣଙ୍କ ନାମରେ ରହିଛି ଅପରାଧିକ ମାମଲା, ବାରିପଦାରେ ସର୍ବାଧିକ

ବାରିପଦା, ୧୬ ।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାରେ ବେଆଇନ କାରବାର ସାଙ୍ଗକୁ ଦିନକୁ ଦିନ ଅପରାଧିକ ମାମଲା ବୃଦ୍ଧି ପାଉଥିବାବେଳେ ବନ୍ଧୁକ ଲାଇସେନ୍ସଧାରୀଙ୍କ ସଂଖ୍ୟାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୬୦୪ ଜଣ ବ୍ୟକ୍ତିଙ୍କ ନାମରେ ବନ୍ଧୁକ ଲାଇସେନ୍ସ ରହିଛି । ଆଶ୍ଚର୍ଯ୍ୟଜନକ ଭାବେ ଏହି ଲାଇସେନ୍ସଧାରୀଙ୍କ ମଧ୍ୟରୁ ୫ ଜଣଙ୍କ ବିରୋଧରେ ବିଭିନ୍ନ ଥାନାରେ ଅପରାଧିକ ମାମଲା (କ୍ରିମିନାଲ କେସ୍) ଥିବା ଜଣାପଡ଼ିଛି ।

ଜିଲ୍ଲା ସଦର ମହକୁମା ବାରିପଦା ସହରରେ ସର୍ବାଧିକ ୧୪୦ ଜଣ ବନ୍ଧୁକ ଲାଇସେନ୍ସଧାରୀ ରହିଛନ୍ତି । ସେହିପରି ଅନ୍ୟାନ୍ୟ ଥାନା ଅଧୀନରେ ଥିବା ଲାଇସେନ୍ସଧାରୀଙ୍କ ମଧ୍ୟରେ କରଞ୍ଜିଆରେ ୩୮, ଝରପୋଖରିଆରେ ୩୭, ରାଇରଙ୍ଗପୁର ଟାଉନରେ ୩୦, କୁଳିଅଣା ଓ ରାସଗୋବିନ୍ଦପୁରରେ ୨୫ ଲେଖାଏଁ, ଉଦଳା ଓ ତିରିଂରେ ୨୨ ଲେଖାଏଁ, ରାଇରଙ୍ଗପୁର ଗ୍ରାମାଞ୍ଚଳରେ ୨୧, ଶୁଳିଆପଦା, ମୋରଡ଼ା ଓ ଯଶୀପୁରରେ ୧୯ ଲେଖାଏଁ, ବଡ଼ସାହିରେ ୧୮, କପ୍ତିପଦାରେ ୧୭, ଖୁଣ୍ଟା ଓ ଗୋରୁମହିଷାଣୀରେ ୧୬ ଲେଖାଏଁ, ବହଳଦା ଓ ବାଦାମପାହାଡ଼ରେ ୧୪ ଲେଖାଏଁ, ଚାନ୍ଦୁଆ, ବେତନଟୀ ଓ ବିଶୋଇରେ ୧୩ ଲେଖାଏଁ, ବାଙ୍ଗିରିପୋଷି ଓ ଘାଗରବେଡ଼ାରେ ୧୨ ଲେଖାଏଁ, ବୈଶିଙ୍ଗାରେ ୧୧, ଜାମଦାରେ ୦୯, ରାରୁଆଁରେ ୦୬ ଓ ସବୁଠୁ କମ୍ ଠାକୁରମୁଣ୍ଡା ଥାନା ଅଧୀନରେ ମାତ୍ର ୦୨ ଜଣ ବନ୍ଧୁକ ଲାଇସେନ୍ସଧାରୀ ରହିଛନ୍ତି । ଅନ୍ୟପକ୍ଷରେ, ଜିଲ୍ଲାରେ ଦିନକୁ ଦିନ ଲଘୁ ଖଣିଜ ଦ୍ରବ୍ୟ ଓ ଗୋ-ସମ୍ପଦ ଚୋରାଚାଲାଣ ବୃଦ୍ଧି ପାଉଥିବାବେଳେ ଜମି ଦଲାଲି ଓ ନିଶାଦ୍ରବ୍ୟ କାରବାର ଭଳି ସଙ୍ଗିନ ଅପରାଧ ବଢ଼ିବାରେ ଲାଗିଛି । ଏପରି ଅସାମାଜିକ କାର୍ଯ୍ୟକଳାପରେ ବନ୍ଧୁକ ଭୟ ଦେଖାଇ ଲୋକଙ୍କୁ ଆତଙ୍କିତ କରାଯାଉଥିବା ନେଇ ସାଧାରଣରେ ଅଭିଯୋଗ ଉଠୁଛି । ଏଭଳି ସ୍ଥିତିରେ କ୍ରିମିନାଲ କେସ୍ ଥିବା ବ୍ୟକ୍ତିଙ୍କ ହାତରେ ବନ୍ଧୁକ ରହିବା ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ଦିଗରେ ପ୍ରଶାସନ ତୁରନ୍ତ ତଦନ୍ତ କରି ନିୟମ ଉଲ୍ଲଂଘନକାରୀଙ୍କ ଲାଇସେନ୍ସ ବାତିଲ କରିବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

ସରକାରୀ ଜମି ଚିହ୍ନଟକୁ ବିରୋଧ; ମହିଳା ଆରଆଇଙ୍କୁ ଟଣାଓଟରା

ଡୁରୁମୁଙ୍ଗା, ୧୬।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ନିହୁଆଁ ଓ ହାତୀବାରୀ ଗ୍ରାମର ସରକାରୀ ଜମି ଶୁକ୍ରବାର ସରକାରୀ ଜମି ଚିହ୍ନଟକୁ ନେଇ ବିବାଦରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ଅତିରିକ୍ତ ତହସିଲଦାର ଶରଣ ଜେନା, ରବି ଶଙ୍କର ହେମ୍ବ୍ରମଙ୍କ ସମେତ ଡୁରୁମୁଙ୍ଗା ଆରଆଇ ମଧୁସ୍ମିତା ସେଠୀ ବଡ଼ପାଟଣା ଆରଆଇ ନରେଶ ମହାନ୍ତ ଚେମଣା ଆରଆଇ ମଳୟ ନାଏକ ଅମିନ ଦେବାଶିଷ ନାଏକଙ୍କ ସହିତ ଡୁରୁମୁଙ୍ଗା ଥାନା ଏସଆଇ ସୁଜାତା ମହାନ୍ତ ଜମି ଚିହ୍ନଟ କରୁଥିବା ସମୟରେ ସମୟରେ ମହିଳା ପୁରୁଷ ବିରୋଧ କରିଥିଲେ । ଏକ ନିର୍ଦ୍ଦିଷ୍ଟ ଜାଗାରେ ଜମି ଚିହ୍ନଟ ପ୍ରକ୍ରିୟାକୁ ଉଭୟ ଗ୍ରାମର ମହିଳା ଓ ପୁରୁଷ ବିରୋଧ କରି ଡୁମୁରିଗୋଡାଠାରୁ ସରାସପଶି ପର୍ଯ୍ୟନ୍ତ ମାପ କରାଯାଉ ବୋଲି ଦାବି କରି ଜିଦ୍‌ରେ ଅଡ଼ି ବସିଥିଲେ । ଫଳରେ କିଛି ସମୟ ଧରି ଉତ୍ତେଜନା ଦେଖାଦେଇଥିଲା । ଶତାଧିକ ମହିଳା ଡୁରୁମୁଙ୍ଗା ଆରଆଇ ମଧୁସ୍ମିତା ସେଠୀଙ୍କୁ ଅଟକ ରଖିଥିବା ବେଳେ ଡୁରୁମୁଙ୍ଗା ପୁଲିସ ତାଙ୍କୁ ଉଦ୍ଧାର କରିଥିଲା । ପରେ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ଜମି ଚିହ୍ନଟ କାର୍ଯ୍ୟ କରାଯାଇ ଶେଷ କରାଯାଇଥିବା ତହସିଲଦାର ଶ୍ରୀ ନାଏକ କହିଛନ୍ତି ।

ମହିଳାଙ୍କୁ ଦୁଷ୍କର୍ମ ମାମଲା: ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍‌ଦଣ୍ଡ

ଉଦଳା, ୧୬ ।୧୦(ସମିସ): ଜଣେ ବିଧବା ମହିଳାଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ଶୁକ୍ରବାର ଉଦଳା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଦୀପ କୁମାର ବେହେରା ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୬ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଅଭିଯୁକ୍ତ ଜଣକ ହେଲେ ଶରତ ଥାନା ଅଧୀନ ଢିପାସାହି ଗ୍ରାମର ଗୟାଧର ସିଂ ।ସୂଚନା ମୁତାବକ, ୨୦୨୨ ଜୁଲାଇ ୧୩ ରାତିରେ ଅଭିଯୁକ୍ତ ଗୟାଧର ସ୍ଥାନୀୟ ଅଞ୍ଚଳର ଜଣେ ବିଧବା ମହିଳାଙ୍କ ଘରେ ପଶି ତାଙ୍କୁ ଦୁଷ୍କର୍ମ କରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲା । ପରଦିନ ମହିଳା ଜଣକ ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମରେ ବୈଠକ ବସିଥିଲେ ମଧ କୌଣସି ସମାଧାନ ହୋଇପାରି ନ ଥିଲା । ପରେ ପୀଡ଼ିତା ଶରତ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ୬୦/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୯ ଜଣ ସାକ୍ଷୀଙ୍କ ବୟାନ ଓ ୧୦ଟି ଦସ୍ତାବିଜକୁ ତର୍ଜମା କରି ବିଚାରପତି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଥିଲେ । ଅଦାଲତ ଅଭିଯୁକ୍ତ ଗୟାଧରକୁ ଆଇପିସି ଧାରା ୩୨୩ରେ ୧ ବର୍ଷ ଜେଲ୍ ଓ ୧ ହଜାର ଟଙ୍କା ଜରିମାନା (ଅନାଦେୟ ଆଉ ୩ ମାସ ଜେଲ୍), ଧାରା ୪୫୦ରେ ୫ ବର୍ଷ ଜେଲ୍ ଓ ୫ ହଜାର ଟଙ୍କା ଜରିମାନା (ଅନାଦେୟ ଆଉ ୬ ମାସ ଜେଲ୍) ଓ ଧାରା ୩୭୬(୧)ରେ ୧୦ ବର୍ଷ ଜେଲ୍ ସହିତ ୧୦ ହଜାର ଟଙ୍କା ଜରିମାନା (ଅନାଦେୟ ଅଧିକ ୧ ବର୍ଷ ଜେଲ୍) ଦଣ୍ଡାଦେଶ ଶୁଣାଇଛନ୍ତି । ସମସ୍ତ ଦଣ୍ଡ ଏକାସଙ୍ଗେ ଚାଲିବାକୁ ଥିବାରୁ ଅଭିଯୁକ୍ତକୁ ସର୍ବାଧିକ ୧୦ ବର୍ଷ ଜେଲ୍ ଭୋଗିବାକୁ ପଡ଼ିବ । ସରକାରଙ୍କ ପକ୍ଷରୁ କ୍ୟାଡର ଅତିରିକ୍ତ ପିପି ଲିଲେଶ କୁମାର ଜେନା ମାମଲା ପରିଚାଳନା କରୁଥିଲେ ।

ଶାଳବଣି ମହାବିଦ୍ୟାଳୟ ଛାତ୍ରସଂସଦର ଶପଥ ପାଠ

ଆନନ୍ଦପୁର, ୧୬।୧୦ (ସମିସ): ଆନନ୍ଦପୁର ବ୍ଲକ ଶାଳବଣି ଗ୍ରାମପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପରେ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପରାମର୍ଶଦାତା ତଥା ଇଂରାଜି ବିଭାଗର ଅଧ୍ୟାପକ ଅଶୋକ କୁମାର ରାଜଙ୍କ ତତ୍ତ୍ୱାବଧାନରେ ଏହି ପ୍ରକ୍ରିୟା ସମାପନ ହୋଇଥିଲା । ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ । ମହାବିଦ୍ୟାଳୟର ସଭାଗୃହରେ ମନୋନୀତ ସମସ୍ତ ପଦାଧିକାରୀଙ୍କୁ ନରହରି ଜେନା, ପଦ ଓ ଗୋପନୀୟତାର ଶପଥ ପାଠ କରାଇ ଛୁଟି ଘୋଷଣା କରିଥିଲେ । ଛାତ୍ର ସଂସଦର ସଭାପତି ମମତା ସାହୁ, ଉପସଭାପତି ଯାମିନୀଜ୍ୟୋତ୍ସ୍ନା ବେହେରା, ସାଧାରଣ ସମ୍ପାଦକ ଆଶିଷ ବେହେରା, ସହ ସାଧାରଣ ସମ୍ପାଦକ ଶ୍ରାବଣୀ ଦାସ, କ୍ରୀଡା ସଂପାଦକ ସତ୍ୟବ୍ରତ ପାତ୍ର, ପୂଜା ସଂପାଦକ ପୃଥିବୀ ରଂଜନ ମିଶ୍ର, ନାଟ୍ୟ ସଂପାଦକ ମଧୁସ୍ମିତା ବେହେରା, ଏସଏସଜି ସଂପାଦକ ମନୀଷା ଜେନା, ଛାତ୍ର ପ୍ରତିନିଧି ଶେଷଦେବ ଜେନା, ଛାତ୍ରୀ ପ୍ରତିନିଧି ପ୍ରଜ୍ଞା ପରମିତା ନାଇକ, ପ୍ରଥମ ବର୍ଷ ଶ୍ରେଣୀ ପ୍ରତିନିଧି ସିପା ଦାସ, ଦ୍ୱିତୀୟ ବର୍ଷ ଶ୍ରେଣୀ ପ୍ରତିନିଧି ପୂଜାରାଣୀ ସାହୁ, ତୃତୀୟ ବର୍ଷ ଶ୍ରେଣୀ ପ୍ରତିନିଧି ସ୍ୱପ୍ନାରାଣୀ ପ୍ରଧାନଙ୍କୁ ପଦ ଗୋପନୀୟତାର ଶପଥ ପାଠ କରିଥିଲେ ।

ଫଳ କିଣୁଥିବା ଶିକ୍ଷକଙ୍କ ସ୍କୁଟି ନେଇ ଦୁର୍ବୃତ୍ତ ଛୁ'

ବାରିପଦା, ୧୬ ।୧୦(ସମିସ): ପାର୍ବଣ ଋତୁର ଭିଡ଼ ମଧ୍ୟରେ ବାରିପଦା କଚେରୀ ପାର୍ଶ୍ୱ ଓ କୋର୍ଟ ପରିସରରୁ ବାଇକ୍ ଓ ସ୍କୁଟି ଚୋରି ବୃଦ୍ଧି ପାଇବାରେ ଲାଗିଛି । ଦୁଇଦିନ ପୂର୍ବରୁ ଏଠାରୁ ଏକ ବାଇକ୍ ଚୋରି ହୋଇଥିବାବେଳେ ଶୁକ୍ରବାର ଅପରାହ୍ଣରେ ପୁଣି ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍କୁଟି ଚୋରି ହୋଇଛି । ବେତନଟୀ ବ୍ଲକ ଉଦିପୁରା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଶ ଚନ୍ଦ୍ର ପଣ୍ଡା ଦୁର୍ଗାପୂଜା ପାଇଁ କଚେରୀ ପାର୍ଶ୍ୱସ୍ଥ ଫଳ ଦୋକାନ ନିକଟରେ ସ୍କୁଟି ରଖି ଫଳ କିଣୁଥିଲେ । ମାତ୍ର କିଛି ମିନିଟ୍ ମଧ୍ୟରେ ଦୁର୍ବୃତ୍ତମାନେ ତାଙ୍କ ଟିଭିଏସ୍ ସ୍କୁଟିକୁ ନେଇ ଚମ୍ପଟ ମାରିଥିଲେ । ଏ ସମ୍ପର୍କରେ ତୁରନ୍ତ ପୁଲିସକୁ ଖବର ଦିଆଯିବା ପରେ ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଥିଲା । ଏ ନେଇ ବାରିପଦା ଟାଉନ୍ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

ମୁରୁସୁଆଁ ପଞ୍ଚାୟତରେ ଅଭିଯୋଗ ଶୁଣିଲା ପ୍ରଶାସନ

ଡୁରୁମୁଙ୍ଗା, ୧୬।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁରୁସୁଆଁ ପଞ୍ଚାୟତରେ ଗୁରୁବାର ସେବା ସେତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ କୁମାର ନାଏକଙ୍କ ସମେତ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ବିଶେଷକରି ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଆବାସ ଯୋଜନା, ରାସନ କାର୍ଡ, ସୁଭଦ୍ରା ଯୋଜନା, ଶ୍ରମିକ କାର୍ଡ, ସ୍ୱାସ୍ଥ୍ୟସେବା, ଶିକ୍ଷା ସମ୍ପର୍କିତ, ବିଭିନ୍ନ ଅଭିଯୋଗ ଶୁଣାଣି ହୋଇଥିଲା । ଅତିରିକ୍ତ ତହସିଲଦାର ରବିଶଙ୍କର ହେମ୍ବ୍ରମ ବ୍ଲକ ଶ୍ରମ ଅଧିକାରୀ ଅମରେଶ କର, ଯୋଗାଣ ଅଧିକାରୀ ଦେବରାଜ ଭୋଇ, ବିଆରସି ଜମାଲୁଦିନ ଖାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ମୁରୁସୁଆଁ ସରପଞ୍ଚ ହରିଶଙ୍କର ଦେହୁରୀ, ସମିତିସଭ୍ୟ ସୁଶୀଲ ସାହୁ ପିଇଓ ଅକ୍ଷୟ ନିଷିଥ ରାଉତ, ଏଡିଇଓ ମୋନାଲିସା ମହାନ୍ତ, ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । 'ସେବା ସେତୁ' କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସରକାରୀ ସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ଚେକ୍ ବାଉନ୍ସ ମାମଲାରେ ୩୦ ଲକ୍ଷ ଜରିମାନା

ଆନନ୍ଦପୁର,୧୬।୧୦(ସମିସ): ଠିକା କାର୍ଯ୍ୟର ବକେୟା ପ୍ରାପ୍ୟ ଦେବା ବାବଦକୁ ଦେଇଥିବା ଚେକ ବାଉନ୍ସ ମାମଲାରେ ଜାମୁଡା ଇଙ୍ଗିନିୟରିଙ୍ଗ କନଷ୍ଟ୍ରକସନର ମୁଖ୍ୟ ଲକ୍ଷ୍ମଣ ଜାମଡାଙ୍କୁ ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ ଦେବଦତ ଦାଶ ମହାପାତ୍ର ୩୦ଲକ୍ଷ ଟଙ୍କା ଜରିମାନା; ଅନାଦେୟ ୩ ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି । ମାମଲା ପରିଚାଳନା କରୁଥିବା ଆଇନଜୀବୀ ହେମରଞ୍ଜନ ବେହେରାଙ୍କ ସୂଚନା ଅନୁଯାୟୀ, ଆନନ୍ଦପୁର ଅଞ୍ଚଳର ପ୍ରମୁଖ ବ୍ୟବସାୟୀ ତ୍ରିଲୋଚନ ଦାଶ ଗତ ୨୦୧୬ରେ ଜାମଡ଼ା କମ୍ପାନୀର ଠିକା କାର୍ଯ୍ୟ କରି ସେ ବାବଦକୁ ପାଇବାକୁ ଥିବା ପ୍ରାପ୍ୟ ଦାବି କରିଥିଲେ । କମ୍ପାନୀ ମୁଖ୍ୟ ଯାଜପୁର ଜିଲ୍ଲା କଳିଙ୍ଗନଗରସ୍ଥିତ ଗୋବରଘାଟି ଗ୍ରାମର ଲକ୍ଷ୍ମଣ ଜାମଡ଼ା ଶ୍ରୀ ଦାଶଙ୍କୁ ଦେଇଥିବା ୨୧ ଲକ୍ଷ ଟଙ୍କାର ଚେକ ଦେଇଥିଲେ । ଏହି ଚେକ ବ୍ୟାଙ୍କରେ ବାଉନ୍ସ ହୋଇଯିବାରୁ ଶ୍ରୀ ଦାଶ ଆନନ୍ଦପୁର ବିଚାରାଳୟରେ ଆଶ୍ରୟ ନେଇଥିଲେ ।ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ ଏହି ମାମଲାର ସାକ୍ଷ୍ୟ ପ୍ରମାଣ ଓ ଦସ୍ତାବିଜକୁ ତର୍ଜମା କରି ଏହି ରାୟ ପ୍ରକାଶ କରିଥିବା ଜଣାଯାଇଛି ।



ସକାଳ
THE SAKALA

ସମ୍ପାଦକୀୟ



ମୋ ସଫଳତାର ରହସ୍ୟ ହେଲା ଜୀବନରେ ସମ୍ମୁଖୀନ ହୋଇଥିବା ସମସ୍ତ ବିପର୍ଯ୍ୟୟକୁ ସୁଯୋଗରେ ପରିଣତ କରିବାକୁ ଚେଷ୍ଟା କରିଛି ।
-ଜନ୍ ଡି ରକ୍‌ଫେଲର

ଅସୁସ୍ଥ ପରମ୍ପରା ପରିହାର୍ଯ୍ୟ

ଶିକ୍ଷାନୁଷ୍ଠାନ ଗଣତନ୍ତ୍ରର ପ୍ରଥମ ପାଠଶାଳା ବୋଲି ଯେଉଁମାନେ ଦୃଢ଼ୋକ୍ତି କରୁଥିଲେ ଏବଂ ଦୀର୍ଘ ଆଠବର୍ଷ ପରେ ଓଡ଼ିଶାରେ ଛାତ୍ରସଂସଦ ନିର୍ବାଚନକୁ ସ୍ୱାଗତ କରିଥିଲେ ସେମାନେ ନିଜକୁ ପ୍ରଶ୍ନ କରିବା ଉଚିତ ଯେ ସଦ୍ୟସମାପ୍ତ ନିର୍ବାଚନରେ ଯାହା ସବୁ ଘଟିଲା ତାହା ସୁସ୍ଥ ଗଣତନ୍ତ୍ରର ପରିଚାୟକ ତ? ସାରା ରାଜ୍ୟରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ମାନଙ୍କରେ ଅର୍ଥବଳ ଓ ବାହୁବଳର ଆତଙ୍କ ବିହାର, ପଶ୍ଚିମବଙ୍ଗ ନିର୍ବାଚନୀ ହିଂସାକୁ ମନେ ପକାଇଦେଲା । ଛାତ୍ରଛାତ୍ରୀମାନଙ୍କୁ ଭୋଟ ଦେବା ପାଇଁ ଅନୁରୋଧ ପରିବର୍ତ୍ତେ ପ୍ରଲୋଭିତ କରାଗଲା, ପୁଳା ପୁଳା ଟଙ୍କା ବଣ୍ଟାଗଲା । ଏହି ଟଙ୍କା ତ ପ୍ରାର୍ଥୀ କିମ୍ବା ପ୍ରାର୍ଥିନୀ ତା' ନିଜ ଘରୁ ଆଣି ନଥିବେ! ତେଣୁ ଦଳୀୟ ପାଣ୍ଠି ଶିକ୍ଷାନୁଷ୍ଠାନମାନଙ୍କରେ ବିନିଯୋଗ ହେଲା । 'ନୋଟ୍ ଫର ଭୋଟ' ନାମକ ନିର୍ବାଚନୀ ରାଜନୀତିର ଅବାଞ୍ଛିତ ରଣନୀତି ଶିକ୍ଷାନୁଷ୍ଠାନରୁ ହିଁ ଆରମ୍ଭ ହେଲା । ରାଜନୈତିକ ଦଳମାନେ ପ୍ରତିପତ୍ତିର ସତରଞ୍ଜ ଖେଳିବା ପାଇଁ ଛାତ୍ରସଂସଦ ନିର୍ବାଚନ ଆକାରରେ ପୁଣି ଏକ ସୁଯୋଗ ସୃଷ୍ଟି ହେଲା । ଏହି ସତରଞ୍ଜ ପାଲିରେ ମୋହରା ହେବା ପାଇଁ ବିଶାଳ ଯୁବବର୍ଗଙ୍କ ସମର୍ଥନ ମଧ୍ୟ ମିଳିଗଲା । ସରକାରୀ ଦଳ ଓ କଳର ପ୍ରଭାବ ଛାତ୍ରସଂସଦ ନିର୍ବାଚନରେ ସ୍ପଷ୍ଟ ଅନୁଭୂତ ହେଲା । ଫଳାଫଳାକୁ ଓଲଟପାଲଟ କରିବା ପାଇଁ ଗଣତି ରାତିଯାଏଁ ଚାଲୁଥିବା ଅଭିଯୋଗ ହେଲା । ଲିଙ୍ଗ୍‌ଡୋ ଆୟୋଗ ରିପୋର୍ଟ କେବଳ କାଗଜକଲମରେ ରହିଗଲା । ଗଣତନ୍ତ୍ର ଯେ ଅର୍ଥବଳ ଓ ବାହୁବଳ ବିନା ତିଷ୍ଠିବ ନାହିଁ ଏହି ଧାରଣାଟି ଛାତ୍ରଛାତ୍ରୀମାନଙ୍କ ମନରେ ସ୍ଥାୟୀ ହୋଇଗଲା । ତେଣୁ ସେମାନେ ଭବିଷ୍ୟତରେ କେତେ ଦେଶପ୍ରେମୀ ଆଉ କେତେ ସ୍ୱାର୍ଥାନ୍ୱେଷୀ ହେବେ ଏଥିରୁ ଅନୁମେୟ ।



ଛାତ୍ରସଂସଦ ନିର୍ବାଚନରୁ ରାଜ୍ୟ ଓ ଜାତୀୟ ରାଜନୀତିରେ ସଫଳ ହୋଇଥିବା କତିପୟ ନେତାଙ୍କ ଉଦାହରଣ ଦେଉଥିବା ବ୍ୟକ୍ତିଙ୍କ ସଂଖ୍ୟା ଅନେକ । କିନ୍ତୁ ବିନା ଛାତ୍ରସଂସଦ ନିର୍ବାଚନ ଜିତି ନେତା, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ହୋଇଥିବା ଦୃଷ୍ଟାନ୍ତ ବହୁଳ । ତେଣୁ ଗଣତନ୍ତ୍ର-ଶିକ୍ଷାର ଅର୍ଥ ନୁହେଁ ଛାତ୍ରସଂସଦ ନିର୍ବାଚନ । ବରଂ ଏହି ନିର୍ବାଚନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୋଷ୍ଠୀକନ୍ଦଳ ବଢ଼ାଏ । ନିର୍ବାଚନ ବେଳେ ସୃଷ୍ଟ ଅସୂୟା ବର୍ଷତମାମ ଲାଗି ରହେ । ନିର୍ବାଚନରେ ଗୋଷ୍ଠୀ ଚିହ୍ନଟ ହୋଇସାରିଥିବାରୁ ଛକାପଞ୍ଝା ଉଗ୍ର ଓ ହିଂସାର ରୂପ ନିଏ ଏବଂ ବିରୋଧ ଆଳରେ ବିରୋଧ ସୃଷ୍ଟି ହୁଏ । ସୁନାଗରିକ ସୃଷ୍ଟି କରିବା ଶିକ୍ଷାନୁଷ୍ଠାନର ମୂଳ ଲକ୍ଷ୍ୟ । ଏଥିପାଇଁ ଆବଶ୍ୟକ ଶୈକ୍ଷିକ ପରିବେଶ, ଉଚ୍ଚମାନର ଭିତ୍ତିଭୂମି ଓ ସମର୍ପିତ ଶିକ୍ଷାଦାନ । ତେଣୁ ସ୍ୱନାମଧନ୍ୟ ଓ ମର୍ଯ୍ୟାଦାସମ୍ପନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ନେତା ସୃଷ୍ଟି ବଦଳରେ ମେଧାଗଠନକୁ ପ୍ରାଧାନ୍ୟ ଦିଆଯାଏ । କାରଣ ନେତାଟିଏ ମେଧାବୀ ହେବା ନ ହେବା ଅନିଶ୍ଚିତ; କିନ୍ତୁ ମେଧାବୀଟିଏ ନେତା ହେବା ସମ୍ଭବ । ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୁଖ ଏହାର ଉଦାହରଣ ।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନିର୍ବାଚନ ଅପରିହାର୍ଯ୍ୟ । କିନ୍ତୁ ଏହାର ସାମ୍ପ୍ରତିକ ପରମ୍ପରା ନିତାନ୍ତ ଅବାଞ୍ଛିତ । ନିର୍ବାଚନ ଅବାଧ ଓ ଶାନ୍ତିପୂର୍ଣ୍ଣ ନ ହେଲେ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ବରଂ ଶ୍ରେୟସ୍କର । ତେଣୁ ଦୂରଦ୍ରଷ୍ଟା ପୂର୍ବତନ ସରକାର ଶିକ୍ଷାନୁଷ୍ଠାନରେ ଗୋଷ୍ଠୀକନ୍ଦଳ, ଅସୂୟା ଓ ବିବାଦକୁ ଯଥାସମ୍ଭବ ପ୍ରତିହତ କରିବା ଲାଗି ଛାତ୍ରସଂସଦ ନିର୍ବାଚନ ବନ୍ଦ କରିଥିଲେ ବୋଲି ଯେଉଁ ଯୁକ୍ତି ଓ ମତ ପ୍ରକାଶ ପାଉଛି ତାହା ସର୍ବାଦୌ ଗ୍ରହଣୀୟ । ନିର୍ବାଚନର ଅସୁସ୍ଥ ପରମ୍ପରା ସବୁଦୃଷ୍ଟିରୁ ପରିହାର୍ଯ୍ୟ ।

ଦୀର୍ଘ ଆଠବର୍ଷରେ ଛାତ୍ରସଂସଦ ନିର୍ବାଚନକୁ ନେଇ ସରକାର ଯଦି କିଛି ପରୀକ୍ଷା ନିରୀକ୍ଷା କରିବାକୁ ଚାହିଁଛନ୍ତି ତାହା ସ୍ୱାଗତଯୋଗ୍ୟ । ସଦ୍ୟସମାପ୍ତ ନିର୍ବାଚନ ପ୍ରାକ୍ ଦୃଶ୍ୟପଟ୍ଟ ଓ କ୍ୟାମ୍ପସ୍ ସ୍ଥିତିରୁ ସରକାର ଶିକ୍ଷା ଲାଭ କରିବେ ବୋଲି ଆଶା । କିନ୍ତୁ ଯଦି ଦଳୀୟ ରାଜନୀତି, ଚିନ୍ତାଧାରା ଓ ଆଦର୍ଶର ପ୍ରୟୋଗ କ୍ଷେତ୍ର ଭାବେ ବିବେଚନା କରନ୍ତି ତେବେ ତାହା ଶୁଭଲକ୍ଷଣ ନୁହେଁ । ବରଂ ଛାତ୍ରସଂସଦ ନିର୍ବାଚନ ହେବ କି ନାହିଁ ତାହା ପାଇଁ ମଧ୍ୟ ଗୋପନୀୟ ଭୋଟ ହେଉ । ଏହି ମତାମତ ଆଧାରରେ ଛାତ୍ରସଂସଦ ନିର୍ବାଚନର ନିଷ୍ପତ୍ତି ନିଆଯାଉ । ଏହା ହିଁ ହେବ ପ୍ରକୃତ ଗଣତନ୍ତ୍ରର ପରିଚାୟକ ।

ଜୀବନ-ସନ୍ଧ୍ୟାରେ ସୁବର୍ଣ୍ଣ ଆଲୋକ

ମିନାକ୍ଷୀ ଦ୍ୱିବେଦୀ

ବୟସର ସଂଖ୍ୟା ବୃଦ୍ଧି ସହିତ ମଣିଷର ଅନ୍ତର୍ନିହିତ ସାମର୍ଥ୍ୟ ହ୍ରାସ ପାଏ ବୋଲି ସମାଜରେ ଯେଉଁ ପ୍ରାଚୀନ ଓ ଜଡ଼ତାପୂର୍ଣ୍ଣ ଧାରଣା ରହିଛି, ତାହା ମାନବୀୟ ସେବା ଓ ସାଧନାର ଇତିହାସ ଆଗରେ ସମ୍ପୂର୍ଣ୍ଣ ମୂଲ୍ୟହୀନ । ବାର୍ଦ୍ଧକ୍ୟ ତ ଜୀବନର ସେହି ସୁବର୍ଣ୍ଣ ଅଧ୍ୟାୟ, ଯେଉଁଠି ଝଡ଼ବର୍ଷାର ଅଭିଜ୍ଞତାକୁ ପାଥେୟ କରି ମଣିଷ ଏକ ବିଶାଳ ବଟବୃକ୍ଷ ପାଲଟିଯାଏ । ବୃଦ୍ଧାବସ୍ଥାରେ ଜଣେ ବ୍ୟକ୍ତି ପାଖରେ ଯେଉଁ 'ଜ୍ଞାନର ଗରିମା' ଓ 'ଅଭିଜ୍ଞତାର ଭଣ୍ଡାର' ଥାଏ, ତାହା କୌଣସି ପୋଥି ବା ଶିକ୍ଷାନୁଷ୍ଠାନରୁ କ୍ରୟ କରାଯାଇପାରେ ନାହିଁ । ଯୌବନର ଅହଙ୍କାର ଓ ଉଦ୍ଦାମତା ଯେଉଁଠି ପଥ ହରାଏ, ବାର୍ଦ୍ଧକ୍ୟର ଧୈର୍ଯ୍ୟ, ସ୍ଥିରତା ଓ ପରିପକ୍ୱତା ସେଠାରେ ସଠିକ୍ ଦିଗଦର୍ଶନ ଦିଏ ।

ସଂସାରର ସମସ୍ତ ଆବିଳତା ଓ ପାରିବାରିକ ଦାୟିତ୍ୱର ଶୃଙ୍ଖଳରୁ ମୁକ୍ତ ହେବା ପରେ ଏହି ସମୟରେ ନିଜର ସୁପ୍ତ ପ୍ରତିଭାକୁ ଜାଗ୍ରତ କରିବା ଏବଂ ସମାଜ ଓ ବିଶ୍ୱକଲ୍ୟାଣ ପାଇଁ ନିଜକୁ ସମର୍ପଣ କରିବାର ଏକ ଅପୂର୍ବ ଅବସର ମିଳିଥାଏ । ବାର୍ଦ୍ଧକ୍ୟ ହେଉଛି ଜୀବନର ପୂର୍ଣ୍ଣତା, ଯେଉଁଠି ପ୍ରତିଟି ଅନୁଭୂତି ମଣିଷକୁ ମାନବିକତାର ଉଚ୍ଚତର ସୋପାନ ଆଡ଼କୁ ଅଗ୍ରସର କରାଏ । ଏହି ସାର୍ବଜନୀନ ସତ୍ୟକୁ ନିଜର ପ୍ରତିଟି ପଦଚିହ୍ନରେ ପ୍ରମାଣିତ କରିଛନ୍ତି ବିଶ୍ୱର ଅନେକ ବୟୋଜ୍ୟେଷ୍ଠ ସାଧକ । ଅଶୀବର୍ଷ ପାର କରିଥିବା ଅନେକ ବ୍ୟକ୍ତି ମଧ୍ୟ ଦୌଡ଼, ସୃଜନଶୀଳତା, ସାହସିକ କାର୍ଯ୍ୟ ଓ ସାମାଜିକ ସେବାରେ ନିଜକୁ ସକ୍ରିୟ ରଖି ଆସିଛନ୍ତି । ବୟସ ବଢ଼ିଲେ କାର୍ଯ୍ୟକ୍ଷମତାର ରୂପ ବଦଳିପାରେ, କିନ୍ତୁ ଅବଦାନ ରଖିବାର ଇଚ୍ଛା ଓ ସୃଜନଶୀଳତା ଶେଷ ହୋଇଯାଏ ନାହିଁ ।

ବୟୋଜ୍ୟେଷ୍ଠମାନଙ୍କ କ୍ଷମତା ବିଷୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଦୃଷ୍ଟିକୋଣ ମଧ୍ୟ ଉଲ୍ଲେଖନୀୟ । ଏହି ଅନୁଷ୍ଠାନର ମତରେ 'ସୁସ୍ଥ ବାର୍ଦ୍ଧକ୍ୟ' କେବଳ ରୋଗମୁକ୍ତ ରହିବାର ନାମ ନୁହେଁ; ବରଂ ଜୀବନର ଉତ୍ତରପର୍ବରେ ନିଜର କାର୍ଯ୍ୟକ୍ଷମତାକୁ ରକ୍ଷା କରିବା, ଶିଖିବା, ନିଷ୍ପତ୍ତି ନେବା, ଚଳାଚଳ କରିବା, ସମ୍ପର୍କ ଗଢ଼ିବା ଓ ସମାଜରେ ଅବଦାନ ରଖିବାର ସାମର୍ଥ୍ୟକୁ ଅବ୍ୟାହତ ରଖିବା । ଏହି ଦୃଷ୍ଟିକୋଣରୁ ବାର୍ଦ୍ଧକ୍ୟକୁ ଆମେ 'ଶେଷ' ଭାବରେ ନୁହେଁ, ଜୀବନର ଏକ 'ନୂଆ ପର୍ବ' ଭାବରେ ଦେଖିବା ଆବଶ୍ୟକ । ଏହି କାରଣରୁ ଜାତିସଂଘ ୨୦୨୧ରୁ ୨୦୩୦ ପର୍ଯ୍ୟନ୍ତ ସମୟକୁ 'ୟୁନାଇଟେଡ୍ ନେସନ୍ସ ଡିକେଡ୍ ଅଫ୍ ହେଲ୍‌ଥି ଏଜିଙ୍ଗ୍' ଭାବେ ଗ୍ରହଣ କରିଛି । ଏହାର ମୂଳ ଲକ୍ଷ୍ୟ ହେଉଛି ବୟସ୍କ ଲୋକଙ୍କ ଜୀବନକୁ ଅଧିକ ସୁସ୍ଥ, ସମ୍ମାନଜନକ, ସ୍ୱାଧୀନ ଓ ଅର୍ଥପୂର୍ଣ୍ଣ କରିବା ।

ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଜୀବନର ଶେଷ ଭାଗରେ, ଅର୍ଥାତ୍ ୬୭ ବର୍ଷ ବୟସରେ, ଚିତ୍ରକଳାରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଥିଲେ । 'ନ୍ୟାସନାଲ୍ ଗ୍ୟାଲେରୀ ଅଫ୍ ମଡର୍ନ ଆର୍ଟ' ତଥ୍ୟ ଅନୁସାରେ ୧୯୨୮ରେ ୬୭ ବର୍ଷ ବୟସରେ ତାଙ୍କ ଚିତ୍ରଶିଳ୍ପୀ ସ୍ୱରୂପର ଆତ୍ମପ୍ରକାଶ ହୋଇଥିଲା ଏବଂ ୧୯୨୮ରୁ ୧୯୪୦ ମଧ୍ୟରେ ସେ ୨,୦୦୦ରୁ ଅଧିକ ଚିତ୍ର ସୃଷ୍ଟି କରିଥିଲେ । ଓଡ଼ିଶାର ଜଣାଶୁଣା ବ୍ୟକ୍ତିତ୍ୱ ପଦ୍ମଶ୍ରୀ ପ୍ରଫେସର ରାଧାମୋହନ ଏବଂ ତାଙ୍କ କନ୍ୟା ସାବରମତୀ ନୟାଗଡ଼ର ଅନୁର୍ବର ଜମିକୁ ଜୈବିକ କୃଷି, ମୃତ୍ତିକା ଓ ଜଳ ସଂରକ୍ଷଣ ଏବଂ ଦେଶୀ ବୀଜ ସଂରକ୍ଷଣ ମାଧ୍ୟମରେ ସବୁଜ ଖାଦ୍ୟ-ଅରଣ୍ୟରେ ପରିଣତ କରିବାର ପ୍ରୟାସ ତାଙ୍କ କର୍ମଜୀବନର ଏକ ଅନନ୍ୟ ଅଧ୍ୟାୟ । କମଳା ପୂଜାରୀଙ୍କ ଜୀବନ ଏକ ଅନନ୍ୟ ଦୃଷ୍ଟାନ୍ତ । ସେ ଜୈବିକ ଚାଷ, ପାରମ୍ପରିକ କୃଷି ପଦ୍ଧତି ଓ ଦେଶୀ ଧାନବୀଜ ସଂରକ୍ଷଣ ପାଇଁ ଦୀର୍ଘଦିନ କାର୍ଯ୍ୟ କରିଥିଲେ । ସେ ୧୦୦ରୁ ଅଧିକ ଧାନ ପ୍ରଜାତି ସଂରକ୍ଷଣ କରିଥିବା ଏବଂ କୃଷକମାନଙ୍କୁ ଜୈବିକ କୃଷି ପ୍ରତି ଉତ୍ସାହିତ କରିଥିବା ତଥ୍ୟ ମିଳେ । ତାଙ୍କ ଅବଦାନ ପାଇଁ ତାଙ୍କୁ ୨୦୧୯ରେ 'ପଦ୍ମଶ୍ରୀ' ସମ୍ମାନ ପ୍ରଦାନ କରାଯାଇଥିଲା ।

ବିଶ୍ୱର ପ୍ରତିଟି କୋଣରେ ଏହିପରି ମହାନ୍ ସାଧକମାନଙ୍କର ଜୟଯାତ୍ରା ଦେଖିବାକୁ ମିଳେ । ଆମେରିକାର ଅମର ପ୍ରତିଭା 'ଗ୍ରାଣ୍ଡମା ମୋସେସ' ନିଜର ଚିତ୍ରାଙ୍କନ ଜୀବନ ସେତେବେଳେ ଗଭୀର ଭାବରେ ଆରମ୍ଭ କରିଥିଲେ, ଯେତେବେଳେ ତାଙ୍କ ଜୀବନର ୭୭ଟି ବସନ୍ତ ବିତିସାରିଥିଲା । ପରବର୍ତ୍ତୀ ସମୟରେ ସେ ଆମେରିକୀୟ ଲୋକ ଚିତ୍ରକଳାର ଏକ ପ୍ରସିଦ୍ଧ ନାମ ହୋଇଥିଲେ । ୧୦୧ ବର୍ଷ ବୟସରେ ତାଙ୍କର ଦେହାବସାନ ବେଳକୁ ସେ ୧, ୫୦୦ରୁ ଅଧିକ ଚିତ୍ର ସୃଷ୍ଟି କରିସାରିଥିଲେ । ଜାପାନର ପର୍ବତାରୋହୀ ୟୁଇଚିରୋ ମିଉରା ୮୦ ବର୍ଷ ବୟସରେ ୨୦୧୩ ମସିହାରେ ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ଆରୋହଣ କରିଥିଲେ । ତାଙ୍କର ଚାରିଥର ହୃଦୟ ଅସ୍ତ୍ରୋପଚାର ହୋଇଥିଲେ ମଧ୍ୟ ସେ ନିଜର ପର୍ବତାରୋହଣର ସ୍ୱପ୍ନକୁ ଜୀବନ୍ତ ରଖିଥିଲେ । ପ୍ରସିଦ୍ଧ ଜନନାୟକ ନେଲସନ ମାଣ୍ଡେଲା ୭୫ ବର୍ଷ ବୟସରେ ୧୯୯୪ ମସିହାରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ହୋଇଥିଲେ । ତାଙ୍କ ଜୀବନ ଦୀର୍ଘ ସଂଘର୍ଷ, ରାଜନୈତିକ ପରିବର୍ତ୍ତନ ଓ ସାର୍ବଜନୀନ ନେତୃତ୍ୱର ଏକ ଐତିହାସିକ ଉଦାହରଣ । ଶହେ ବର୍ଷ ବୟସ ପରେ ମଧ୍ୟ ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ମନ କୌର ଅନେକ ସ୍ୱର୍ଣ୍ଣପଦକ ଜିତିଥିଲେ । ସେ ୯୩ ବର୍ଷ ବୟସରେ ଆଥଲେଟିକ୍ସରେ ପ୍ରବେଶ କରିଥିଲେ ଏବଂ ପରେ ୱାର୍ଲ୍ଡ ମାଷ୍ଟର୍ସ ଆଥ୍ଲେଟିକ୍ସର ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଥିଲେ ।

ଏହି ସମସ୍ତ ଜୀବନଗାଥା ଆମକୁ ଏକ ଗଭୀର ସତ୍ୟ ସାମ୍ନାରେ ଆଣିଦିଏ - ବୟସ ଜୀବନର ଗତିକୁ ସବୁବେଳେ ନିର୍ଦ୍ଧାରଣ କରେ ନାହିଁ । ମଣିଷର ମନୋଭାବ, ସୁଯୋଗ, ସ୍ୱାସ୍ଥ୍ୟ, ପରିବେଶ ଓ ସାମାଜିକ ସହଯୋଗ ମଧ୍ୟ ତାହାର ଜୀବନକୁ ଗଢ଼ିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସ୍ପଷ୍ଟ କରିଛି ଯେ ସମସ୍ତ ବୟସ୍କ ଲୋକଙ୍କର କ୍ଷମତା ସମାନ ନୁହେଁ । କେତେକ ୮୦ ବର୍ଷୀୟଙ୍କ ଶାରୀରିକ ଓ ମାନସିକ କ୍ଷମତା ଅନେକ ଯୁବବ୍ୟକ୍ତିଙ୍କ ସହ ତୁଳନୀୟ ହୋଇପାରେ, ଆଉ କେତେକଙ୍କୁ ଅଧିକ ସହାୟତା ଦରକାର ହୋଇପାରେ । ତେଣୁ ବାର୍ଦ୍ଧକ୍ୟକୁ ଏକରୂପୀ ଅନୁଭୂତି ଭାବରେ ଦେଖିବା ଉଚିତ ନୁହେଁ । ବାସ୍ତବରେ, ବାର୍ଦ୍ଧକ୍ୟକୁ ଜୟ କରି ଜୀବନକୁ ରସମୟ କରିବା ପାଇଁ ସଂଯମ ଓ ସନ୍ତୁଳିତ ଜୀବନଚର୍ଯ୍ୟା ସହ ମାନସିକ ସଂକଳ୍ପ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ । ନିଜ ସାମର୍ଥ୍ୟ ଓ ସ୍ୱାସ୍ଥ୍ୟ ଅନୁଯାୟୀ ନିୟମିତ ଶାରୀରିକ ସକ୍ରିୟତା, ସନ୍ତୁଳିତ ଆହାର, ପର୍ଯ୍ୟାପ୍ତ ବିଶ୍ରାମ, ସୃଜନଶୀଳ କାର୍ଯ୍ୟ, ସାମାଜିକ ସମ୍ପର୍କ ଓ ମାନସିକ ପ୍ରଶାନ୍ତି ବୟସ୍କ ଜୀବନକୁ ଅର୍ଥପୂର୍ଣ୍ଣ କରିପାରେ ।

ତେବେ ଏଠାରେ ଗୋଟିଏ କଥା ମନେ ରଖିବା ଆବଶ୍ୟକ । ବୟସ୍କ ବ୍ୟକ୍ତିଙ୍କୁ କେବଳ 'ସକ୍ରିୟ ରୁହ' ବୋଲି କହିଦେବା ଯଥେଷ୍ଟ ନୁହେଁ । ପରିବାର, ସମାଜ ଓ ରାଷ୍ଟ୍ରର ମଧ୍ୟ ଦାୟିତ୍ୱ ରହିଛି । ତାଙ୍କ ପାଇଁ ସମ୍ମାନଜନକ ପରିବେଶ, ସୁବିଧାଜନକ ଯାତାୟାତ, ସ୍ୱାସ୍ଥ୍ୟସେବା, ସାମାଜିକ ସଂଯୋଗ ଓ ନିଜ ମତ ପ୍ରକାଶର ସୁଯୋଗ ରହିବା ଦରକାର । ବାର୍ଦ୍ଧକ୍ୟକୁ ଦୁର୍ବଳତାର ପର୍ଯ୍ୟାୟ ଭାବେ ଦେଖିବା ପରିବର୍ତ୍ତେ ଅନୁଭବର ସମ୍ପଦ ଭାବେ ଦେଖିବା ଆବଶ୍ୟକ । ମୁଁ ବୃଦ୍ଧ ହୋଇଗଲିଣି - ଏହି ଏକମାତ୍ର ନକାରାତ୍ମକ ଚିନ୍ତା ମଣିଷକୁ ସମୟ ପୂର୍ବରୁ କ୍ଷୟ କରିଦିଏ ବୋଲି କହିବା ଅତିରଞ୍ଜିତ ହୋଇପାରେ । କିନ୍ତୁ ନିଜକୁ କେବଳ ବୟସର ସଂଖ୍ୟାରେ ସୀମିତ କରିଦେବା ନିଶ୍ଚୟ ଜୀବନର ସମ୍ଭାବନାକୁ ସଂକୁଚିତ କରିପାରେ । ଯେଉଁମାନେ ପ୍ରତିଦିନର ସୂର୍ଯ୍ୟୋଦୟକୁ ପ୍ରକୃତିର ଏକ ନୂଆ ଆଶୀର୍ବାଦ ଓ ନୂଆ ସୁଯୋଗ ଭାବେ ଗ୍ରହଣ କରନ୍ତି, ସେମାନଙ୍କ ପାଇଁ ଜୀବନର ପ୍ରତିଟି ମୁହୂର୍ତ୍ତ ଅମୃତମୟ ଉତ୍ସବରେ ପରିଣତ ହୋଇଯାଏ ।

ପରିଶେଷରେ ଏତିକି କୁହା ଯାଇପାରେ ଯେ, ବାର୍ଦ୍ଧକ୍ୟ ହେଉଛି ମାନବ ଜୀବନରୂପୀ ମହାକାବ୍ୟର ସବୁଠାରୁ ଗମ୍ଭୀର, ପବିତ୍ର ଓ ରସାଳ ପରିଚ୍ଛେଦ । ସୂର୍ଯ୍ୟାସ୍ତରେ ପଶ୍ଚିମ ଆକାଶ ଯେପରି ସୁବର୍ଣ୍ଣ ଗୋଧୂଳିର ଅପୂର୍ବ ରଙ୍ଗରେ ଅଧିକ ମନୋହର ଓ ନୟନଭିରାମ ଦେଖାଯାଏ, ଜୀବନର ସାୟାହ୍ନ ମଧ୍ୟ ସେହିପରି ଅଭିଜ୍ଞତା ଓ ସାଧନାର ସୁବର୍ଣ୍ଣ ଆଲୋକରେ ଝଲସି ଉଠିବା ଉଚିତ । ଦତ୍ତାତ୍ରେୟଙ୍କ ଦୁର୍ବାର ଦୌଡ଼ର ପ୍ରେରଣାଦାୟକ କାହାଣୀ ହେଉ କିମ୍ବା ମନ କୌରଙ୍କ ବୟସର ଶେଷ ପର୍ଯ୍ୟାୟରେ ଆଥଲେଟିକ୍ସରେ ପ୍ରବେଶ, ରବୀନ୍ଦ୍ରନାଥଙ୍କ ୬୭ ବର୍ଷରେ ଚିତ୍ରକଳାର ନୂଆ ଦିଗନ୍ତ ଉନ୍ମୋଚନ ହେଉ ଏ ସମସ୍ତ ମାନବୀୟ ଗାଥା ଆମକୁ ଏକ ମୂଳ ସତ୍ୟ ମନେ ପକାଇଦିଏ । ଜୀବନର କୌଣସି ପର୍ଯ୍ୟାୟକୁ କେବଳ ଅବସାନର ନାମ ଦିଆଯାଇପାରେ ନାହିଁ । ଶରୀରର ବୟସ କେବଳ କ୍ୟାଲେଣ୍ଡରର ପୃଷ୍ଠା ବଦଳାଇ ପାରେ, କିନ୍ତୁ ଅଦମ୍ୟ ଚିନ୍ତାଧାରା, ଶିଖିବାର ଆଗ୍ରହ, ସୃଜନଶୀଳତା ଓ ଅବିନଶ୍ୱର ଇଚ୍ଛାଶକ୍ତି ମଣିଷକୁ ପ୍ରତ୍ୟେକ ଦିନ ନୂଆ କରି ଗଢ଼ିପାରେ । ଜୀବନର ଶେଷ ପାହାଚରେ ବି ଆଶା, ବିଶ୍ୱାସ ଓ ସେବାର ଅଖଣ୍ଡ ଅନିର୍ବାଣ ଦୀପ ପ୍ରଜ୍ୱଳିତ ହୋଇପାରେ । କାରଣ ବାର୍ଦ୍ଧକ୍ୟ ତ କେବଳ କ୍ଷଣଭଙ୍ଗୁର ଶରୀରର ଏକ କାଳଗତ ଅବସ୍ଥା । ମାତ୍ର ମାନବୀୟ ଚେତନା, ସଂକଳ୍ପ, ସୃଜନଶୀଳତା ଓ ସାଧନାକୁ ଯଦି ଆମେ ଜୀବନ୍ତ ରଖିପାରୁ, ତେବେ ସେମାନେ ସଦାଯୌବନର ଆଲୋକ ବହନ କରିପାରନ୍ତି ।

ଜୀବନର ସାୟାହ୍ନ ତେଣୁ ଅସ୍ତମିତ ସୂର୍ଯ୍ୟର କାହାଣୀ ନୁହେଁ । ଏହା ଦୀର୍ଘଦିନର ଅନୁଭବରେ ଗଢ଼ିଉଠିଥିବା ଏକ ସୁବର୍ଣ୍ଣ ପ୍ରଭା । ଯେଉଁ ଆଲୋକରେ ଅତୀତର ଅନୁଭବ, ବର୍ତ୍ତମାନର ସନ୍ତୋଷ ଓ ଆଗାମୀ ପିଢ଼ି ପାଇଁ ଆଶୀର୍ବାଦ - ସବୁ ଏକାକାର ହୋଇଯାଏ । ସେହି ଆଲୋକ ଆମକୁ ଶିଖାଏ ବୟସ ବଢ଼େ, କିନ୍ତୁ ଜୀବନର ଅର୍ଥ ଶେଷ ହୁଏ ନାହିଁ । ଅନୁଭବ ଯେତେ ଗଭୀର ହୁଏ, ଜୀବନର ସୁବର୍ଣ୍ଣ ଆଲୋକ ସେତେ ଉଜ୍ଜ୍ୱଳ ହୋଇଉଠେ ।

ଗୁରୁଗ୍ରାମ
ମୋ: ୭୯୭୮୦୮୨୮୩୪

ଓଡ଼ିଶାରେ ଛାତ୍ରସଂସଦ ନିର୍ବାଚନ ଅନ୍ତରାଳେ

ସନ୍ଦୀପ କୁମାର ଚାନ୍ଦ

ଦୀର୍ଘ ଆଠ ବର୍ଷ ବ୍ୟବଧାନରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବା ପରିପ୍ରେକ୍ଷୀରେ ଅଣରାଜନୈତିକ ବୁଦ୍ଧିଜୀବୀ ଏବଂ ଅଭିଭାବକ/ଅଭିଭାବିକାମାନଙ୍କ ସମ୍ମୁଖରେ ଏକ ବହୁତ ବଡ଼ ଆହ୍ୱାନ ଛିଡ଼ାହୋଇଛି । ଭବିଷ୍ୟତ ପିଢ଼ିମାନଙ୍କ ପାଇଁ ନୂତନ ନେତୃତ୍ୱ ସୃଷ୍ଟି କରିବାର ଲକ୍ଷ୍ୟ ରଖି ଯଦି ଛାତ୍ରସଂସଦ ନିର୍ବାଚନ କରାଯାଏ ତାହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । କିନ୍ତୁ ଯେଉଁ ଢଙ୍ଗରେ ସମଗ୍ର ରାଜ୍ୟରେ ନିର୍ବାଚନ ଅନୁଷ୍ଠିତ ହେଲା ତାହା କୌଣସି ସଭ୍ୟ ଓ ଶୃଙ୍ଖଳିତ ସମାଜ ପାଇଁ ଆଦୌ ଗ୍ରହଣୀୟ ନୁହେଁ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକର ଶାନ୍ତ ଶୈକ୍ଷିକ ବାତାବରଣକୁ ନଷ୍ଟ କରି ଏକ ହିଂସା, ଭୟ, ଗୁଣ୍ଡାଗର୍ଦ୍ଦି, ଅରାଜକତା ଓ ଆତଙ୍କବାଦର ଯେଉଁ ବାତାବରଣ ସୃଷ୍ଟି କରାଗଲା ତାହା ରାଜ୍ୟର ଜନମାନସକୁ ବହୁତ ବ୍ୟଥିତ କରିଛି । ଅନୁଷ୍ଠାନର ପ୍ରାଙ୍ଗଣ ଓ ସାମାଜିକ ଗଣମାଧ୍ୟମରେ ଅଶାଳୀନ ଭାଷାର ସୀମା ଚରମ ସ୍ଥିତିରେ ପହଞ୍ଚିଗଲା । କିନ୍ତୁ ଆମେ ସମସ୍ତେ ଚେଇଁ ରହି ଶୋଇପଡ଼ିଲୁ । ଏକ ବୌଦ୍ଧିକ ଓ ପ୍ରତିକ୍ରିୟାହୀନ ବର୍ଗ ଭାବେ ଆମେ ଆଖି ବୁଜିଦେଇ କେବଳ ତାମସା ଦେଖି ସହ୍ୟ କରିଗଲୁ ।

ଦୀର୍ଘ ଦଶବର୍ଷ ଧରି ଛାତ୍ର ସଂସଦର ଉପଦେଷ୍ଟା, ଦୁଇ ବର୍ଷର ଅଧ୍ୟକ୍ଷ ଏବଂ ପଞ୍ଚତିରିଶ ବର୍ଷର ରାଜନୀତି ବିଜ୍ଞାନର ଅଧ୍ୟାପକ ଓ ପ୍ରାଧ୍ୟାପକ ଭାବେ ମୋର ଅଭିଜ୍ଞତାରୁ ମୁଁ ସମଗ୍ର ଭାରତରେ ଛାତ୍ରସଂସଦ ନିର୍ବାଚନ ପାଇଁ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ତତ୍ତ୍ୱାବଧାନରେ ଗଠିତ ଲିଙ୍ଗଡ଼ୋ ଆୟୋଗ ମାର୍ଗଦର୍ଶିକାକୁ କେବଳ ଅଧ୍ୟୟନ କରିନାହିଁ, ଏହାକୁ ଗଭୀରଭାବେ ବିଶ୍ଳେଷଣ କରିଛି । ଆପଣମାନେ ନିଜକୁ ପ୍ରଶ୍ନ ପଚାରନ୍ତୁ ଯେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ / ପ୍ରାର୍ଥିନୀମାନେ ଏବଂ ସେମାନଙ୍କର ସମର୍ଥକ / ସମର୍ଥିକାମାନେ ଭିନ୍ନଭିନ୍ନ ରାଜନୈତିକ ଦଳର ପ୍ରତ୍ୟକ୍ଷ ସମ୍ପୃକ୍ତିରେ ଯେଉଁପ୍ରକାର ବାହୁବଳ ଓ ଅର୍ଥବଳରେ ଏକ ଅଶାନ୍ତ ଓ ଆତଙ୍କର ବାତାବରଣ ସୃଷ୍ଟି କଲେ ଏବଂ ସମ୍ପୂର୍ଣ୍ଣ ଶୈକ୍ଷିକ ବାତାବରଣକୁ ଧୂଳିସାତ କରିଦେଲେ ତାହା ଉପରୋକ୍ତ ମାର୍ଗଦର୍ଶିକାର ଖୋଲାଖୋଲି ଉଲ୍ଲଙ୍ଘନ କି ନୁହେଁ?

ମୋର ଅଭିଜ୍ଞତା କହୁଛି ଏହିଠାରେ ଏହି କାହାଣୀ ସରିଯିବନି । ଏହାର ଫଳାଫଳ ସୁଦୂରପ୍ରସାରୀ । ପୃଷ୍ଠପୋଷକତା ପ୍ରଦାନ କରିଥିବା ଏହି ରାଜନୈତିକ ଦଳମାନଙ୍କର ନିର୍ଦ୍ଦେଶରେ ପ୍ରତ୍ୟେକ ଅନୁଷ୍ଠାନର ବାର୍ଷିକ ଉତ୍ସବ ପର୍ଯ୍ୟନ୍ତ ଏହିପରି ବାତାବରଣ ଲାଗିରହିବ । ତା'ପରେ ପରୀକ୍ଷା ଋତୁ ଆସିଯିବ । ଏହି ଅପରିପକ୍ୱ ଛାତ୍ରଛାତ୍ରୀମାନେ ସେମାନଙ୍କ ଅନ୍ତିମ ଲକ୍ଷ୍ୟକୁ ଭୁଲି ଜୀବନରେ କେତେବଡ଼ ଭୁଲ କରିବସୁଛନ୍ତି ତାହା ବୁଝିପାରନ୍ତି ନାହିଁ । ସବୁଠାରୁ ଦୁଃଖର ବିଷୟ ଯେ ସେମାନଙ୍କ ଅଭିଭାବକ /ଅଭିଭାବିକାମାନେ ସେମାନଙ୍କୁ ଏ ବିଷୟରେ ତାଗିଦ କରନ୍ତି ନାହିଁ । ଏମାନେ ଜୀବନ ସଂଗ୍ରାମରେ ସଫଳ ହୋଇ ନ ପାରି କୁଜି ନେତା ହୋଇ ବାହାରନ୍ତି । ଧର୍ମଘଟ ବା ରାଲି ବା ସଭାକାର୍ଯ୍ୟକ୍ରମରେ ସେମାନଙ୍କୁ ପୋଷିଥିବା ଦଳ ପାଖରୁ କିଛି ଅର୍ଥ ନେଇ ନାରାବାଜି ଦିଅନ୍ତି, ଗାଡ଼ିରେ ତେଲ ପକାଇ ସହରସାରା ଗର୍ଜନ କରନ୍ତି ଆଉ ଗୁଣ୍ଡା ହୋଇ ନେତାମାନଙ୍କ ପାଖରେ ଛିଡ଼ା ହୁଅନ୍ତି । ଭାଗ୍ୟ ଭଲ ଥିଲେ ଏହିପ୍ରକାର ଅବସ୍ଥାରୁ ନିଜକୁ ମୁକ୍ତ କରି ଜୀବନର ରାହାଟିଏ ପାଇଯାନ୍ତି ।

ଧନ୍ୟବାଦ ସ୍ୱାଧୀନ ବିଜେତାମାନଙ୍କୁ । ସେମାନେ କାହାର ହାତବାରିସୀ ନହୋଇ ନିଜ ଦମରେ ଜିତିଛନ୍ତି । ସେହିମାନେ ଲିଙ୍ଗଡ଼ୋ କମିଶନର ମାର୍ଗଦର୍ଶିକା ଅନୁଯାୟୀ ପ୍ରକୃତ ବିଜେତା । ସେମାନେ ପରବର୍ତ୍ତୀ ସମୟରେ ସମାଜ ଓ ରାଷ୍ଟ୍ରରେ ପ୍ରକୃତ ନେତୃତ୍ୱ ନେଇପାରିବେ । ତେଣୁ ସରକାର ବାହାଦୂରଙ୍କୁ ନିବେଦନ ଯେ ସେମାନେ ଯଦି ଲିଙ୍ଗଡ଼ୋ କମିଶନର ମାର୍ଗଦର୍ଶିକା ଅନୁଯାୟୀ ନିର୍ବାଚନ କରିପାରିବେ ତେବେ କରନ୍ତୁ, ନଚେତ ଏ ପ୍ରହସନ ବନ୍ଦ କରନ୍ତୁ । ଛାତ୍ରଛାତ୍ରୀ ଏବଂ ସର୍ବୋପରି ଅନୁଷ୍ଠାନଗୁଡ଼ିକର ସାମଗ୍ରିକ କଲ୍ୟାଣକୁ ଦୃଷ୍ଟିରେ ରଖି ଯାହାକିଛି କରନ୍ତୁ । ସରକାରଙ୍କର ଅନ୍ତିମ ଲକ୍ଷ୍ୟ ହେଉ - ଏକ ସୁନ୍ଦର ଭବିଷ୍ୟତ ପିଢ଼ି ନିର୍ମାଣ କରିବା, ଯେଉଁମାନେ ବିକଶିତ ଭାରତ ଓ ଓଡ଼ିଶା ନିର୍ମାଣରେ ବଳିଷ୍ଠ ଭୂମିକା ନେଇପାରିବେ । 'ସର୍ବ ଜନ ହିତାୟ, ସର୍ବ ଜନ ସୁଖାୟ' ର ମାର୍ଗଦର୍ଶକ ସାଜି ଭବିଷ୍ୟତ ପିଢ଼ିକୁ ସେହି ମନ୍ତ୍ରରେ ଅଭିମନ୍ତ୍ରିତ କରନ୍ତୁ ।

ଅଭିଭାବକ /ଅଭିଭାବିକାମାନେ ସେହିପ୍ରକାର ପରିବେଶ ନିଜ ପରିବାରରେ ସୃଷ୍ଟି କରି ନିଜ ପିଲାକୁ ଗଢ଼ନ୍ତୁ । ପିଲାମାନଙ୍କର ଯଦି ରାଜନୀତି ପ୍ରତି ଅନୁରକ୍ତି ରହିଛି ତେବେ ସେମାନଙ୍କୁ ସକାରାତ୍ମକ ଏବଂ ତ୍ୟାଗପୂତ ସେବା ଭାବନାରେ ରାଜନୀତି କରିବା ପାଇଁ ଗଢ଼ି ତୋଳନ୍ତୁ । ବୌଦ୍ଧିକ ଶ୍ରେଣୀ! ଆପଣମାନେ ନିରବ ଦର୍ଶକ ନହୋଇ ସମାଜ, ରାଷ୍ଟ୍ର ଓ ଭବିଷ୍ୟତ ପିଢ଼ିକୁ ଉଚିତ ମାର୍ଗରେ ପରିଚାଳନା କରିବା ପାଇଁ ସକ୍ରିୟ ଭୂମିକା ନିଅନ୍ତୁ । ନଚେତ ଭବିଷ୍ୟତ ପିଢ଼ି ଓ ଇତିହାସ ଆପଣମାନଙ୍କୁ କ୍ଷମା ପ୍ରଦାନ କରିବ ନାହିଁ ।

(ପୂର୍ବତନ ଅଧ୍ୟକ୍ଷ)

କଳିଙ୍ଗରେ ହୀନଯାନ ବୌଦ୍ଧ ଧର୍ମ

ପ୍ରବୀର କୁମାର ପଟ୍ଟନାୟକ

ପୂର୍ବପ୍ରକାଶିତ ଉତ୍ତାରୁ...

ଓଡ଼ିଶାର ବୌଦ୍ଧ ପରମ୍ପରା



ଓଡ଼ିଶାରେ ହୀନଯାନ-ମହାଯାନ ବିବାଦ: ଖ୍ରୀଷ୍ଟାବ୍ଦର ଆରମ୍ଭ ସମୟରେ ମହାଯାନ ବୌଦ୍ଧଧର୍ମ ଏକ ସୁଦୃଢ଼ ଶକ୍ତି ଭାବେ ପ୍ରତିଷ୍ଠିତ ହୋଇସାରିଥିଲା । ତେଣୁ ସ୍ୱାଭାବିକ ଭାବରେ ବୌଦ୍ଧଧର୍ମର ଏହି ଦୁଇ ସଂପ୍ରଦାୟର ଚିନ୍ତାଧାରା ଓ ଆଦର୍ଶ ମଧ୍ୟରେ ବିବାଦ ଆରମ୍ଭ ହେଲା । ମହାଯାନୀମାନେ ସେମାନଙ୍କ ଧର୍ମତତ୍ତ୍ୱର ଅନ୍ତର୍ନିହିତ ଗୁଣ ଯୋଗୁଁ ଶୀଘ୍ର ଲୋକପ୍ରିୟତା ଓ ପ୍ରାଧାନ୍ୟ ଲାଭ କରିପାରିଥିଲେ । ସେମାନଙ୍କ ଧର୍ମତତ୍ତ୍ୱ ଭକ୍ତିଭାବକୁ ଅଧିକ ଗୁରୁତ୍ୱ ଦେଇଥିଲା ଏବଂ ସମଗ୍ର ବିଶ୍ୱର ସମସ୍ତ ଦୁଃଖରୁ ମୁକ୍ତି ପାଇଁ ଏକ ଅଭୂତପୂର୍ବ ଓ ସର୍ବବ୍ୟାପୀ 'କରୁଣା'ର ପ୍ରଚାର କରିଥିଲା । ବୋଧିସତ୍ତ୍ୱମାନଙ୍କୁ କରୁଣାର ମୂର୍ତ୍ତିସ୍ୱରୂପ ଭାବେ କଳ୍ପନା କରାଯାଇଥିଲା । ସେମାନେ ସର୍ବଦା ଭକ୍ତମାନଙ୍କର ପ୍ରାର୍ଥନା ଶୁଣିବାକୁ ଆଗ୍ରହୀ ଥିଲେ ଏବଂ ସମଗ୍ର ମାନବଜାତିର ଉନ୍ନତି ପାଇଁ ନିଜର ପୁଣ୍ୟଫଳ, ଏପରିକି ନିଜର ମୋକ୍ଷକୁ ମଧ୍ୟ ତ୍ୟାଗ କରିବାକୁ ସଦାପ୍ରସ୍ତୁତ ଥିଲେ ।

ଏହିପରି ଭାବରେ ମହାଯାନୀମାନେ ଧର୍ମପ୍ରଚାରକଙ୍କ ଜୀବନର ଆଦର୍ଶକୁ ସମର୍ଥନ କରିଥିଲେ । ଏହା ହୀନଯାନୀମାନଙ୍କର ଆତ୍ମକୈନ୍ଦ୍ରିକ ଆଦର୍ଶଠାରୁ ଭିନ୍ନ ଥିଲା । ହୀନଯାନୀମାନେ ବ୍ୟକ୍ତିଗତ ଭାବରେ ଚୂଡ଼ାନ୍ତ ନିର୍ବାଣ ବା ମୁକ୍ତି (ଆତ୍ମପରିନିର୍ବାଣ) ଲାଭ କରିବାକୁ ଲକ୍ଷ୍ୟ ରଖୁଥିଲେ । ମହାଯାନୀଙ୍କର ରଚନାଗୁଡ଼ିକରୁ ଜଣାପଡ଼େ ଯେ, ସେମାନେ ଆରମ୍ଭରୁ ହୀନଯାନୀମାନ ବିରୋଧରେ ଜୋରଦାର ଧର୍ମପ୍ରଚାର ଆରମ୍ଭ କରୁଥିଲେ ଏବଂ ସେମାନଙ୍କର ମର୍ଯ୍ୟାଦାକୁ ହ୍ରାସ କରିବା ପାଇଁ ଯେପରି ସଂକଳ୍ପବଦ୍ଧ ଥିଲେ । କିନ୍ତୁ ଓଡ଼ିଶାରେ ଏହାର ପରିସ୍ଥିତି କିଛି ଭିନ୍ନ ଥିଲା । ଖ୍ରୀଷ୍ଟାବ୍ଦ ପରେ ଅନେକ ଶତାବ୍ଦୀ ଧରି ଓଡ଼ିଶାରେ ହୀନଯାନ ଓ ମହାଯାନ ମଧ୍ୟରେ ପ୍ରାୟ ସମାନ ସନ୍ତୁଳନ ରହିଥିବା ଦେଖାଯାଏ । ବେଳେବେଳେ କିନ୍ତୁ ଦୁଇ ସଂପ୍ରଦାୟର ଅନୁଗାମୀମାନଙ୍କ ମଧ୍ୟରେ ଧର୍ମତାତ୍ତ୍ୱିକ ବିବାଦ ଦେଖାଦେଉଥିଲା ।

ହୀନଯାନୀମାନେ, ବିଶେଷ କରି 'ସମ୍ମତୀୟ' ସଂପ୍ରଦାୟର ଅନୁଗାମୀମାନେ 'ପୁଦ୍‌ଗଳ ଶୂନ୍ୟତା' ତତ୍ତ୍ୱରେ ବିଶ୍ୱାସ କରୁଥିଲେ । ଏହି ତତ୍ତ୍ୱ ଅନୁସାରେ, ଜଗତରେ କୌଣସି 'ସ୍ଥାୟୀ ବ୍ୟକ୍ତିତ୍ୱ' ବା 'ଆତ୍ମା' ନାହିଁ ଏବଂ ବ୍ୟକ୍ତିତ୍ୱ ସହିତ ସଂପର୍କିତ କୌଣସି ସ୍ଥାୟୀ ବସ୍ତୁ ମଧ୍ୟ ନାହିଁ । ଅନ୍ୟପକ୍ଷରେ, ମହାଯାନୀମାନେ 'ଧର୍ମଶୂନ୍ୟତା' ତତ୍ତ୍ୱକୁ ପ୍ରତିପାଦନ କରିଥିଲେ । ସେମାନଙ୍କ ମତରେ କେବଳ ବ୍ୟକ୍ତିତ୍ୱ ନୁହେଁ, ବରଂ ଜଗତର ସମସ୍ତ ବସ୍ତୁ ବା ଧର୍ମ ମଧ୍ୟ ନିଃସ୍ୱଭାବ ଓ ଶୂନ୍ୟ । ଏହିପରି ଭାବରେ ସପ୍ତମ ଶତାବ୍ଦୀ ସୁଦ୍ଧା ଓଡ଼ିଶାରେ ବୌଦ୍ଧଧର୍ମର ଏହି ଦୁଇ ପ୍ରତିଦ୍ୱନ୍ଦ୍ୱୀ ସଂପ୍ରଦାୟର ଅନୁଗାମୀମାନଙ୍କ ମଧ୍ୟରେ ଏକପ୍ରକାର ଦାର୍ଶନିକ ପ୍ରତିଯୋଗିତା ରହିଥିବା ଜଣାଯାଏ । ଏପରିକି ସମ୍ରାଟ ହର୍ଷବର୍ଦ୍ଧନ କଙ୍ଗୋଦ ଆକ୍ରମଣ ପରେ ଓଡ୍ର ଦେଶକୁ ଫେରିବା ସମୟରେ ମଧ୍ୟ ହୀନଯାନୀ ଭିକ୍ଷୁମାନେ ଶାନ୍ତ ଭାବରେ ତାଙ୍କୁ ଉଭୟ ସଂପ୍ରଦାୟର ଏକ ସମ୍ମିଳନୀ ଡକାଇ ଧର୍ମତତ୍ତ୍ୱ ସଂପର୍କରେ କେଉଁଟି ଠିକ ଓ କେଉଁଟି ଭୁଲ ସେ ବିଷୟରେ ଆଲୋଚନା ଓ ତର୍କ କରାଇବା ପାଇଁ ଅନୁରୋଧ ଜଣାଇଥିଲେ । (କ୍ରମଶଃ...)

ଭୁବନେଶ୍ୱର,
ମୋ: ୭୨୦୫୦୨୨୭୯୦

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

ଦୁଇ ଦିନ କାଁ ଭାଁ ବର୍ଷା

ଦଶହରା ଓ କୁମାର ପୂର୍ଣ୍ଣିମାରେ ଅନୁକୂଳ ପାଗ

ଭୁବନେଶ୍ୱର, ୧୬।୧୦ (ସମିସ): ପୂର୍ବାଳୀ ପବନ ଯୋଗୁଁ ରାଜ୍ୟର କିଛି ସ୍ଥାନରେ ଏବେ ବର୍ଷା ହେଉଛି। ଶୁକ୍ରବାର ଭୁବନେଶ୍ୱର ସମେତ ରାଜ୍ୟର କେତେକ ସ୍ଥାନରେ ଭଲ ବର୍ଷା ହୋଇଥିବା ବେଳ ଦିନେ ଦୁଇ ଦିନ ପର୍ଯ୍ୟନ୍ତ ଏଭଳି କାଁ ଭାଁ ବର୍ଷା ନେଇ ଆଶଙ୍କା ରହିଛି। ମାତ୍ର ଦଶହରା ବେଳକୁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିବା ସହ କୁମାର ପୂର୍ଣ୍ଣିମାରେ ମଧ ଭଲ ପାଗ ରହିବା ନେଇ ନେଇ ଆକଳନ କରାଯାଉଛି।

ଆଗାମୀ ପାର୍ବଣ ସମୟର ସ୍ଥିତି ସମ୍ପର୍କରେ ପୂର୍ବାନୁମାନ କରି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଓଡ଼ିଶାରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସମ୍ପୂର୍ଣ୍ଣ ଫେରିଯାଇଛି। ତାମିଲନାଡୁର ଦକ୍ଷିଣ ଉପକୂଳରେ ଥିବା ଏକ ଘୂର୍ଣ୍ଣିବଳୟଠାରୁ ଓଡ଼ିଶା ଉପକୂଳ ନିକଟ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପର୍ଯ୍ୟନ୍ତ ଏକ ବିସ୍ତୃତ ନିମ୍ନଚାପ ରେଖା ଲମ୍ବିଛି। ଏହାସହିତ ବାୟୁ ମଣ୍ଡଳରେ ଜଳୀୟବାଷ୍ପ ରହିବା ଯୋଗୁଁ ୧୬-୧୮ ଅକ୍ଟୋବର ମଧ୍ୟରେ ଦକ୍ଷିଣ ଓ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ସମୟରେ ମୁଖ୍ୟତଃ ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର କାଁ ଭାଁ ଓ କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ଏବଂ ଘଡ଼ଘଡ଼ି ହୋଇପାରେ। ତେବେ ୧୯ ଅକ୍ଟୋବରଠାରୁ ଓଡ଼ିଶାର ଅଧିକାଂଶ ସ୍ଥାନରେ ପାଗ ଶୁଖିଲା ରହିପାରେ। ମାତ୍ର ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କାଁ ଭାଁ ସ୍ଥାନରେ ବର୍ଷା ହୋଇପାରେ। ୨୦-୨୧ ଅକ୍ଟୋବରର ବିଜୟାଦଶମୀ ପାଇଁ ପାଗ ସାଧାରଣତଃ ଅନୁକୂଳ ରହିପାରେ। ଆଗକୁ କନ୍ଧମାଳ ଓ କୋରାପୁଟରେ ରାତି ପରିବେଶ ଧୀରେ ଧୀରେ ଅଧିକ ସୁଖଦ ହୋଇପାରେ। ନିକଟରେ ଫୁଲବାଣୀ ଓ କୋରାପୁଟର ସର୍ବନିମ୍ନ ତାପମାତ୍ରା ପ୍ରାୟ ୧୯-୨୦ ଡିଗ୍ରୀ ସେଲସିୟସ୍ ଥିଲା। ୨୧-୨୬ ଅକ୍ଟୋବର କୁମାର ପୂର୍ଣ୍ଣିମା ସମୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ପାଗ ଶୁଖିଲା ରହିପାରେ। ତେବେ ଦକ୍ଷିଣ ଓଡ଼ିଶାର କାଁ ଭାଁ ସ୍ଥାନରେ ବର୍ଷା ହୋଇପାରେ। ୨୨-୨୪ ଅକ୍ଟୋବର ମଧ୍ୟରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ନିକଟବର୍ତ୍ତୀ ଆଣ୍ଡାମାନ ସାଗରରେ ଏକ ନୂଆ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ଏହାର ପ୍ରଭାବରେ ୨୫-୨୬ ଅକ୍ଟୋବର ପାଖାପାଖି ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏହା କେତେ ଶକ୍ତିଶାଳୀ ହେବ ଓ କେଉଁ ଦିଗକୁ ଗତି କରିବ, ତାହା ଏବେଠାରୁ କହିବା ସମ୍ଭବ ନୁହେଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟ ରାଜ୍ୟର ଅନୁସୂଚିତ ଜାତି ବର୍ଗ ଓଡ଼ିଶାରେ ବୈଧ ନୁହେଁ: ହାଇକୋର୍ଟ

କଟକ, ୧୬।୧୦ (ସମିସ): ଅନ୍ୟ ରାଜ୍ୟର ଅନୁସୂଚିତ ଜାତି(ଏସସି) ବର୍ଗଭୁକ୍ତ ହୋଇଥିବା ବ୍ୟକ୍ତିଙ୍କୁ ଓଡ଼ିଶାରେ ଜନଜାତି ବର୍ଗର ବୋଲି ବିବେଚନା କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଅନ୍ୟ ରାଜ୍ୟରେ ଜଣେ ଅନୁସୂଚିତ ଜାତି ଭାବେ ପଞ୍ଜୀକୃତ ହୋଇଥିଲା ବେଳେ ସେହି ଜାତି ଓଡ଼ିଶାରେ ଅନୁସୂଚିତ ଜନଜାତି (ଏସ୍‌ଟି) ତାଲିକାରେ ଅନ୍ତର୍ଭୁକ୍ତ ଥିଲେ ସୁଦ୍ଧା ସେ ଏଠାରେ ସ୍ୱୟଂକ୍ରିୟ ଭାବେ ଜନଜାତିର ମାନ୍ୟତା ପାଇପାରିବେ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ବିନୟ କୁମାର ଦାସଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ରାୟ ଦେଇଛନ୍ତି। ହାଇକୋର୍ଟ ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷକୁ ଗ୍ରହଣ କରି ମୟୂରଭଞ୍ଜ ଜିଲ୍ଲା ନିବନ୍ଧକ ତଥା ଏଡିଏମଙ୍କ ଗତ ୨୦୨୬ ଏପ୍ରିଲ ୨୩ର ଚିଠିକୁ ଖାରଜ କରିଦେଇଛନ୍ତି। ଯେହେତୁ ଆବେଦନକାରୀ ଓଡ଼ିଶା ପାଇଁ ଅନୁସୂଚିତ ଜନଜାତି କିମ୍ବା ଅନୁସୂଚିତ ଜାତି ଭାବେ ଗଣ୍ୟ ହେବେ ନାହିଁ, ତେଣୁ ତାଙ୍କ କ୍ଷେତ୍ରରେ ଓଡ଼ିଶା ଭୂସଂସ୍କାର ଆଇନର ଧାରା ୨୨ ଲାଗୁ ହେବ ନାହିଁ। ଏଣୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନୁମତି ଆଣିବା ପାଇଁ ଦିଆଯାଇଥିବା ନିର୍ଦ୍ଦେଶ ଆଇନଗତ ଭାବେ ଗ୍ରହଣଯୋଗ୍ୟ ନୁହେଁ। ବର୍ତ୍ତମାନ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ କୁଳିଅଣା ତହସିଲର ଗଙ୍ଗରାଜ ମୌଜାରେ ସେ ଜମି କିଣି ବାସ କରୁଛନ୍ତି। ସେ ତାଙ୍କର ଚିକିତ୍ସା ଖର୍ଚ୍ଚ ଓ ଧାର କରଜ ସୁଝିବା ପାଇଁ ନିଜ ଜମିକୁ ଜଣେ ଅନୁସୂଚିତ ଜାତିର ଜଣେ ବ୍ୟକ୍ତିଙ୍କୁ ବିକ୍ରୟ କରିବା ପାଇଁ ରେଜିଷ୍ଟ୍ରେସନ୍ ଆବେଦନ କରିଥିଲେ। କିନ୍ତୁ କୁଳିଅଣା ତହସିଲଦାର ତଥା ସବ୍‌ରେଜିଷ୍ଟ୍ରାର ଏହାକୁ ଗ୍ରହଣ କରିନଥିଲେ ଏବଂ ପରେ ଜିଲ୍ଲା ପଞ୍ଜୀକରଣ କର୍ତ୍ତୃପକ୍ଷ-ତଥା-ଅତିରିକ୍ତ ଜିଲ୍ଲାପାଳ ଗତ ଏପ୍ରିଲ ୨୩ର ଏକ ଚିଠି ମାଧ୍ୟମରେ ଜଣାଇଥିଲେ ଯେ ଓଡ଼ିଶାରେ 'ଭୂଇୟାଁ' ଜାତିଟି ଅନୁସୂଚିତ ଜନଜାତି ଭାବେ ତାଲିକାଭୁକ୍ତ, ତେଣୁ ନିୟମ ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷଙ୍କ ଅନୁମତି ଆଣିବା ପରେ ହିଁ ଜମି ବିକ୍ରୟ ପଞ୍ଜୀକରଣ ଆବେଦନ ପୁନଃ ଦାଖଲ କରିବାକୁ ହେବ। ଏହାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ।

ପାଲିଆବିନ୍ଧା କଲେଜରେ ନିର୍ବାଚନ ହାଇଡ୍ରାମା

ସାରାରାତି ଚାଲିଲା ପୁନଃଗଣତି; ଓଲଟିଲା ଫଳାଫଳ

ଭଦ୍ରକ,୧୬।୧୦(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ପାଲିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ-ଅର୍ଜୁନ (ବିଏନ୍‌ଏମ୍‌ଏ) ମହାବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନକୁ ନେଇ ଗୁରୁବାର ରାତିରେ ଦେଖିବାକୁ ମିଳିଛି ଅଭାବନୀୟ ହାଇଡ୍ରାମା। ଉତ୍ତେଜନାପୂର୍ଣ୍ଣ ପରିବେଶ ଓ କଡ଼ା ପୁଲିସ ପହରା ମଧ୍ୟରେ ସାରାରାତି ବାଲଟ୍ ପେପରର ପୁନଃଗଣନ କରାଯିବା ପରେ ପୂର୍ବ ଫଳାଫଳ ସମ୍ପୂର୍ଣ୍ଣ ରୂପେ ବଦଳିଯାଇଛି। ଏଥିରେ ବିଜେଡି ସମର୍ଥିତ ଛାତ୍ର ସଂଗଠନ (ବିସିଜେଡି) ପ୍ରାର୍ଥୀଙ୍କୁ ପରାସ୍ତ କରି ଏବିଭିପି ପ୍ରାର୍ଥୀମାନେ ବାଜିମାତ୍ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଛାତ୍ରସଂସଦ ନିର୍ବାଚନ ଫଳାଫଳକୁ ନେଇ ଦୁଇଟି ପଦବୀ ଯଥା- ଉପସଭାପତି ଓ ସହସମ୍ପାଦକ ପାଇଁ ଗୁରୁତର ଅଭିଯୋଗ ଉଠିଥିଲା। ଏହାକୁ କେନ୍ଦ୍ରକରି କଲେଜ ପରିସରରେ ଉତ୍ତେଜନା ପ୍ରକାଶ ପାଇବାରୁ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ୍ ଭାବେ ତିହିଡ଼ି ତହସିଲଦାର ସୁଭାଶିଷ ସାହୁ, ଅତିରିକ୍ତ ତହସିଲଦାର, ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ ଏବଂ ଜିଲ୍ଲା ସ୍ୱତନ୍ତ୍ର ଶାଖା ଅଧିକାରୀଙ୍କ ସମେତ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ ହୋଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଅମୂଲ୍ୟ ପରିଡ଼ା, ନିର୍ବାଚନ ପରିଚାଳନା ମୁଖ୍ୟ ଅଧ୍ୟାପକ ସରୋଜ ମହାପାତ୍ର ଏବଂ ନିର୍ବାଚନ କମିଟିର ସଦସ୍ୟ ଡ. ଗୋବିନ୍ଦ ଚନ୍ଦ୍ର ବାଗ୍, ଡ. ରାଜେନ୍ଦ୍ର ଭୁଏ, ଆକାଂକ୍ଷା ଚାନ୍ଦ, ଅଧ୍ୟାପକ ପ୍ରଦୀପ ମିଶ୍ର ପ୍ରମୁଖ ସରକାରୀ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଲିଙ୍ଗ୍‌ଡୋ କମିସନଙ୍କ ନିର୍ଦ୍ଦେଶାବଳୀ ଉପରେ ବ୍ୟାପକ ତର୍ଜମା କରିଥିଲେ। ତେବେ ଏହି ଆଲୋଚନା ଓ ପ୍ରକ୍ରିୟା ସମୟରେ ବିସିଜେଡି ପକ୍ଷରୁ କୌଣସି ପ୍ରାର୍ଥୀ କିମ୍ବା ସେମାନଙ୍କ ଏଜେଣ୍ଟ ଉପସ୍ଥିତ ରହି ନ ଥିଲେ। ନିର୍ବାଚନ ପରିଚାଳନା ଅଧିନିୟମ ଅନୁଯାୟୀ ଅଧ୍ୟକ୍ଷ ଡାକବାଜି ଯନ୍ତ୍ର ସହାୟତାରେ ଉଭୟପକ୍ଷଙ୍କୁ ଏକ ଜରୁରିକାଳୀନ ଆଲୋଚନା ବୈଠକରେ ଉପସ୍ଥିତ ରହିବାକୁ ଅନୁରୋଧ କରିଥିଲେ। ଏ ସଂକ୍ରାନ୍ତରେ ନୋଟିସ ବୋର୍ଡରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀ ପ୍ରତିନିଧି ଓ ଗଣନା ଅଧିକାରୀଙ୍କ ସ୍ୱାକ୍ଷର ସମ୍ବଳିତ ରିଜୋଲ୍ୟୁସନ ପାରିତ ହୋଇ ପୁନଃଗଣତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗଣନାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଟିକିନିଖି ଭାବେ ବାଲଟ୍ ପେପର ଯାଞ୍ଚ କରାଯିବା ସହ ସମସ୍ତ ପ୍ରକ୍ରିୟାର ଭିଡିଓ ରେକର୍ଡିଂ ତଥା ସିସିଟିଭି କ୍ୟାମେରାରେ ନଜର ରଖାଯାଇଥିଲା। ପୁନଃଗଣତି ପରେ ଆଶ୍ଚର୍ଯ୍ୟଜନକ ଫଳାଫଳ ସାମ୍ନାକୁ ଆସିଥିଲା। ପୂର୍ବରୁ ମାତ୍ର ୪ ଖଣ୍ଡ ଭୋଟ୍‌ରେ ବିଜୟୀ ଘୋଷିତ ହୋଇଥିବା ବିସିଜେଡିର ସୁମନ୍ତ କୁମାର ମଲ୍ଲିକଙ୍କୁ ପଛରେ ପକାଇ ଅଭିଯୋଗକାରିଣୀ ଉପସଭାପତି ପ୍ରାର୍ଥିନୀ ପୂଜାରାଣୀ ବିଶ୍ୱାଳ ୨୯ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇଥିଲେ। ସେହିପରି ପୂର୍ବରୁ ୩ ଖଣ୍ଡ ଭୋଟ୍‌ରେ ବିଜୟୀ ଘୋଷିତ ହୋଇଥିବା ସତ୍ୟନାରାୟଣ ନାୟକଙ୍କୁ ପରାସ୍ତ କରି ଅଭିଯୋଗକାରିଣୀ ସହସମ୍ପାଦକ ପ୍ରାର୍ଥିନୀ ରୋଜି ମହାନ୍ତି ୧୫ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟ ହାସଲ କରିଥିଲେ। ଚଳିତ ନିର୍ବାଚନରେ କେବଳ ଗୋଟିଏ ଶ୍ରେଣୀ ପ୍ରତିନିଧି ପଦବୀକୁ ବାଦ୍ ଦେଲେ ବିଏନ୍‌ଏମ୍‌ଏ କଲେଜର ଅନ୍ୟ ସମସ୍ତ ପ୍ରମୁଖ ପଦବୀରେ ଏବିଭିପି ସମର୍ଥିତ ପ୍ରାର୍ଥୀ ବାଜିମାତ୍ କରିଛନ୍ତି।

କୋଟିଆରେ ଆନ୍ଧ୍ରର ନିର୍ବାଚନ ବିଜ୍ଞପ୍ତିକୁ ନେଇ ବର୍ଷିଲେ ଭକ୍ତ

ତୁରନ୍ତ ବିଜ୍ଞପ୍ତି ରଦ୍ଦ କରିବାକୁ ବ୍ୟବସ୍ଥା କରନ୍ତୁ ଓଡ଼ିଶା ସରକାର

ଭୁବନେଶ୍ୱର,୧୬।୧୦(ସମିସ): କୋଟିଆ ଅଞ୍ଚଳରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ଘଟଣାକୁ ନେଇ ଓଡ଼ିଶା ସରକାରଙ୍କ ଉପରେ ବର୍ଷିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ଆନ୍ଧ୍ରପ୍ରଦେଶ ସରକାର ସବୁବେଳେ କୋଟିଆ ମଧ୍ୟରେ ଅନୁପ୍ରବେଶ କରି ଓଡ଼ିଶାର ପ୍ରଶାସନିକ ବ୍ୟବସ୍ଥାରେ ବିଭ୍ରାଟ ସୃଷ୍ଟି କରୁଛନ୍ତି। ଯେ ଯାଏ ସଠାରେ ରାଜ୍ୟବାସୀଙ୍କୁ ସେମାନେ ବିଭିନ୍ନ ଭତ୍ତା ଓ ଅନ୍ୟ ସୁବିଧାସୁଯୋଗ ଦେଉଥିଲେ, ସେ ଯାଏ 'ଆମ ଲୋକ ତ ପାଉଛନ୍ତି' ନ୍ୟାୟରେ ପ୍ରଶାସନ ପ୍ରତିକ୍ରିୟାଶୂନ ରହିଥିଲା। ତେବେ ସେଥିରେ ଥିବା ଆନ୍ଧ୍ରର ପ୍ରଚ୍ଛନ୍ନ ଉଦ୍ଦେଶ୍ୟକୁ ଓଡ଼ିଶା ସରକାର ବୁଝି ନ ପାରିବା ପରିତାପର ବିଷୟ। ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ, କୋଟିଆ ଅଞ୍ଚଳ ଓଡ଼ିଶାର ହୋଇଥିବା ସତ୍ତ୍ୱେ ଏଠାରେ ପଞ୍ଚାୟତ ନିର୍ବାଚନ ପାଇଁ ଆନ୍ଧ୍ରପ୍ରଦେଶ ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ପାଇଛି। ଆନ୍ଧ୍ରର ବିଜ୍ଞପ୍ତି ପ୍ରକାଶ ପାଇବା ମାତ୍ରେ ଓଡ଼ିଶା ସରକାର ପ୍ରତିକ୍ରିୟା ପ୍ରକାଶ କରିବା ସହ ଏହାକୁ ରୋକିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଉଚିତ ଥିଲା। ଅସ୍ମିତାର ଦ୍ୱାହି ଦେଇ ସରକାରକୁ ଆସିଥିବା ବିଜେପି ଦଳ ଏ ପ୍ରସଙ୍ଗରେ ଚୁପ୍ କାହିଁକି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ଆନ୍ଧ୍ର ସରକାରଙ୍କ ଏହି ସାମ୍ବିଧାନିକ ଉଲ୍ଲଂଘନକୁ କଂଗ୍ରେସ ଦଳ କଦାପି ବରଦାସ୍ତ କରିବ ନାହିଁ। ଓଡ଼ିଶାର ମାଟିର ସୁରକ୍ଷା ପାଇଁ ରାଜ୍ୟ ସରକାର ତୁରନ୍ତ କେନ୍ଦ୍ର ସରକାରଙ୍କ ସହ ମିଶି ଦୃଢ଼ ଆଇନଗତ ଓ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ଶ୍ରୀ ଦାସ କହିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ ତରଫରୁ ଶ୍ରୀ ଦାସ କିଛି ଦାବି ରଖିଛନ୍ତି। ଏଥିରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପଞ୍ଚାୟତ ନିର୍ବାଚନ ବିଜ୍ଞପ୍ତିକୁ ତୁରନ୍ତ ରଦ୍ଦ କରିବା ପାଇଁ ଓଡ଼ିଶା ସରକାର ଆବଶ୍ୟକୀୟ ପଦକ୍ଷେପ ନେବା ସହ ମୁଖ୍ୟମନ୍ତ୍ରୀ କିମ୍ବା ରାଜସ୍ୱ ମନ୍ତ୍ରୀ ନିଜେ ତୁରନ୍ତ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆଲୋଚନା କରିବାକୁ ଦାବି କରିଛନ୍ତି।

ଏହାସହିତ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଜରିଆରେ କୋଟିଆ ସୀମା ବିବାଦର ଏକ ସ୍ଥାୟୀ ସମାଧାନ କରିବା ଦରକାର। ଏହାଦ୍ୱାରା ଆନ୍ଧ୍ରର ବାରମ୍ବାର ହସ୍ତକ୍ଷେପ ବନ୍ଦ ହୋଇପାରିବ। କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏହାର ସୁରକ୍ଷା ପାଇଁ କଂଗ୍ରେସ ଦଳ ସର୍ବଦା ଓଡ଼ିଶାବାସୀଙ୍କ ସହ ଛିଡ଼ା ହୋଇଛି ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି।

ଅବଶିଷ୍ଟାଂଶ...

'ତ୍ରିରଙ୍ଗା ଯାତ୍ରା'...

ଏହାର ଜବାବରେ ଦୀପକେ ପୁଲିସକୁ ପ୍ରଶ୍ନ କରିଥିଲେ, ସେ କେଉଁ ଆଇନ ଭାଙ୍ଗିଛନ୍ତି। ଏକ ସପ୍ତାହ ମଧ୍ୟରେ ଦୀପକେ ଦ୍ୱିତୀୟ ଥର ପାଇଁ ଅଟକ ହୋଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଭୋଟର ତାଲିକାରେ ହେରଫେର ଅଭିଯୋଗ ଏବଂ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ପ୍ରତିବାଦ ପାଇଁ ମୁମ୍ବାଇରୁ ଦିଲ୍ଲୀ ଆସିବା ପରେ ମଧ ତାଙ୍କୁ ପୁଲିସ ଅଟକ ରଖିଥିଲା। ଅକ୍ଟୋବର ୧୩ରେ ଜାତୀୟ ପତାକା ଧରି ଯନ୍ତରମନ୍ତରରେ ପ୍ରବେଶ କରିଥିବା ସିଜେପି ସଦସ୍ୟ ସୌରଭ ଦାସ ଓ ଆଶୁତୋଷ ରଙ୍କାଙ୍କୁ ପାଞ୍ଚ ଦିନିଆ ନ୍ୟାୟିକ ହାଜତକୁ ପଠାଯିବା ଘଟଣା ମଧ୍ୟ ଏହି ଶୋଭାଯାତ୍ରାର ଅନ୍ୟତମ କାରଣ। ଏହାର ଗୋଟିଏ ଦିନ ପୂର୍ବରୁ ଯନ୍ତରମନ୍ତରକୁ ପ୍ରତିବାଦ ସ୍ଥଳ ଭାବେ ମାନ୍ୟତା ଦେବା ବନ୍ଦ କରାଯାଇଥିଲା। ପୁଲିସର ଏହି ପଦକ୍ଷେପକୁ ନେଇ ଆନ୍‌ଦୋଳନକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବା ବେଳେ ଦିଲ୍ଲୀରେ ପ୍ରତିବାଦ କାର୍ଯ୍ୟକ୍ରମ ଉପରେ କଟକଣା ଜାରି ରହିଛି।

ଆନ୍ଦୋଳନ ବନ୍ଦ...

ପ୍ରସଙ୍ଗ ପରସ୍ପର ସହ ଜଡ଼ିତ।' ଦିଲ୍ଲୀ କିରାନା କମିଟି ଓ ଦିଲ୍ଲୀ ଆଇରନ୍ ଆଣ୍ଡ ହାର୍ଡୱେର୍ ମର୍ଚ୍ଚାଣ୍ଟସ୍ ଆସୋସିଏସନ୍ ଏହି ଆବେଦନ କରିଥିଲେ। ଅକ୍ଟୋବର ୧୦ରୁ ଆନ୍ଦୋଳନ ଯୋଗୁଁ ବ୍ୟବସାୟୀମାନଙ୍କର ପ୍ରାୟ ୨,୦୦୦ କୋଟି ଟଙ୍କାର କ୍ଷତି ହୋଇଥିବା ମଧ ଆବେଦନରେ ଦାବି କରାଯାଇଛି। ବ୍ୟବସାୟୀ ସଂଗଠନଗୁଡ଼ିକ ଅକ୍ଟୋବର ୨୦୨୬ରୁ ଜାନୁଆରି ୨୦୨୭ ମଧ୍ୟରେ ଦିଲ୍ଲୀର ପ୍ରମୁଖ ବଜାର ଓ ସେଠାକୁ ଯାଉଥିବା ରାସ୍ତାରେ ଯାତାୟାତ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ପଦକ୍ଷେପ ଦାବି କରିଛନ୍ତି। ବାଣିଜ୍ୟିକ ଅଞ୍ଚଳଠାରୁ ଦୂରରେ ପ୍ରତିବାଦ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରି ସରକାରୀ ଭାବେ ଘୋଷଣା କରିବାକୁ ସେମାନେ କହିଛନ୍ତି। ଏଥିସହ ଆନ୍ଦୋଳନ ପରିଚାଳନା ପାଇଁ ଏକ ମାନକ କାର୍ଯ୍ୟପଦ୍ଧତି ପ୍ରସ୍ତୁତ କରିବାକୁ ମଧ ଦାବି ହୋଇଛି, ଯାହାଦ୍ୱାରା ପ୍ରତିବାଦର ଅଧିକାର ସହ ବ୍ୟବସାୟ, ଜୀବିକା ଓ ସାଧାରଣ ପରିବହନର ସ୍ୱାର୍ଥ ରକ୍ଷା ହୋଇପାରିବ।

'ଜେନ୍-ଜି'ଙ୍କ...

ଫଳାଫଳ ପ୍ରକାଶ ପାଇବାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲିଛି। କାହିଁକି ଏଠାରେ ଏତେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଫଳାଫଳ ପ୍ରକାଶ ପାଉ ନ ଥିଲା, ସେନେଇ ପ୍ରଶ୍ନ ଉଠିବା ସହ ପରୋକ୍ଷରେ ସରକାରଙ୍କ ଭୂମିକାକୁ ନେଇ ମଧ ସନ୍ଦେହ ଉପୁଜିଛି। ଛାତ୍ର ସଂସଦ ନିର୍ବାଚନକୁ କେବଳ କଲେଜସ୍ତରୀୟ ପ୍ରତିନିଧି ଚୟନ ଭାବେ ଦେଖାଯାଉନାହିଁ। ଯୁବ ଓ ନୂଆ ପିଢ଼ିର ଭୋଟରଙ୍କ ସହ ଯୋଡ଼ି ହେବା ସାଙ୍ଗକୁ ବିଭିନ୍ନ ଦଳର ନେତାମାନଙ୍କ ଶକ୍ତିର ମଧ କଳନା କରାଯାଉଛି। ଏହି ପରିପ୍ରେକ୍ଷୀରେ ନବୀନଙ୍କ ଜେନ୍-ଜି ଓ ଛାତ୍ରଶକ୍ତିକୁ ପ୍ରଶଂସା କରିବା ସହ ଶାସକ ଦଳ ବିରୋଧରେ ଅଭିଯୋଗ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି। ଅନ୍ୟପକ୍ଷରେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆଜି ଏବିଭିପିରୁ ନିର୍ବାଚିତ ପ୍ରତିନିଧିମାନଙ୍କୁ ସାକ୍ଷାତ କରିଛନ୍ତି।

ଜନ୍ମଦିନରେ ଜନନାୟକ...

ମିଡିଆରେ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସେହିପରି ନବୀନଙ୍କୁ ଶୁଭେଚ୍ଛା ଜଣାଇବାକୁ ନବୀନ ତମାମ ନବୀନ ନିବାସରେ ଭିଡ଼ ଲାଗି ରହିଥିଲା। ବିଜୁ ଜନତା ଦଳର ସାଂସଦ, ବିଧାୟକଙ୍କ ସମେତ ବିଜୁ ଜନତା ଦଳର ନେତା ଓ କର୍ମୀ ମାନଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣ ନବୀନ ପଟ୍ଟନାୟକଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। ସନ୍ଧ୍ୟାରେ ଛାତ୍ର ସଂସଦ ନିର୍ବାଚନ ଜିତିଥିବା ବିଭିନ୍ନ କଲେଜର ଛାତ୍ର ଛାତ୍ରୀ ମାନେ ନବୀନ ପଟ୍ଟନାୟକଙ୍କୁ ଭେଟି ଜନ୍ମ ଦିନର ଶୁଭେଚ୍ଛା ଜଣାଇଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ବିଜୟୀ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରକୃତ ଜେନ୍-ଜି ଭାବରେ ସମ୍ବୋଧିତ କରି ଭଲ କାମ ଜାରି ରଖିବାକୁ ଆଶୀର୍ବାଦ କରିଥିଲେ।

Health Society, Brahmapur
appointment of doctor under NHM/NUHM, Brahmapur

Advt. No:- 01 Date: 16.10.2026

CONTRACTUAL APPOINTMENT 10001/643/2627

Applications are invited from the eligible candidates for filling up the Vacancy of Medical Officer to be engaged at UAAMs under PM-ABHIM /NHM Grants in Brahmapur City of Ganjam district. The Interested candidates fulfilling the eligibility criteria are requested to attend the **Walk-in-Interview** on date 03.11.2026 for filling up the following post under National Urban Health Mission, Brahmapur, Ganjam on contractual basis for the period of 12 months, with monthly remuneration as mentioned below and subject to renewal as per the terms and conditions of OSH&FW Society. This position is purely temporary and co-terminus with the scheme. Lower age limit for these positions are 21 years as on dtd 30.09.2026.

Sl. No.	Name of the Vacant post	No of Vacancy	Remuneration (in Rs)	Modalities of selection Procedure& Eligibility Criteria
01.	**Medical Officer –MBBS** at Urban Ayushman Arogya Mandir (UAAM) in Brahmapur City.	1 no.	₹63,294/- + PI Maximum up to 25%.	1. The candidates must have passed MBBS from an Institution recognised by National Medial Commission (NMC). The candidate must have valid registration from the Odisha Council of Medical Registration. 2. Upper age limit- up to 70 years as on dt.30.09.2026 3. Those candidates have attained above 65 years as on 30.09.2026 must have to submit the physical fitness certificate from any Govt. Hospital not below rank of Medical Officer (Jr. Class-1) at the time of interview.

The eligibility candidates for the above posts are requested to attend the walk –in-interview on **dated 03.11.2026 at 11.00 A.M at OSWAN Conference Hall, BeMC, Brahmapur** with all relevant documents. The detail application form is available at district/city website i.e. https://ganjam.odisha.gov.in and https://www.berhampur.gov.in . No personal queries will be entertained and further communication will be made through the district/city website only. The undersigned reserves the right to cancel this advertisement or modify at any stage without assigning any reason thereof.

S/d
Additional District Urban Public Health Officer, NUHM, BeMC, Brahmapur

OIPR-10001/10212/1/26-27/0001

AFFIDAVIT
I, Anvi Singh, aged about 20 years, Daughter of Rajesh Kumar, residing at Joda, P.O. Joda, P.S. Joda, District Keonjhar, Odisha, do hereby solemnly affirm and declare by Affidavit No. 13340 dated 29.09.2026 that my mother's name was inadvertently recorded as "Vinita Singh". Her true, legal and correct name is "Vinita Kumari Singh". I further declare that the names **"Vinita Singh" and "Vinita Kumari Singh"** refer to one and the same person, who is my legal biological mother, for all future purposes.

AFFIDAVIT
I, Vinita Kumari Singh, aged about 46 years, Wife of Rajesh Kumar, residing at Joda, P.O. Joda, P.S. Joda, District Keonjhar, Odisha, do hereby solemnly affirm and declare by Affidavit No. 13341 dated 29.09.2026 that my father's name was inadvertently and typographically recorded as "Aravind Kumar Singh". His true, legal and correct name is "Arvind Kumar Singh". I further declare that the names **"Aravind Kumar Singh" and "Arvind Kumar Singh"** refer to one and the same person, who is my legal biological father, for all future purposes.

AFFIDAVIT
By virtue of an affidavit sworn before Executive Magistrate, Soro, Balasore, Odisha vide Sl. no.2917 dt.05.10.2026 I, Rajesh Kumar Panda, S/o: Jagabandhu Panda, At. Mukteswarpur, Po. Pakhar, Ps: Soro, Dist: Balasore declare that the correct name of my wife is SHRUTILEKHA KAR, but in issued my Passport No-P0458096 her name is maintioned SHRUTI LEKHA PANDA. That both SHRUTILEKHA KAR and SHRUTI LEKHA PANDA are one and same person. Henceforth, she shall be known as **SHRUTILEKHA KAR** for all purposes.

AFFIDAVIT
By virtue of an affidavit sworn before the Executive Magistrate, Nabarangpur, Vide no-1239, dated 14.10.2026, I, BHAGAT BHATARA, S/o. Parama Bhatara, permanent resident of Village - Nishnahandi, PO - Maliguda, PS - Nabarangpur, Dist - Nabarangpur, Odisha, Pin - 764078, declare that I have changed my name from GOBARDHAN BHATARA to BHAGAT BHATARA. Henceforth, I shall be known as **BHAGAT BHATARA** for all purposes.
Sd/-Bhagat Bhatara

AFFIDAVIT
By virtue of an affidavit sworn before the Executive Magistrate, Nabarangpur, Vide no -1272, dated 14-10-2026, I, BHAGABAN PUJARI, S/o - Balaram Pujari, permanent resident of Village - Chirmapandi, PO - Sanamasigaon, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed the name of my Son from MAHESH PUJARI to MAHESHWAR PUJARI. Henceforth, he shall be known as **MAHESHWAR PUJARI** for all purposes.
Sd/- Bhagaban Pujari

ODISHA HYDRO POWER CORPORATION LTD.
OHPC
OFFICE OF THE GENERAL MANAGER (ELECTRICAL), BALIMELA HYDRO ELECTRIC PROJECT
AT/POST: BALIMELA, DIST. MALKANGIRI, PIN-764051 (ODISHA)
PHONENos.-06861-232581(O)/232641(R), FAXNo. 06861-232541.
E-mail: unit.head_balimela@yahoo.com/bhep.balimela@gmail.com

'e'-PROCUREMENT NOTICE 4001/377/2627

NOTICE INVITING TENDER NO. BHEP/30/2026-27 DATED 15.10.2026

The Unit Head, Balimela Hydro Electric Project, Balimela, Dist- Malkangiri invites percentage rate bids in **Single Cover System** (i.e. **Techno-commercial bid**) & in percentage wise for the work through e-procurement from eligible contractors as detailed in the table below.

Sl. No.	Name of the Work	Approx Estimated cost in Rs.	EMD in Rs.	Class of Contractor	Cost of bid documents in Rs.	Period of Compl etion
01	Renovation of RCC drain backside of Pani Tanki Line, BHEP, Balimela.	17,36,848.00	17,500.00	'C & D' class Civil Contractors	6,000/-+ GST @ 18% = 7,080/-	60 days

Availability of bid document in the portal : From **10:00 Hrs of 16.10.2026 to 26.10.2026 (Upto11:00 Hrs)**
Last date & time of submission of bid : **Up to 11:00Hrs of 26.10.2026**
The date & Time of opening of the bid : **17:00Hrs onwards of 26.10.2026**
Further details can be seen from the e-procurement portal **https://tendersodisha.gov.in**

Unit Head, B.H.E.P, Balimela
OIPR-4001/4019/1/26-27/0030

AFFIDAVIT
By virtue of an affidavit sworn before the Executive Magistrate, Nabarangpur, Vide no -1227, dated 14-10-2026, I, JAY PRAKASH SWAIN, S/o - Bijay Ram Swain, permanent resident of Village - Chandahandi, PO - Chandahandi, PS - Chandahandi, Dist - Nabarangpur, Odisha, Pin - 764077, declare that I have changed the name of my Son from PRATHUSH KUMAR SWAIN to PRATYUSH SWAIN. Henceforth, he shall be known as **PRATYUSH SWAIN** for all purposes.
Sd/- Jay Prakash Swain

AFFIDAVIT
By virtue of an affidavit sworn before Executive Magistrate, Nischintakoili, vide this affidavit date- 05-10-2026, I, Sarifa Begum D/O-Sabir Khan, Vill-Bharatpada, P.O-Kurujanga, P.S-Mahanga, Dist-Cuttack, State-Odisha, Pin-754208, declare that, I have changed my name from SUHANA BIBI to SARIFA BEGUM. Henceforth, I shall be known as **SARIFA BEGUM** for all purposes.

OFFICE OF THE PANCHAYAT SAMITI, SUKINDA, JAJPUR.
No. 4138 Date. 15.10.2026

'e' Procurement Notice
BID Identification No. 02 SUKINDA 2026-27 19001/300/2627

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

1.	Name of the Work	:	Construction work as mentioned in DTCN
2.	No. of works	:	08 nos.
3.	Estimated Cost	:	As per Annexure
4.	Period of Completion	:	3 Months.
5.	Date & Time of availability of Bid documents in the Portal	:	22.10.26 at 10.00 A.M. to 31.10.26 up to 5.00 P.M.
6.	Last date & time for receipt of bids in the portal	:	02.11.26 up to 05:00 P.M.
7.	Bids received online shall be opened on	:	03.11.26 at 11:30 A.M.
8.	Name and address of the officer inviting Bid	:	Block Development Officer, Sukinda, Jajpur

Further details can be seen from the procurement portal i.e. www.tendersodisha.gov.in

Block Development Officer, Sukinda, Jajpur
OIPR-19001/19325/1/26-27/0002

AFFIDAVIT
By virtue of an affidavit sworn before the Executive Magistrate, Nabarangpur, Vide no -1224, dated 13-10-2026, I, PITAMBAR MAJHI, S/o- Giridhar Majhi, permanent resident of Village - Sanamasigaon, PO- Sanamasigaon, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Son from SANJU MAJHI to SANJAYA MAJHI. Henceforth, he shall be known as **SANJAYA MAJHI** for all purposes.
Sd/- Pitambar Majhi

ବିକ୍ରୟ
ମୁଁ ପୋହଲା ପଟ୍ଟା, ସ୍ୱାମୀ - ଯୋଗେଶ୍ୱର ପଟ୍ଟା, ନିବାସୀ ତୁରେଇ, ପୋ.ଅ.-ନୂଆନପାଲି, ଥାନା-ମହୁଲପାଲି, ତହସିଲ-ବାମରା, ଜିଲ୍ଲା-ସମ୍ବଲପୁର ଜଣାଇଦେବାକୁ ଚାହୁଁଛି ଯେ, ମୋର ଜମି ଯାହାକି ମୌଜା-କଳାମାଟି, ଥାନା-ବୁର୍ଲା, ତହସିଲ ଓ ଜିଲ୍ଲା-ସମ୍ବଲପୁର, ଖାତା ନଂ. ୧୨୧୫/୧୩୨୯, ଚକ ନଂ.୬୫୮, ପ୍ଲଟ ନଂ. ୨୫୮୦-ଏ.୦.୦୪୦ଡି., ଚକ ନଂ.୬୬୨, ପ୍ଲଟ ନଂ. ୨୬୧୯-ଏ.୦.୧୭୦ଡି., ଚକ ନଂ. ୬୬୪, ପ୍ଲଟ ନଂ. ୨୬୨୨-ଏ.୦.୬୮୦ ଡି., ପ୍ଲଟ ନଂ.୨୫୮୪-ଏ.୦.୦୬୦ ଡି., ପ୍ଲଟ ନଂ.୨୫୮୫-ଏ.୦.୩୧୦ ଡି., ପ୍ଲଟ ନଂ.୨୯୯୫-ଏ.୦.୨୬୦ଡି., ପ୍ଲଟ ନଂ.୨୫୯୭-ଏ.୦.୦୮୦ ଡି., ପ୍ଲଟ ନଂ.୨୫୯୮-ଏ.୦.୧୨୦ ଏବଂ ମୌଜା ରାଣୀଖୁଣ୍ଟା, ଥାନା-ଶାସନ, ତହସିଲ ଓ ଜିଲ୍ଲା-ସମ୍ବଲପୁର ରେ ଚକ ଖାତା ନଂ.୪୬୯/୬୩୯, ଚକ ନଂ. ୪୬, ପ୍ଲଟ ନଂ. ୬୧-ଏ.୧.୨୦୦ ଡି. ଜମିକୁ ଆମର ଅତ୍ୟାବଶ୍ୟକୀୟ ପାରିବାରିକ ଖର୍ଚ୍ଚ ପାଇଁ ବିକ୍ରୟ ବିକ୍ରୟ କରିବାକୁ ଚାହୁଁଛୁ। ଆମେ ଆଦିବାସୀ ବା ସିଡ୍ୟୁଲ ଟ୍ରାଇବ ଜାତିର ହୋଇଥିବାରୁ, ଯେ କୌଣସି ଆଦିବାସୀ ବା ସିଡ୍ୟୁଲ ଟ୍ରାଇବ ବ୍ୟକ୍ତି ଉକ୍ତ ଜମିକୁ ଏକକାଳୀନ କ୍ରୟ କରିବାକୁ ଚାହୁଁଥିଲେ ଆମ୍ଭ ସହିତ ଆଜିଠାରୁ ସାତଦିନ ମଧ୍ୟରେ ଯୋଗାଯୋଗ କରି ଉଚିତ ବଜାର ମୂଲ୍ୟରେ କ୍ରୟ କରିନିଅନ୍ତୁ।

AFFIDAVIT
By virtue of an affidavit sworn before the Executive Magistrate, Nabarangpur, Vide no-1206, dated 12.10.2026, I, RAMA BISOI, S/o. Madan Bisoi, permanent resident of Village - Dongriguda, PO - Dabugam, PS - Dabugam, Dist - Nabarangpur, Odisha, Pin - 764072, declare that I have changed my name from JUJHESTI BISOI to RAMA BISOI. Henceforth, I shall be known as **RAMA BISOI** for all purposes.
Sd/-Rama Bisoi

GOVERNMENT OF ODISHA 1001/182/2627
OFFICE OF THE EXECUTIVE ENGINEER (AGRIL.),
BALANGIR DIVISION, BALANGIR
AT-ADARSHAPADA, POST/DIST-BALANGIR 767001
e-mail: cea.blgr@gmail.com Notice No.1192 Dt. 12.10.2026

NATIONAL COMPETITIVE BIDDING THROUGH e-Procurement
Identification No.02/Agril/EE(Blgr)/2026-27 Dt. 12.10.2026

01	Nos. of work	:	7 Nos
02	Tendered amount in Rs.	:	Rs. 5,83,768/- to Rs. 8,37,212/-
03	Period of completion	:	90 days to 120 days
04	Date & Time of availability of bid document in the portal	:	From 11.00 Hrs. of 21.10.2026 to 17.00 Hrs. of 29.10.2026
05	Last date/time of receipt of copies of uploaded documents, drafts etc. in the tender box in the office of the undersigned at Adarsha Pada, Near Old Cold Storage, Balangir, PIN-767001	:	Up to 17.00 Hrs. of 30.10.2026
06	Date & Time of opening of bids	:	11.00 Hrs. of 31.10.2026
07	Name and Address of the officer inviting bid	:	Executive Engineer (Agril.), Balangir Division, Balangir AT/Post-Balangir PIN-767001.

Further details can be seen from the web site www.tendersodisha.gov.in

Executive Engineer (Agril.)
Agriculture Engineering. Division, Balangir
OIPR-1001/1462/1/26-27/0002

AFFIDAVIT
I, Rajesh Kumar, aged about 51 years, Son of Yadvendra Kumar Singh, residing at Joda, P.O. Joda, P.S. Joda, District Keonjhar, Odisha, do hereby solemnly affirm and declare by Affidavit No. 13392 dated 29.09.2026 that my spouse's name was inadvertently and typographically recorded as "Vinita Singh". Her true, legal and correct name is "Vinita Kumari Singh". I further declare that the names **"Vinita Singh" and "Vinita Kumari Singh"** refer to one and the same person, who is my legal spouse, for all future purposes.

ପୂର୍ବ ତଟ ରେଳପଥ
ବିଜ୍ଞପ୍ତି ସଂ.: e-Tender-Elect-G-43-26
କାର୍ଯ୍ୟର ବିବରଣୀ: ରେଳସଦନ ଠାରେ ବିଭାଗୀୟ ମୁଖ୍ୟ (HOD) ଓ ପ୍ରମୁଖ ବିଭାଗୀୟ ମୁଖ୍ୟ (PHOD) ଙ୍କ କାର୍ଯ୍ୟାଳୟ/ କକ୍ଷର ନବୀକରଣ ପାଇଁ ବିଦ୍ୟୁତୀକରଣ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 57,04,162.24,
EMD : ₹ 1,14,100.00
ଶେଷ ହେବା ଅବଧି : 03 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:
ତା.06.11.2026 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ଼
PR- 496/R/26-27

RAJENDRA UNIVERSITY
PRAJNA VIHAR, BALANGIR – 767002, ODISHA [INDIA]
e-mail: rajendraunivbr@gmail.com 11001/375/2627
No. 2481/RUB Date: 16.10.2026

ADVERTISEMENT

A Walk-in-Interview has been scheduled to be held at **11.00 AM on 30.10.2026** in the **Office of the Registrar, Rajendra University, Balangir** for engagement of **Retired Govt. Senior Assistant, Accountant and Section Officers** for different section of the University. The Retired Govt. Servant should be below the age of 65 years and have basic computer knowledge, good service records and physical fitness for consideration of their engagement. The remuneration of the said personnel will be paid as per the Higher Education Department Govt. of Odisha notification no. 2687/HE dt. 20.01.2024 & F.D.O.M. No. 25744/F dt. 01.10.2026.

The applicant may visit the University website: **www.rajendrauniversity.ac.in** for detailed information.

WALK IN INTERVIEW : 30.10.2026 AT 11.00 AM
VENUE : REGISTRAR OFFICE

Registrar
Rajendra University, Balangir
OIPR-11001/11141/1/26-27/0006

AFFIDAVIT
By virtue of an affidavit sworn before the Executive Magistrate, Nabarangpur, Vide no-1228, dated 14.10.2026, I, AHALYA HARIJAN, W/o. Diga Nayak & D/o. Akuru Harijan, permanent resident of - Municipality Colony, Nabarangpur, PO/PS/Dist - Nabarangpur, Odisha, Pin - 764059, declare that I have changed my name from AHALYA NAYAK to AHALYA HARIJAN. Henceforth, I shall be known as **AHALYA HARIJAN** for all purposes.
Sd/-Ahalya Harijan

ନବରାତ୍ର ଷଷ୍ଠ ସନ୍ଧ୍ୟା

ବାରିପଦା ମା' ଅମ୍ବିକାଙ୍କ କାତ୍ୟାୟନୀ ବେଶ

୪୨ ବର୍ଷରେ ତୁଳସୀଚଉରା ଦୁର୍ଗାପୂଜା

ଆସୁଛନ୍ତି ମା'

ବାରିପଦା, ୧୬ ।୧୦(ସମିସ):

ବାରିପଦା ତୁଳସୀଚଉରା ସାର୍ବଜନୀନ ଦୁର୍ଗାପୂଜା ଉତ୍ତର ଓଡ଼ିଶାର ସର୍ବବୃହତ୍ତ ତଥା ଓଡ଼ିଶାର ଅନ୍ୟତମ ବୃହତ୍ତ ପୂଜା ମଣ୍ଡପ ଭାବେ ପ୍ରସିଦ୍ଧି ଲାଭ କରିଆସିଛି । ଚଳିତ ବର୍ଷ ଏହା ୪୨ ବର୍ଷରେ ପଦାର୍ପଣ କରିଛି । ୧୯୮୫ରୁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ତଥା ଶାନ୍ତନୁ କୁମାର କର, ସୁରେଶ ଚନ୍ଦ୍ର ନାୟକ, ଅରୁଣ ସାହାଣୀ ଓ ସୁବାସ ଚନ୍ଦ୍ର ଗିରିଙ୍କ ଉଦ୍ୟମରେ ଏଠାରେ ପୂଜା ଆରମ୍ଭ ହୋଇଥିଲା । ଚଳିତର୍ଷ ନୂତନ ଭାବେ ଗଠିତ କମିଟି ସଦସ୍ୟଙ୍କ ସହଯୋଗରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । କଟକ କାରିଗର ମା'ଙ୍କ ମୂର୍ତ୍ତି ନିର୍ମାଣ ଶେଷ କରିଥିବାବେଳେ ଭୁବନେଶ୍ୱରର ଟେଣ୍ଟ ଠିକାଦାର ପଶ୍ଚିମବଙ୍ଗର ୭୦ ଜଣ କାରିଗରଙ୍କୁ ନେଇ କାର୍ଯ୍ୟ ଶେଷ କରିଛନ୍ତି ।

ଚଳିତ ବର୍ଷ ୟୁରୋପର ଇଣ୍ଟୋରିଆଲ ପ୍ୟାଲେସ ସଦୃଶ୍ୟ ତୋରଣ ନିର୍ମାଣ କରିଛନ୍ତି । କନା ପରିବର୍ତ୍ତେ ସ୍ୱତନ୍ତ୍ର ପ୍ଲାଷ୍ଟିକ ବୋର୍ଡରେ ତୋରଣ ନିମାଣ ପୂର୍ବ ବର୍ଷମାନଙ୍କ ପରି ସମସ୍ତଙ୍କ ସେଲଫି ମଣ୍ଡପ ପାଲଟିବ । ପୂର୍ବବର୍ଷ ଭଳି ୧୦ ଦିନ ବ୍ୟାପୀ ମେଳା ଅନୁଷ୍ଠିତ ହେଉଛି । ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିତ୍ୱଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ । ସମସ୍ତ ସରକାରୀ ନିୟମ ଅନୁପାଳନ ପୂର୍ବକ ଚଳିତ ଥର ୨୦ଟି ସିସି ଟିଭି ଓ ଡ୍ରୋନ କେମେରା ଦ୍ୱାରା ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଇଛି । ମଣ୍ଡପରେ ପ୍ରତିବର୍ଷ ଦେଶ ବିଦେଶର ଐତିହାସିକ କୀର୍ତ୍ତିରାଜିର ଅବିକଳ ତୋରଣ ନିର୍ମାଣ ହେଉଥିବାରୁ ଜିଲ୍ଲା ନୁହେଁ ଜିଲ୍ଲା ବାହାରୁ ତଥା ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ । ସଭାପତି ଗିରିଶ୍ଚନ୍ଦ୍ର ଦାସ ଓ ସମ୍ପାଦକ ବାସୁଦେବ ପ୍ରଧାନଙ୍କ ନେତୃତ୍ୱରେ ୨ ଜଣ ଉପସଭାପତି, ୪ ଜଣ ସହସମ୍ପାଦକ, ଜଣେ

ଏଥର ୟୁରୋପର ଇଣ୍ଟୋରିଆଲ ପ୍ୟାଲେସ

କୋଷାଧ୍ୟକ୍ଷ ଓ କାର୍ଯ୍ୟକାରୀ ସଦସ୍ୟଙ୍କୁ ମିଶାଇ ମୋଟ ୧୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟଙ୍କ ସହଯୋଗରେ ରାଜ୍ୟର ଅନ୍ୟତମ ବୃହତ୍ତ ପୂଜା ତୋରଣ ସ୍ଥାନ ବଜାୟ ରହିଛି । ପ୍ରାରମ୍ଭରେ ପୂଜା ବ୍ୟୟ ଅଟକଳ ୨୫ ହଜାର ଥିବାବେଳେ ଚଳିତ ବର୍ଷ ୬୦ ଲକ୍ଷ ଟଙ୍କାରେ ପହଞ୍ଚିଛି । କେବଳ ତୋରଣରେ ଚଳିତ ବର୍ଷ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ତତସହିତ ଆଲୋକ ଓ ସାଜସଜ୍ଜାରେ ସିଂହଭାଗ ଖର୍ଚ୍ଚ ହୋଇଥାଏ । ଅଷ୍ଟମୀରେ ୧୦ ହଜାର ଭକ୍ତଙ୍କୁ ପ୍ରସାଦ ବଣ୍ଟନ ହୋଇଥାଏ । ୨୭ ତାରିଖ ମେଳା ଉଦଯାପନ ଓ ୨୮ ତାରିଖରେ ମା'ଙ୍କ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

ଅବସରପ୍ରାପ୍ତ କର୍ମ ଯୋଗାଣ ଅଧିକାରୀଙ୍କ ପରଲୋକ

କୁଳିଅଣା, ୧୬।୧୦(ସମିସ): କୁଳିଅଣା ଗ୍ରାମର ଅବସରପ୍ରାପ୍ତ କର୍ମ ଯୋଗାଣ ଅଧିକାରୀ ଶିବଶଙ୍କର ପଟ୍ଟନାୟକଙ୍କ ଗତକାଲି ନିଜ ବାସଭବନରେ ପରଲୋକ ଘଟିଛି । ସେ ୧୯୬୪ରେ ସରକାରୀ ଚାକିରିରେ ଯୋଗଦେଇ ଜିଲ୍ଲା କର୍ମ ଯୋଗାଣ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ୧୯୯୮ରେ ବାରିପଦାରେ ଥିବାବେଳେ ଅବସର ଗ୍ରହଣ କରିଥିଲେ । ବାର୍ଦ୍ଧକ୍ୟ ଜନିତ କାରଣରୁ ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅବୋହୂ, ସ୍ତ୍ରୀ, ନାତିନାତୁଣୀ, ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗ୍ରାମବାସୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ସେ ଜଣେ ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ । ସ୍ଥାନୀୟ ବୁଢ଼ାବଳଙ୍ଗ ନଦୀକୂଳ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

ମା' ବାସୁଳୀ କଲେଜରେ ସବୁ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ମହୁଲଡିହା,୧୬।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡାସ୍ଥ ମା' ବାସୁଳୀ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି । ସମସ୍ତ ୧୧ ଜଣ ପ୍ରାର୍ଥୀ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସଭାପତି ଭାବେ ନିଖିଳ କୁମାର ରାମ, ଉପସଭାପତି ଚନ୍ଦ୍ରିକା ବଦ୍ରା, ସାଧାରଣ ସମ୍ପାଦକ ମାନସିଂହ ଖୁଣ୍ଟିଆ, ଯୁଗ୍ମସମ୍ପାଦକ ଭାଗ୍ୟଶ୍ରୀ ନାଏକ, ସାଂସ୍କୃତିକ ସମ୍ପାଦକ - ସ୍ୱର୍ଣ୍ଣପ୍ରଭା ପଲେଇ "କ୍ରୀଡା ସମ୍ପାଦକ - ସୁଖି ମାରାଣ୍ଡି ରହିଥିବା ବେଳେ ଏହା ସହିତ କ୍ଲାସ୍ ରିପ୍ରେଜେଣ୍ଟେଟିଭ୍ ଭାବେ ଗାୟତ୍ରୀ ସେନାପତି, ପୂଜାରାଣୀ ଜେନା, ଦୀନକୃଷ୍ଣ ଆଗୁଆନ, ଜିଜ୍ଞାସା ବେଜ, ଅନୀତା ବାନ୍ଦିଆ ନିର୍ବାଚିତ ହୋଇଛନ୍ତି । ନବନିର୍ବାଚିତ ସମସ୍ତ ଛାତ୍ର ପ୍ରତିନିଧିଙ୍କୁ ଅଧ୍ୟକ୍ଷ ଓ ଅଧ୍ୟାପକ ମଣ୍ଡଳୀ ଶୁଭେଚ୍ଛା ଜଣାଇଛନ୍ତି ।

ଚିତ୍ରଡ଼ା କଲେଜରେ ଛାତ୍ର କଂଗ୍ରେସର ବାଜିମାତ୍

ମୋରଡା,୧୬।୧୦(ସମିସ): ମୋରଡା ନିର୍ବାଚନମଣ୍ଡଳୀ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ହୋଇଥିବାବେଳେ ଚିତ୍ରଡା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ଆସିଲେ ସବୁବେଳେ ଚର୍ଚ୍ଚାରେ ଥାଏ । ଚିତ୍ରଡା ମହାବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନରେ ଛାତ୍ର କଂଗ୍ରେସ ବାଜିମାତ କରିଛି । ଛାତ୍ର କଂଗ୍ରେସ ସମର୍ଥିତ ସଭାପତି ପ୍ରାର୍ଥୀ ମଳୟ ମହାନ୍ତି, ସାଧାରଣ ସମ୍ପାଦକ ପ୍ରାର୍ଥୀ ଗଜେନ୍ଦ୍ର ମାରାଣ୍ଡି, ଡ୍ରାମାଟିକ ସେକ୍ରେଟାରୀ ଭାବେ ଆରତୀ ହାଁସଦା ବିଜୟ ଲାଭ କରିଛନ୍ତି । ଆଜି ମହାବିଦ୍ୟାଳୟରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହା ପୂର୍ବରୁ ଚିତ୍ରଡାରେ କଂଗ୍ରେସ ନିଜର ଶକ୍ତି ପ୍ରଦର୍ଶନ କରିଛି । ଶତାଧିକ ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ଜଗନ୍ନାଥ ମନ୍ଦିରରେ ଏକଜୁଟ ହୋଇଥିଲେ । ବିଜୟୀ ପ୍ରାର୍ଥୀଙ୍କୁ ଏକ ବିରାଟ ବାଇକ ରାଲିରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଆରମ୍ଭ କରି ଶୀର୍ଷାପାଳ ଛକ, ଚିତ୍ରଡା ବଜାର ଦେଇ କଲେଜ ଛକକୁ ନିଆଯାଇଥିଲା । ପରେ କଲେଜ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧ୍ୟାପକ ବୁଦ୍ଧିରାମ ସିଂ ବିଜୟୀ ପ୍ରାର୍ଥୀଙ୍କୁ ଶପଥ ପାଠ କରାଇଥିଲେ ।

କଳିଙ୍ଗ ଡିଗ୍ରୀ କଲେଜରେ ଏବିଭିପି ବିଜୟୀ

ବିଶୋଇ,୧୬ ।୧୦ (ସମିସ): ମଣଦାସ୍ଥ କଳିଙ୍ଗ ଡିଗ୍ରୀ କଲେଜ ଛାତ୍ର ସଂସଦ ନିର୍ବାଚନରେ ଏବିଭିପି ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ଚନ୍ଦ୍ରିକା ନାୟକ ବିସିଜେଡି ପ୍ରାର୍ଥୀ ପାନେଶ୍ୱରୀ ହାଁସଦାଙ୍କୁ, ଉପସଭାପତି ପ୍ରାର୍ଥୀ ମାନସ ବାରିକ ନମିତା ହେମ୍ବ୍ରମ, ସାଧାରଣ ସମ୍ପାଦକ ଭାବେ ମାସା ସମର୍ଥିତ ପ୍ରାର୍ଥୀ ଚନ୍ଦନ ଟୁଡୁଙ୍କୁ ପଛରେ ପକାଇ ଚନ୍ଦନ ପାତ୍ର, ସହ ସାଧାରଣ ସମ୍ପାଦକ ପଦବୀରେ ମାସା ସମର୍ଥିତ ପ୍ରାର୍ଥୀ ମାଥାଇ ସୋରେନକୁ ହରାଇ ସୋମବାରୀ ଚାଟାର, କ୍ରୀଡା ସମ୍ପାଦକ ପଦବୀରେ ପ୍ରାଚୀ ଗିରି ୨୪୪ ଭୋଟ ପାଇ ବିଜୟ ହାସଲ କରିଥିଲେ । ସ୍ୱାଧୀନ ପ୍ରାର୍ଥୀ ଦଳପଦ ସୋରେନ ନାଟ୍ୟ ସମ୍ପାଦକ ଭାବେ ବିଜୟୀ ହୋଇଛନ୍ତି ।

ପ୍ରୀତିନନ୍ଦା କପ୍ତିପଦା ମହାବିଦ୍ୟାଳୟ ସଭାପତି

କପ୍ତିପଦା,୧୬।୧୦(ସମିସ): କପ୍ତିପଦା ମହାବିଦ୍ୟାଳୟରେ ଛାତ୍ର ସଂସଦ ସଭାପତି ଚୟନ ଓ ଶପଥ ଗ୍ରହଣ ଉତ୍ସବ ଆୟୋଜିତ ହୋଇଯାଇଛି । ଅଧ୍ୟକ୍ଷ ନିରୋଜ ଖୁଣ୍ଟିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିଲା । ମହାବିଦ୍ୟାଳୟ ସମସ୍ତ ବିଭାଗର ଆଶାୟୀ ଛାତ୍ରଛାତ୍ରୀ ଆବେଦନ କରିଥିଲେ । କମିଟି ସଦସ୍ୟ ସମସ୍ତ ପରୀକ୍ଷା ନିରୀକ୍ଷା ପରେ ସେମାନଙ୍କର ଅନ୍ତିମ ନିର୍ଣ୍ଣୟ ପୂର୍ବକ+୩ ତୃତୀୟ ଶିକ୍ଷାବର୍ଷର ଶିକ୍ଷାର୍ଥୀ ପ୍ରୀତିନନ୍ଦା ଦାସଙ୍କୁ ଛାତ୍ର ସଂସଦ ସଭାପତି ଭାବେ ଘୋଷଣା କରି ଆୟୋଜିତ ସଭାରେ ଶପଥ ପାଠ କରାଇଥିଲେ । ଏହି ଶପଥ ଗ୍ରହଣ ଉତ୍ସବରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଶିକ୍ଷାର୍ଥୀ ଯୋଗ ଦେଇଥିଲେ ।

ଦେଉଳିଆ ଦୁର୍ଗାପୂଜା
ନବମୀରେ ନବ କୁମାରୀ ପୂଜା

ବଡ଼ସାହି,୧୬।୧୦(ସମିସ): ଚଳିତ ବର୍ଷ ଦେଉଳିଆ ଦୁର୍ଗାପୂଜା ୨୭ ବର୍ଷ ପୂର୍ତ୍ତି ପାଳନ କରୁଛି । ଏଠାରେ ମା'ଙ୍କ ପୂଜା ଓ ବିଧିବିଧାନ ନିଆରା । ନବମୀରେ ନବକୁଆଁରୀ ପୂଜା ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥାଏ । ଚଳିତ ବର୍ଷ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ୫ ଲକ୍ଷ ବଜେଟ ରହିଥିବା କମିଟି ସୂତ୍ରରୁ ଜଣାପଡ଼ିଛି । ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁନ୍ଦର ମୂର୍ତ୍ତି, ଆଧୁନିକ ଆଲୋକ ସଜ୍ଜା ଓ ରାବଣ ପୋଡି ଏହି ପୂଜା ମହୋତ୍ସବକୁ ଦ୍ୱିଗୁଣିତ କରିବ । ୨୦୦୦ରେ ଦେଉଳିଆ ପଞ୍ଚାୟତର ଡାକ୍ତରଖାନା ଛକରେ ଏହି ପୂଜା ଆରମ୍ଭ ହୋଇଥିଲା । ତତ୍କାଳୀନ ସମୟରେ ସଭାପତି ଭାବେ ବିଦ୍ୟାଧର ସଦୁଆଳ, ସଂପାଦକ ଭାବେ ଅଭୟ ମହାପାତ୍ର ଓ କୋଷାଧକ୍ଷ୍ୟ ଭାବେ ସ୍ୱର୍ଗତ ଭାସ୍କର ଚନ୍ଦ୍ର ବେହେରା କାର୍ଯ୍ୟ ତୁଲାଉଥିବାବେଳେ ତାଙ୍କ ସହିତ ସ୍ୱର୍ଗତ ପ୍ରଭାକର ବେହେରା, ସ୍ୱର୍ଗତ ପ୍ରବୋଧ କୁମାର ମହାପାତ୍ର, ହାଡ଼ିବନ୍ଧୁ ମହାପାତ୍ର, ସନ୍ତୋଷ ବେହେରା, ଶୋଭାକର ଲେଙ୍କା, ଶଶୀକାନ୍ତ ଲେଙ୍କା, ଅଜୟ ମଲିକ, ମନୋରଞ୍ଜନ ଲେଙ୍କା ଓ ଦୁଲ୍ଲଭ ସିଂଙ୍କ ସହିତ କିଛି ବ୍ୟକ୍ତିଙ୍କ ସହଯୋଗ ଓ ପ୍ରଚେଷ୍ଟାରେ ଏକ ଝାଟିମାଟି ଭୁଗୁଡା ଘରୁ ଆରମ୍ଭ ହୋଇଥିଲା ପୂଜା । ସେ ସମୟରେ ଖୁବ କମ୍ ବ୍ୟୟ ଅଟକଳରେ ଏହି ପୂଜା ଆରମ୍ଭ ହୋଇଥିବାବେଳେ ଅଧ୍ୟାପକ ସରୋଜ କୁମାର ସଦୁଆଳ ଦୀର୍ଘ ୧୨ ବର୍ଷ ଧରି ମା'ଙ୍କ ମୂର୍ତ୍ତି ଖର୍ଚ୍ଚ ବହନ କରିଥିବାବେଳେ ତାଙ୍କ ବଡଭାଇ ବିନୋଦ କିଶୋର ସଦୁଆଳଙ୍କ ପ୍ରଥମ ବର୍ଷ ରାବଣ ପୋଡିର ସହଯୋଗ କମିଟି କର୍ମକର୍ତ୍ତାଙ୍କ ମନୋବଳ ବୃଦ୍ଧି କରିଥିଲା । କମିଟିର କିଛି ନିଜସ୍ୱ ପାଣ୍ଠି କିଛିନାହିଁ । ଗାଁ, ବ୍ୟକ୍ତିବିଶେଷ ଚାନ୍ଦା ଓ ପଞ୍ଚାୟତର ପୋଖରୀରୁ ମିଳୁଥିବା ଅର୍ଥରାଶିରେ ଏହି ପୂଜା ଅନୁଷ୍ଠିତ ହୋଇଆସୁଛି । ପୂଜା କମିଟି ସଭାପତି ଶ୍ରୀ ସାଦୁଆଳ, ସମ୍ପାଦକ ଅଜିତ କୁମାର ମହାପାତ୍ର ଓ କୋଷାଧକ୍ଷ ସନ୍ତୋଷ ବେହେରାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରୁଛନ୍ତି । ଆଖପାଖ ଅଞ୍ଚଳର ୧୫ଟି ଗାଁରୁ ଶ୍ରଦ୍ଧାଳୁ ଆସି ପୂଜାର୍ଚ୍ଚନା କରୁଥିବା ଜଣାଯାଇଛି ।

ଦ୍ୱିତୀୟ ବର୍ଷରେ ବିଶୋଇ ଦୁର୍ଗାପୂଜା

ବିଶୋଇ,୧୬ ।୧୦ (ସମିସ): ଆଜି ମା' ଦୁର୍ଗାଙ୍କ ମହାଷଷ୍ଠୀ ପୂଜା ଆରମ୍ଭ ହୋଇଥିବାବେଳେ ଏଥିନିମନ୍ତେ ବିଶୋଇ ଅଞ୍ଚଳ ଚଳଚଞ୍ଚଳ ହୋଇପଡିଛି । ପୂର୍ବରୁ ଅସନା ଓ ବନେଇକଳାରେ ସାର୍ବଜନୀନ ପୂଜା କମିଟି ପକ୍ଷରୁ ମା' ପୂଜା ପାଉଥିଲେ । ତେବେ ବିଶୋଇ ଅଞ୍ଚଳର ୨୫ ଜଣ ବରିଷ୍ଠ ବ୍ୟକ୍ତିବିଶେଷ ଏକତ୍ରିତ ହୋଇ ପୂଜା କରିବାକୁ ମନସ୍ଥ କରିଥିଲେ । ଏହି ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କ ଉଦ୍ୟମ କ୍ରମେ ବରିଷ୍ଠ ପୂଜା ଅନୁଷ୍ଠାନ ଗଢି ଉଠିଥିଲା । ବ୍ୟକ୍ତିଗତ ପାଣ୍ଠି ବିନିଯୋଗରେ ପୂଜା ଆରମ୍ଭ ହୋଇଥିଲା । ଏଥର ଏହା ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଛି । ବାରିପଦାର ଈଶ୍ୱର କଳା ବିକାଶ ମାଲିକ ତଥା ମୁଖ୍ୟ ପ୍ରଶିକ୍ଷକ ଈଶ୍ୱର ଚନ୍ଦ୍ର ସ୍ୱାଇଁ ମା'ଙ୍କ ମୂର୍ତ୍ତିର ଶେଷ ସ୍ପର୍ଶ ଦେଇଛନ୍ତି । ଜଗତସିଂହପୁର ଜିଲ୍ଲା ନାଉଗାଁ ଗ୍ରାମର ମୁଖ୍ୟ ପୂଜକ ଭାବେ ସୁବ୍ରତ କୁମାର ଦାଶ ପୂଜା ଦାୟିତ୍ୱ ତୁଲାଇବେ । ମା'ଙ୍କ ନିକଟରେ ପ୍ରତ୍ୟେକ ଦିନ ଅନ୍ନଭୋଗ ଲାଗିବା ବ୍ୟବସ୍ଥା ରହିଥିବାବେଳେ ଅଷ୍ଟମୀ ଦିନ ୭ ପ୍ରକାରର ପିଠା ଭୋଗ ଲାଗି ହେବ । ସେହିପରି ନବମୀରେ କୁମାରୀ ପୂଜା ଅନୁଷ୍ଠିତ ହେବ । ଯେଉଁଥିରେ ୯ ଜଣ କର୍ତ୍ତା ଓ ୯ ଜଣ କୁମାରୀ ଝିଅଙ୍କୁ ନେଇ ପୂଜାର୍ଚ୍ଚନା କରାଯିବ ବୋଲି ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ମହାପାତ୍ର, ସମ୍ପାଦକ ସୁମନ୍ତ ସାହୁ, କୋଷାଧକ୍ଷ ଅସୀମ ପଟ୍ଟନାୟକ ପ୍ରମୁଖ କହିଛନ୍ତି ।

- ଛାତ୍ର ସଂସଦ ନିର୍ବାଚନରେ ବିସିଜେଡି ପ୍ରତି ବିପୁଳ ସମର୍ଥନ

ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ବିଜେଡି

ବାରିପଦା, ୧୬ ।୧୦(ସମିସ): ଦୀର୍ଘ ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଛି । ଉକ୍ତ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ ପ୍ରାର୍ଥୀଙ୍କ ପ୍ରତି ବିପୁଳ ସମର୍ଥନ ମିଳିଛି । ରାଜ୍ୟ ସମେତ ମୟୂରଭଞ୍ଜ ଜିଲ୍ଲାର କଲେଜ କ୍ୟାମ୍ପସରେ ଅକୁଣ୍ଠ ସମର୍ଥନ ନେଇ ଛାତ୍ରଛାତ୍ରୀଙ୍କୁ ବିଜେଡି ପକ୍ଷରୁ ଧନ୍ୟବାଦ ଜଣାଯାଇଛି । ସମସ୍ତ ବିଜୟୀ ପ୍ରାର୍ଥୀଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି । ନିର୍ବାଚନ ନିଜ ସପକ୍ଷରେ ନେବାକୁ କଳ ଓ ବଳ ଲଗାଇ ଦେଇଥିଲେ । ଅନ୍ୟାୟ ଓ ଅସାଧୁ ଉପାୟରେ ନିର୍ବାଚନ ଜିତିବା ପାଇଁ ବିଜେପି ସରକାରର ଚକ୍ରାନ୍ତ କରିଥିଲେ । କିନ୍ତୁ ଛାତ୍ରଛାତ୍ରୀ ତାହାକୁ ବିଫଳ କରିଛନ୍ତି । ସହଯୋଗ କରିଥିବା ବିଜେଡି ଓ ଅନ୍ୟ ସଙ୍ଗଠନର କର୍ମକର୍ତ୍ତା ଏବଂ ଛାତ୍ର ନେତା ମାନଙ୍କୁ ଧନ୍ୟବାଦ ଜନାଯାଇଛି । ସମସ୍ତଙ୍କ ଲଢେଇ ପାଇଁ ବିଜେଡି ବିଜୟ ହୋଇଛି । ବିଜେଡି ପ୍ରତି ଜନ ସମର୍ଥନ ଦିନକୁ ଦିନ

'ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଅଛନ୍ତି ଜେନ ଜି'

ସମାଜ, ରାଷ୍ଟ୍ର ଓ ଭବିଷ୍ୟତ ପିଢ଼ିକୁ ଉଚିତ ମାର୍ଗରେ ପରିଚାଳନା କରିବା ପାଇଁ ସକ୍ରିୟ ଭୂମିକା ନିଅନ୍ତୁ ବୋଲି ଆଶା ପୋଷଣ କରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଜେନ ଜିଙ୍କ ସମର୍ଥନ ରହିଛି ବୋଲି ଚଳିତ ଛାତ୍ର ସଂସଦ ନିର୍ବାଚନ ପ୍ରମାଣିତ କରିଛି । ଉକ୍ତ ବିଜୟ ଜେନ୍ ଜି, ଯୁବ ଓ ଛାତ୍ରଶକ୍ତିଙ୍କ ନିଷ୍ଠା ଓ ଏକତାକୁ ପ୍ରତିଫଳିତ କରୁଛି । ବିଜେପି ସରକାର ବିଜେପି ସରକାରଙ୍କ ଚକ୍ରାନ୍ତ ବିରୋଧରେ ଦୃଢ଼ତା ସହ ଲଢ଼ି ବିସିଜେଡି ପ୍ରାର୍ଥୀ ମାନେ ବିଜୟ ହୋଇଛନ୍ତି । ଛାତ୍ରଛାତ୍ରୀଙ୍କ ଦୃଢ଼ ଇଚ୍ଛାଶକ୍ତି ଆଗରେ ସରକାରୀ କଳ ଓ ବଳ ହାର ମାନିଛି । ଉକ୍ତ ସଫଳତା ଛାତ୍ରଛାତ୍ରୀ ମାନଙ୍କୁ ଜିଲ୍ଲାର ସମସ୍ତ ବିଜେଡି ନେତା ମାନେ ସାଧୁବାଦ ଜଣାଇଛନ୍ତି । ଉକ୍ତ ନିର୍ବାଚନରେ ବିଜୟ ହାସଲ କରିବାରେ ବୃଦ୍ଧି ପାଇବାରେ ଲାଗିଛି । ଯାହାକି ଆଗାମୀ ନିର୍ବାଚନରେ ମଧ୍ୟ ପ୍ରତିଫଳିତ ହେବାକୁ ଯାଉଛି । କଲେଜ କ୍ୟାମ୍ପସର ଉନ୍ନତି ଓ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିଜୟ ପ୍ରାର୍ଥୀ ମାନେ କାର୍ଯ୍ୟ କରନ୍ତୁ ବୋଲି ବିଜେଡ଼ି ପକ୍ଷରୁ ନଗରପାଳ ତଥା ଜିଲ୍ଲା ଉପସଭାପତି କୃଷ୍ଣାନନ୍ଦ ମହାନ୍ତି ପ୍ରେସ ବିବୃତି ଜରିଆରେ ଜଣାଇଛନ୍ତି ।

ଗଣଶିକ୍ଷା ଅତିରିକ୍ତ ସଚିବଙ୍କ ମହାରାଜା ପ୍ରତାପଚନ୍ଦ୍ର ବିଦ୍ୟାଳୟ ପରିଦର୍ଶନ

ବେତନଟୀ, ୧୬।୧୦(ସମିସ): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଯଦୁମଣି ମହଲା ମୟୂରଭଞ୍ଜ ଜିଲ୍ଲା ବେତନଟୀସ୍ଥ ପିଏମ୍ଶ୍ରୀ ମହାରାଜା ପ୍ରତାପଚନ୍ଦ୍ର ଉଚ୍ଚବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ଗସ୍ତ ସମୟରେ ସେ ବିଦ୍ୟାଳୟରେ କାର୍ଯ୍ୟକାରୀ ହେଉଥିବା ପିଏମ୍ଶ୍ରୀ ଯୋଜନାର ବିଭିନ୍ନ ପ୍ରକଳ୍ପ, ଭିତ୍ତିଭୂମିର ଅଗ୍ରଗତି ଓ ଶିକ୍ଷାଦାନର ଗୁଣାତ୍ମକ ମାନର କ୍ଷେତ୍ରସ୍ତରୀୟ ସମୀକ୍ଷା କରିଥିଲେ । ପରିଦର୍ଶନ ସମୟରେ ଅତିରିକ୍ତ ସଚିବ ବିଦ୍ୟାଳୟ ପରିସର, ଶ୍ରେଣୀଗୃହ ଓ ଉପଲବ୍ଧ ଶୈକ୍ଷିକ ସୁବିଧା ବୁଲି ଦେଖିଥିଲେ । କେନ୍ଦ୍ର ପ୍ରବର୍ତ୍ତିତ ପିଏମ୍ଶ୍ରୀ ଯୋଜନା ଅଧୀନରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟର ମାନ ଓ ସମୟାନୁବନ୍ଧିତ କାର୍ଯ୍ୟକାରିତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗ ଓ କାର୍ଯ୍ୟାନ୍ୱୟନର ସଦ୍ୟତମ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଓ ଆଧୁନିକ ଶିକ୍ଷା ପ୍ରଦାନ ସହ ସେମାନଙ୍କ ସାମଗ୍ରିକ ବିକାଶ ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଶ୍ରୀ ମହଲା ପରାମର୍ଶ ଦେଇଥିଲେ । ଶେଷରେ ବହୁମୂଲ୍ୟ ସମୟ, ମାର୍ଗଦର୍ଶନ ଓ ଉତ୍ସାହଜନକ ପରାମର୍ଶ ପ୍ରଦାନ କରିଥିବାରୁ ପ୍ରଧାନଶିକ୍ଷକ ଶ୍ରୀ ସିଂ ବିଦ୍ୟାଳୟ ପକ୍ଷରୁ ଅତିରିକ୍ତ ସଚିବଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଛାତ୍ରସଂସଦ ନିର୍ବାଚନ
ଜିଲ୍ଲାର ବିଭିନ୍ନ କଲେଜରେ ନବନିର୍ବାଚିତ ଛାତ୍ର ପ୍ରତିନିଧିଙ୍କ ଶପଥ ଗ୍ରହଣ

ବାରିପଦା, ୧୬ ।୧୦(ସମିସ):

ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହେବା ପରେ ବିଜୟୀ ପ୍ରାର୍ଥୀଙ୍କ ଶପଥ ଗ୍ରହଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମ୍ଏସ୍ସିବି) ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ନବନିର୍ବାଚିତ ଛାତ୍ର ପ୍ରତିନିଧିଙ୍କୁ କର୍ତ୍ତବ୍ୟନିଷ୍ଠା ଓ ଶୃଙ୍ଖଳାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇ ଶପଥ ପାଠ କରାଇଥିଲେ । ମଞ୍ଚରେ କୁଳସଚିବ ସୁମିତା ସିଂହ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ରାଜେଶ କୁମାର ସିଂହ, ଛାତ୍ର ମଙ୍ଗଳ ବିଭାଗ ନିର୍ଦ୍ଦେଶକ (ଡିଏସ୍ଡବ୍ଲ୍ୟୁ) ଡ ଜ୍ୟୋତି ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ବିଶ୍ୱବିଦ୍ୟାଳୟରେ ବିସିଜେଡିର ନବନିର୍ବାଚିତ ସଭାପତି ସନ୍ଦୀପ୍ତା ଦାଶ ଓ ଏବିଭିପିର ସାଧାରଣ ସମ୍ପାଦିକା ଅରୋସ୍ମିତା ଭୂୟାଁ ଶପଥ ଗ୍ରହଣ କରିଛନ୍ତି ।

ସେହିପରି ଜିଲ୍ଲାର ଅନ୍ୟାନ୍ୟ ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରେ ଏମପିସି ସ୍ୱୟଂଶାସିତ କଲେଜରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ସଭାପତି ଅଞ୍ଜନ ସୋରେନ ଓ ସାଧାରଣ ସମ୍ପାଦକ ପ୍ରଭାସ କୁମାର ମାରାଣ୍ଡି, ବାରିପଦା ସରକାରୀ ମହିଳା କଲେଜରେ ବିସିଜେଡିର ସଭାପତି ପ୍ରଭାତୀ ମୁଣ୍ଡାଲୋହାର ଓ ସାଧାରଣ ସମ୍ପାଦିକା ସବିତା ଗାଣ୍ଡୁଆ, ବାରିପଦା ଡିଗ୍ରୀ କଲେଜରେ ବିସିଜେଡିର ସଭାପତି ଇଜାଜ ଅଲ୍ଲୀ ଓ ସାଧାରଣ ସମ୍ପାଦକ ଶୁଭମ କର୍ମକାର, ଚକଶୁଳିଆପଦା ୟୁବିଡି କଲେଜରେ ଏବିଭିପିର ନିଦ୍ୱର୍ନ୍ଦ୍ୱ ନିର୍ବାଚିତ ସଭାପତି ସୁଶାନ୍ତ ବେଶ୍ରା, ଶୁଳିଆପଦା ପିଏସ ଡିଗ୍ରୀ କଲେଜରେ ଏବିଭିପିର ସଭାପତି ସମୀର ବେହେରା, ଚିତ୍ରଡ଼ା କଲେଜରେ କଂଗ୍ରେସର ସଭାପତି ମଳୟ ମହାନ୍ତି, ଗଡ଼ିଆ ଆଞ୍ଚଳିକ କଲେଜରେ ଏବିଭିପିର ନିଦ୍ୱର୍ନ୍ଦ୍ୱ ନିର୍ବାଚିତ ସଭାପତି ବିଶ୍ୱଜିତ ସି, ନଳଗଜା ୟୁଏନ କଲେଜରେ ବିସିଜେଡିର ସଭାପତି ସନ୍ନ୍ୟାସୀ ବେହେରା, ମନିଦା ଏସଏମଡି କଲେଜରେ ବିସିଜେଡିର ସଭାପତି ଭାସ୍କର ଟୁଡୁ, ରରୁଆଁ ଏପି କଲେଜରେ ଏବିଭିପିର ନିଦ୍ୱର୍ନ୍ଦ୍ୱ ନିର୍ବାଚିତ ସଭାପତି ଶୁଭଲକ୍ଷ୍ମୀ ମହାନ୍ତ ଓ ସାଧାରଣ ସମ୍ପାଦକ ଶ୍ରବଣ କୁମାର ପ୍ରଧାନ, ଯଶୀପୁର କଲେଜରେ ଏବିଭିପିର ସଭାପତି ସିଙ୍ଗରାୟ ହାଁସଦା ଶପଥ ନେଇଛନ୍ତି ।

ଅନ୍ୟପକ୍ଷରେ ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ କଲେଜରେ ବିସିଜେଡିର ସଭାପତି ଗଣେଶ ମାଝୀ ଓ ଏବିଭିପିର ସାଧାରଣ ସମ୍ପାଦକ କୃଷ୍ଣ ପାତ୍ର, ବାଇଗଣବାଡ଼ିଆ ବିବି କଲେଜରେ ବିସିଜେଡିର ସଭାପତି ବାଇଧର ସୋରେନ ଓ ସାଧାରଣ ସମ୍ପାଦିକା ସୁମିତ୍ରା ମାରାଣ୍ଡି, ମଣଦା କଳିଙ୍ଗ ଡିଗ୍ରୀ କଲେଜରେ ଏବିଭିପିର ସଭାପତି ଚଣ୍ଡିକା ନାୟକ ଓ ସାଧାରଣ ସମ୍ପାଦକ ଚନ୍ଦନ ପାତ୍ର, କରଞ୍ଜିଆ ସ୍ୱୟଂଶାସିତ କଲେଜରେ ବିସିଜେଡିର ସଭାପତି ସଞ୍ଜୟ କୁମାର ଦେଓଗାଁ ଓ ସାଧାରଣ ସମ୍ପାଦିକା ବିଜୟିନୀ ବାରିକ, ରାଇରଙ୍ଗପୁର କଲେଜରେ ଏବିଭିପିର ସଭାପତି ଇପ୍ସିତ ମହାନ୍ତ ଓ ସାଧାରଣ ସମ୍ପାଦକ ଧନଞ୍ଜୟ ଦଳେଇ, ରାଇରଙ୍ଗପୁର ମହିଳା କଲେଜରେ ମାସା ସମର୍ଥିତ ସଭାପତି ବାଲେ ଆଲଦା ଓ ସାଧାରଣ ସମ୍ପାଦିକା କାପୁରା କିସ୍କୁ, ବହଳଦା ଧୀରଜଲାଲ କଲେଜରେ ଏବିଭିପିର ସଭାପତି ସତ୍ୟମ କୁମାର ମହାନ୍ତ ଓ ସାଧାରଣ ସମ୍ପାଦିକା ରୀତିଶା ସାହୁ, ବଡ଼ସାହି ପିଏସ କଲେଜରେ ଏବିଭିପିର ସଭାପତି ସ୍ମୃତିରଞ୍ଜନ ଲେଙ୍କା ଓ ସାଧାରଣ ସମ୍ପାଦକ ଶୁଭଶଙ୍କ ମହାନ୍ତ, ବେତନଟୀ କଲେଜରେ ଏବିଭିପିର ସଭାପତି କ୍ରିଷ୍ଣା ମହାନ୍ତ ଓ ବିସିଜେଡିର ସାଧାରଣ ସମ୍ପାଦକ ମନୋରଞ୍ଜନ ମହାନ୍ତ, ଉଦଳା କଲେଜରେ ବିସିଜେଡିର ସଭାପତି ଶୁଭଲକ୍ଷ୍ମୀ ହାତୀ ଓ ସାଧାରଣ ସମ୍ପାଦକ ରଥ ମାରାଣ୍ଡି, ରାଢ଼ୋ ଲୁଇପା ଡିଗ୍ରୀ କଲେଜରେ ଏବିଭିପିର ସଭାପତି ଦୀପ୍ତିପ୍ରଭାମୟୀ ବେହେରା ଓ ସାଧାରଣ ସମ୍ପାଦକ ରାଜେଶ ବେହେରା, କୁଣ୍ଡାବାଇ ଆରଡିଏସ ଡିଗ୍ରୀ କଲେଜରେ ମାସା ଆର୍ମିର ସଭାପତି ବାଧା ମୁର୍ମୁ ଓ ସାଧାରଣ ସମ୍ପାଦକ ରମେଶ ମାରାଣ୍ଡି, ଝାରପୋଖରିଆ ସୀମାନ୍ତ କଲେଜରେ ବିସିଜେଡିର ସଭାପତି ଶୁଭମ ସେଠୀ ଓ ସାଧାରଣ ସମ୍ପାଦକ ରମେଶ୍ୱର ମହାନ୍ତ, ଖୁଣ୍ଟା କଲେଜରେ ସ୍ୱାଧୀନ ପ୍ରାର୍ଥୀ ଭାବେ ସଭାପତି ଜିତେନ୍ଦ୍ର ମୁର୍ମୁ ଓ ସାଧାରଣ ସମ୍ପାଦକ ପ୍ରହ୍ଲାଦ କୁମାର ସିଂ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହାବ୍ୟତୀତ ରଙ୍ଗାମାଟିଆ, କପ୍ତିପଦା, ନୂଆସାହି କପ୍ତିପଦା, ନୂଆଡିହା ମେଘାସନ, ଉଦଳା ଇନ୍ଦିରା ଗାନ୍ଧୀ ମହିଳା, ପୁରୁଣା ବାରିପଦା, କୁଆମରା, ବାରିପଦା ଶ୍ରୀମା ମହିଳା ଓ ରଘଦା କଲେଜରେ ମନୋନୀତ ଛାତ୍ର ପ୍ରତିନିଧି ଶପଥ ନେଇଛନ୍ତି । ଶପଥ ଗ୍ରହଣ ସମାପ୍ତ ପରେ ସମଗ୍ର ଜିଲ୍ଲାର କ୍ୟାମ୍ପସରେ ବାଣ ଫୁଟାଇ ଓ ମିଠା ବାଣ୍ଟି ଛାତ୍ରଛାତ୍ରୀ ବିଜୟୋତ୍ସବ ପାଳନ କରିଥିଲେ ।

● ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତା

ମେଣ୍ଢାଖାଇ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

ଉଦଳା, ୧୬।୧୦(ସମିସ): ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ମେଣ୍ଢାଖାଇ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ। ବିଦ୍ୟାଳୟର ଦୁଇଜଣ ଛାତ୍ରୀ ଜିଲ୍ଲାସ୍ତରୀୟ ସୁରଭି ପ୍ରତିଯୋଗିତାକୁ ମନୋନୀତ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଗତ ୧୪ ତାରିଖରେ ଅନୁଷ୍ଠିତ କ୍ଲଷ୍ଟରସ୍ତରୀୟ ସୁରଭି ପ୍ରତିଯୋଗିତାରେ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗରେ ଭାଗ ନେଇ ପୁରସ୍କୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୭ ଜଣ ବ୍ଲକସ୍ତରୀୟ ପ୍ରତିଯୋଗିତାକୁ ଉନ୍ନୀତ ହୋଇଥିଲେ। ବ୍ଲକ ସ୍ତରରେ ଏହି ୭ ଜଣଙ୍କ ମଧ୍ୟରୁ ୫ ଜଣ ପୁରସ୍କୃତ ହୋଇଥିବାବେଳେ ଦୁଇଜଣ ଛାତ୍ରୀ ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ବରିଷ୍ଠ ବିଭାଗ ବିତର୍କ ପ୍ରତିଯୋଗିତା ପାଇଁ ଦେବସ୍ମିତା ମହାନ୍ତି ଓ କନିଷ୍ଠ ବିଭା ବକ୍ତୃତା ପ୍ରତିଯୋଗିତା ପାଇଁ ସୋନାକ୍ଷୀ ସାହୁ ମନୋନୀତ ହୋଇଥିବା ଜଣାପଡ଼ିଛି। ଉଭୟ ଛାତ୍ରୀଙ୍କ ଏହି ସଫଳତାରେ ବିଦ୍ୟାଳୟ ପରିବାର ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଛାତ୍ରୀ ଦ୍ୱୟଙ୍କ ଏହି ସଫଳତା ପଛରେ ସେମାନଙ୍କର ନିଷ୍ଠା, ପରିଶ୍ରମ ଓ ଶିକ୍ଷକଙ୍କ ମାର୍ଗଦର୍ଶନ ରହିଛି। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସେମାନେ ଉତ୍କୃଷ୍ଟ ପ୍ରଦର୍ଶନ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିବେ ବୋଲି ଆଶା ପ୍ରକାଶ କରାଯାଇଛି।

ରକ୍ତଦାନ ଶିବିର; ୧୨୦ ୟୁନିଟ୍ ସଂଗୃହୀତ

ମହୁଲଡିହା, ୧୬।୧୦(ସମିସ): କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଶୁଭେଚ୍ଛା ଜଣାଇବା ପାଇଁ କେନ୍ଦୁଝର ସାଂସଦ ଅନନ୍ତ ନାୟକ, କରଞ୍ଜିଆ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ତହସିଲଦାର ସମ୍ବିତ କର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

ଆରମ୍ଭରେ ବିଧାୟକଙ୍କ ସମେତ ଶହ ଶହ ଲୋକ ବାସୁଳୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ଆସି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ରକ୍ତଦାନ ଶିବିରକୁ ସାଂସଦ ଅନନ୍ତ ଚରଣ ନାୟକ ଓ ବିଧାୟକ ମିଳିତ ଭାବେ ଉଦଘାଟନ କରିଥିଲେ। ସାଂସଦଙ୍କ ସମେତ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ତହସିଲଦାର ସମ୍ବିତ କୁମାର କର ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ। ପରେ ରକ୍ତଦାନ ଚାଲିବା ସହ ଡାକ୍ତରଖାନାରେ ବିଧାୟକ, ସାଂସଦ, ଅଧିକାରୀ ବୃନ୍ଦ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। କରଞ୍ଜିଆ ରକ୍ତଭଣ୍ଡାର କର୍ମଚାରୀ ଡା. ଗୌରାଙ୍ଗ ନାୟକଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ସମୁଦାୟ ୧୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ସମାଜସେବୀ ବସନ୍ତ କୁମାର ପଇବର୍ତ୍ତୀ, ଆଶିଷ କୁମାର ପାଣିଗ୍ରାହୀ, ବିମଳ ସେନାପତି, ଯୋଗେନ୍ଦ୍ର ମହାନ୍ତ, ବିଛେନ୍ଦ୍ର ବେହେରା ଶିବିର ପରିଚାଳନା କରିଥିଲେ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ରାଇରଙ୍ଗପୁର, ୧୬ ।୧୦(ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ରାଇରଙ୍ଗପୁର ପଞ୍ଚାୟତ ସମିତି ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରକୁ ମୁଖ୍ୟଅତିଥି ଭାବେ ଲୋକସଭା ସାଂସଦ ନବଚରଣ ମାଝୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭିନ୍ନକ୍ଷମଙ୍କୁ ସରକାରୀ ଯୋଜନା ଜରିଆରେ ସ୍ୱାବଲମ୍ବୀ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏହି ଶିବିରର ମୂଳ ଲକ୍ଷ୍ୟ ବୋଲି ସାଂସଦ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ, ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ତହସିଲଦାର ଭବାନୀ ପ୍ରସାଦ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସୋମବାରି ମୁର୍ମୁ ଓ ବିଧାୟକଙ୍କ ପ୍ରତିନିଧି ଅଶୋକ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିରରେ ବ୍ଲକ ଓ ପୌରାଞ୍ଚଳର ମୋଟ ୧୦୮ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଯାଞ୍ଚ ପରେ ଅସ୍ଥିଶଲ୍ୟରେ ୩୨, ପକ୍ଷାଘାତରେ ୧୪, ଦୃଷ୍ଟିବାଧିତ ୧୬, ମାନସିକ ଅନଗ୍ରସର ୧୫, ଇଏନଟିରେ ୧୧ ଓ ମାଇନର ସର୍ଜରୀ ପାଇଁ ୯ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ୨୫ ଜଣଙ୍କୁ ଭତ୍ତା, ୩୫ ଜଣଙ୍କୁ ବସ୍ ପାସ୍, ୩୦ ଜଣଙ୍କୁ ଆୟ ପ୍ରମାଣପତ୍ର, ୫ ଜଣଙ୍କୁ ଡିଆରଆଇ ଋଣ, ୨ ଜଣଙ୍କୁ ବାଣୀଶ୍ରୀ ବୃତ୍ତି ଓ ୫ ଜଣଙ୍କୁ ସହାୟକ ଉପକରଣ ପ୍ରଦାନ ପାଇଁ ମନୋନୀତ କରାଯାଇଛି। ଏ ଅବସରରେ ମୁଖ୍ୟଅତିଥି ୫ ଜଣଙ୍କୁ ଟ୍ରାଇସାଇକଲ ଓ ହୁଇଲଚେୟାର ବଣ୍ଟନ କରିଥିଲେ। କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ।

ପାର୍ବଣ ପାଇଁ ବାରିପଦା ଉତ୍ସବ ମୁଖର

ବାରିପଦା, ୧୬ ।୧୦(ସମିସ)

ଚଳିତବର୍ଷ ମା'ଙ୍କ ଆଗମନ ପାଇଁ ବାରିପଦା ସହର ଉତ୍ସବ ମୁଖର ହୋଇଉଠିଛି। ସହର ଓ ଆଖପାଖର ୩୦ଟି ସ୍ଥାନରେ ଦୁର୍ଗାମେଢ ପାଇଁ ପ୍ରସ୍ତୁତି ଶେଷ ହେବା ପରେ ଶୁକ୍ରବାର ପୀଠ ସମେତ କେତେକ ମଣ୍ଡପରେ ବେଲବରଣ ସରିଛି। ପାରମ୍ପରିକ ରୀତିନୀତି ଅନୁସାରେ ବ୍ରାହ୍ମଣ କର୍ତ୍ତାଙ୍କ ସହିତ ବେଲଗଛ ନିକଟକୁ ଯାଇ ବରଣ କରି ମଣ୍ଡପକୁ ଫେରିଛନ୍ତି। ଶନିବାର ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ଷଷ୍ଠୀ ତିଥି ଶେଷ ସମୟ ଥିବାରୁ ତା'ପରେ ରବିବାର ମହାସପ୍ତମୀ ପୂଜା ଅନୁଷ୍ଠିତ ହେବ। ଏଥିପାଇଁ ମୃଣ୍ମୟ ମୂର୍ତ୍ତି ଓ ମଣ୍ଡପ ଆକର୍ଷଣୀୟ ସାଜସଜ୍ଜାରେ ଝଟକୁଛି।

ମୟୂରଭଞ୍ଜ ରାଜ୍ୟର ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ରାଜତ୍ୱ କାଳରୁ ରାଜପ୍ରସାଦ ପରିସରରେ ଥିବା କିଚକେଶ୍ୱରୀ ମନ୍ଦିର ସମ୍ମୁଖ ଦେବୀମାଳା ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ୧୦୪ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ବର୍ତ୍ତମାନର ବାସିନ୍ଦା ଲଳିତମାଧବ ପ୍ରହରାଜ ପାରିବାରିକ ବ୍ୟବସ୍ଥା ମଧ୍ୟରେ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା କରୁଛନ୍ତି। ତାଙ୍କ କହିବାନୁଯାୟୀ ଶହେ ବର୍ଷ ପୂର୍ବେ ତାଙ୍କ ପୂର୍ବପୁରୁଷ ରଘୁନାଥ ଗଡୁଆ ନଦିଆ ନବଦୀପରୁ ମା' ଦୁର୍ଗାଙ୍କ ମୂର୍ତ୍ତିକୁ ଆଣି ନିଜ ଘରେ ପୂଜାର୍ଚ୍ଚନା କରୁଥିଲେ। କିନ୍ତୁ ସେ ସମୟରେ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଅନୁରୋଧ କ୍ରମେ ସେହି ମୂର୍ତ୍ତିକୁ ସାର୍ବଜନୀନ ଭାବେ ପୂଜାର୍ଚ୍ଚନା ପାଇଁ ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ଜିଲ୍ଲା ପ୍ରାଣୀ ମୁଖ୍ୟ ଚିକିତ୍ସାଳୟ ଓ ଗୋପବନ୍ଧୁ ଭବନ ସମ୍ମୁଖ ସହିଦ ପଡ଼ିଆଠାରେ ୧୯୩୪ରୁ ବଙ୍ଗଳା ପରମ୍ପରା ଅନୁଯାୟୀ ଦୁର୍ଗାପୂଜା ଚଳିତବର୍ଷ ୯୩ ବର୍ଷରେ ପଦାର୍ପଣ କରିଛି। ଏହାବାଦ ବଡବଜାର ଟାଉନ ଥାନା ନିକଟରେ ସାର୍ବଜନୀନ ଦୁର୍ଗାପୂଜା ଏଥର ୭୦ ବର୍ଷରେ ପହଞ୍ଚିଥିବାବେଳେ ବାରିପଦା ଷ୍ଟେସନ ଦୁର୍ଗାପୂଜା ୬୯ ବର୍ଷ ଓ ବାରିପଦା ପୌର କାର୍ଯ୍ୟାଳୟ ପରିସରରେ ଦୁର୍ଗାପୂଜା ୬୧ ବର୍ଷରେ ପଦାର୍ପଣ କରିଛି। ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ ଫ୍ରେଜର ହଷ୍ଟେଲ ସମ୍ମୁଖରେ ଯୁବ ସଂଘ ଦୁର୍ଗାପୂଜା କମିଟି ଦ୍ୱାରା ଆୟୋଜିତ ଦୁର୍ଗାପୂଜା ୬୫ ବର୍ଷରେ ପଦାର୍ପଣ କରିଥିବାବେଳେ ବଡବଜାରର ଶ୍ରୀରାଧାମୋହନ ମନ୍ଦିର ମାଉସୀ ବାଡି ଦୁର୍ଗାପୂଜା ୫୮ ବର୍ଷ, ମୁର୍ଗାବାଡି ଗୋଲେଇ ଦୁର୍ଗାପୂଜା ୪୬ ବର୍ଷ, ସୁନାମୁହିଁ ଦୁର୍ଗାପୂଜା ୪୪ ବର୍ଷରେ ପହଞ୍ଚିଛି। ପାଲବଣୀ ତୁଳସୀଚଉରାରେ ଓ ବଡବଜାରର ଶୀତଳା ମନ୍ଦିର ନିକଟ ବନଦୁର୍ଗା ୪୨ ବର୍ଷରେ ପହଞ୍ଚିଛି। କୃଷ୍ଣଚନ୍ଦ୍ର ଗୋଲେଇ ଓ ଦାରୋଗାଡାହି ଗୋଲେଇଠାରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ଦୁର୍ଗାପୂଜା ଏଥର ୪୦ ବର୍ଷରେ ପଦାର୍ପଣ କରିଛି। ଭଞ୍ଜପୁରରେ ସାର୍ବଜନୀନ ଦୁର୍ଗାପୂଜା ୩୯ ବର୍ଷରେ ପହଞ୍ଚିଥିବାବେଳେ କମଳା ନେହେରୁ ବାଳିକା ହାଇସ୍କୁଲ ନିକଟରେ ହେଉଥିବା ଦୁର୍ଗାପୂଜା ୩୭ ବର୍ଷରେ ପହଞ୍ଚିଛି। କଟକ ଚାନ୍ଦିନୀଚୌକ ମେଢ଼ ଅନୁରୂପ ବାରିପଦାର ଲାଲବଜାର ଛକ ମା' ଦୁର୍ଗାଙ୍କ ପୂଜା ୩୨ ବର୍ଷରେ ପଦାର୍ପଣ କରିଛି। ତକତପୁର ଓ ମଧୁବନ ଦୁର୍ଗାପୂଜା ଏଥର ୨୮ ବର୍ଷରେ ପହଞ୍ଚିଥିବାବେଳେ ମଧୁବନର ବାରୁଣୀରୋଡରେ ବାରୁଣେଶ୍ୱର ଦୁର୍ଗାପୂଜା ଏଥର ୧୭ ବର୍ଷରେ ପହଞ୍ଚିଛି।

ବାରିପଦା ବାଘଡାରୋଡ, କ୍ଷେତ୍ରପାଟଣା ଓ ବେଲଗଡ଼ିଆ ଆଦି ବିଭିନ୍ନ ସ୍ଥାନରେ ମଧ୍ୟ ଦୁର୍ଗାପୂଜା ଚାଲିଛି। କଲେଜ ଛକ (୫୦ ବର୍ଷ) ଓ ଦୋଳିପଡ଼ିଆରେ ହରପାର୍ବତୀ ପୂଜା ହୋଇଆସୁଛି। ବାଘଡାରୋଡ ମହାବୀର ଦୁର୍ଗାପୂଜା କମିଟି ପକ୍ଷରୁ ୩ ବର୍ଷ ଧରି ମଣ୍ଡପ ପୂଜା ଆରମ୍ଭ ହୋଇଛି। ଅପରପକ୍ଷରେ ମା' ଅମ୍ବିକା ମନ୍ଦିର ସହିତ ବିଭିନ୍ନ ପୀଠରେ ଆଜି ଷଷ୍ଠୀ ପୂଜା ସରିଥିବା ବେଳେ ଶନିବାର ସପ୍ତମୀ ପୂଜା ଅନୁଷ୍ଠିତ ହେବ। ସହରର ବିଭିନ୍ନ ସ୍ଥାନ ରଙ୍ଗୀନ ଆଲୋକମାଳାରେ ସଜେଇ ହେବା ସହ ସୁମଧୁର ଗୀତଧ୍ୱନି ଓ ଚଣ୍ଡୀପାଠର ସୁଲଳିତନାଦ ପରିବେଶକୁ ଆଧ୍ୟାତ୍ମିକ ଭାବବେଗରେ ନିମଜ୍ଜିତ କରିବ। ଦଶହରା ପର୍ଯ୍ୟନ୍ତ ବିଭିନ୍ନ ମଣ୍ଡପରେ ଭକ୍ତଙ୍କ ମଧ୍ୟରେ ବାରିପଦାର ପ୍ରସିଦ୍ଧ ଦୋଳାଖେଚୁଡ଼ି, ରାମରୋଚକ ଅନ୍ନଭୋଗ ବଣ୍ଟନ, ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏକ ଉତ୍ସବ ପରିବେଶ ଭାବେ ପରିଚୟ ଦେବ। ମେଢ ଦର୍ଶନ, ସର୍ବସାଧାରଣ ପୂଜା ଓ ବଜାର ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଦଶହରା ପର୍ଯ୍ୟନ୍ତ ଯାନବାହାନ ଚଳାଚଳ ରୁଟ ପରିବର୍ତ୍ତନ ପୂର୍ବକ କଟକଣା ଜାରି କରିଛନ୍ତି। ରବିବାର ଦିନ ତମାମ ବିକ୍ଷିପ୍ତ ବର୍ଷା ପାଇଁ ପାର୍ବଣ ମାହୋଲ ଫିକା ପଡ଼ିଛି।

ପିସିପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ବାରିପଦା, ୧୬ ।୧୦(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ପିସିପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଧନଞ୍ଜୟ ସାହୁଙ୍କ ତତ୍ତ୍ୱାବଧାନ ଓ ପ୍ରଧାନଶିକ୍ଷକ ସୌମ୍ୟ ଦାଶଙ୍କ ସହଯୋଗରେ ଆୟୋଜିତ ଏହି ଉତ୍ସବକୁ ବାରିପଦା ବିଇଓ ଅନୁଜା ମାଧୁରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ। ଉଦ୍‌ଘାଟନୀ ପର୍ବରେ କମଳା ନେହେରୁ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ଦେବୀ ସାୟାନ ଓ ରାଖାଲଗୋପ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତୀମାରାଣୀ ଦାଶ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଏବିଇଓ ସୁକୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ସୋମନାଥ ସିଂହ ଓ ଏଲ୍‌ଆଇସି ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବ କୁମାର ପାତ୍ର ଉପସ୍ଥିତ ଥିଲେ। କ୍ଲଷ୍ଟର ଅନ୍ତର୍ଗତ ୧୨ଟି ବିଦ୍ୟାଳୟର ପ୍ରାୟ ୨୫୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, ସଙ୍ଗୀତ, ହସ୍ତାକ୍ଷର, ଚିତ୍ରାଙ୍କନ, କୁଇଜ୍ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରୁ ୨୫ ଜଣ କୃତୀ ପ୍ରତିଯୋଗୀ ଓ ଦଳଗତ ନୃତ୍ୟରେ ଶ୍ରେଷ୍ଠ ବିବେଚିତ ହୋଇ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବ୍ଲକସ୍ତରୀୟ ସୁରଭି ପାଇଁ ମନୋନୀତ ହୋଇଛନ୍ତି। ଶିକ୍ଷକ ଗଣେଶ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଭାରତୀୟ ସିନିୟର ମହିଳା ରଗବୀ ଦଳରେ ଆରତୀ ମୁର୍ମୁ

ବାରିପଦା, ୧୬।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି ରଗବୀ ଖେଳାଳି ଆରତୀ ମୁର୍ମୁ। ଶ୍ରୀଲଙ୍କାର କଲମ୍ବୋସ୍ଥ ରେସକୋର୍ସ ଗ୍ରାଉଣ୍ଡରେ ୧୭ ଓ ୧୮ ତାରିଖରେ ହେବାକୁ ଥିବା ଏସିଆନ୍ ରଗବୀ ଏମିରେଟ୍ସ ସେଭେନ୍ସ ସିରିଜର ଦ୍ୱିତୀୟ ତଥା ଅନ୍ତିମ ରାଉଣ୍ଡ ପାଇଁ ତାଙ୍କୁ ଭାରତୀୟ ସିନିୟର ମହିଳା ଜାତୀୟ ଦଳ ପାଇଁ ମନୋନୀତ କରାଯାଇଛି। ଆରତୀ ଜିଲ୍ଲାର କୁଳିଅଣା ବ୍ଲକ ଅନ୍ତର୍ଗତ ମରାଙ୍ଗତାଣ୍ଡି ଗ୍ରାମର ସୁରେଶ ଚନ୍ଦ୍ର ମୁର୍ମୁଙ୍କ କନ୍ୟା। ସେ ଖୁଣ୍ଟା ବ୍ଲକର ଭୋଲାଗଡ଼ିଆ ମିନି ଷ୍ଟାଡିୟମରେ ମୟୂରଭଞ୍ଜ ଜିଲ୍ଲା ରଗବୀ ଫୁଟବଲ୍ ଆସୋସିଏସନ୍ (ଏମ୍‌ଡିଆର୍‌ଏଫ୍‌ଏ) ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ଗ୍ରାମାଞ୍ଚଳରୁ ଜାତୀୟ ଦଳରେ ସ୍ଥାନ ପାଇବା ତାଙ୍କର କଠିନ ପରିଶ୍ରମ, ନିଷ୍ଠା ଓ କ୍ରୀଡ଼ା ପ୍ରତି ସମର୍ପଣର ପରିଚୟ ଦେଇଛି। ଚଳିତ ସିରିଜ୍‌ରେ ପୁରୁଷ ଓ ମହିଳା ବର୍ଗରେ ୧୨ଟି ଲେଖାଏଁ ଜାତୀୟ ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ରାଉଣ୍ଡ ଅଗଷ୍ଟ ୨୯ ଓ ୩୦ ତାରିଖରେ ଚୀନ୍‌ର ସୁଝୋଉଠାରେ ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ରାଉଣ୍ଡ କଲମ୍ବୋରେ ଖେଳାଯିବ। ଏଥିରେ ହଂକଂ, ଚାଇନା, ଜାପାନ, ଚୀନ୍, ଶ୍ରୀଲଙ୍କା, ଭାରତ, ୟୁଏଇ, ଦକ୍ଷିଣ କୋରିଆ, ମାଲେସିଆ, ସିଙ୍ଗାପୁର, ଥାଇଲାଣ୍ଡ, ଉଜବେକିସ୍ତାନ ଓ କାଜାଖସ୍ତାନର ଦଳ ଅଂଶଗ୍ରହଣ କରିବେ। ଆରତୀଙ୍କ ଏହି ସଫଳତାରେ ଏମ୍‌ଡିଆର୍‌ଏଫ୍‌ଏର ଆମ୍ବାସାଡର ସାନନ୍ଦ ମାରାଣ୍ଡି, ସଭାପତି ସୁନାରାମ କିସ୍କୁ, ସମ୍ପାଦକ ଜେ ସୁଶୀଲ ହେମ୍ବ୍ରମ, ମ୍ୟାନେଜର ବାବା ଧନାରାମ ହାଁସଦା, ମୁଖ୍ୟ ପ୍ରଶିକ୍ଷକ ସୁବ୍ରତ ବୋହିମିକ୍ ଓ ସହକାରୀ ପ୍ରଶିକ୍ଷକ ବିନୟବଚନ ହେମ୍ବ୍ରମ ଓ ଜିତେନ୍ଦ୍ର ସିଂହ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ପାଇଁ ଶୁଭକାମନା ଜଣାଇଛନ୍ତି। ଆରତୀଙ୍କ ଏହି ଉପଲବ୍ଧି ମୟୂରଭଞ୍ଜ ଜିଲ୍ଲାର ଯୁବ ରଗବୀ ଖେଳାଳିଙ୍କ ପାଇଁ ପ୍ରେରଣା ସାଜିବା ସହ ରାଜ୍ୟର କ୍ରୀଡ଼ା ଜଗତରେ ନୂଆ ଆଶା ସଞ୍ଚାର କରିଛି।

ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

କୁଆମରା, ୧୬ ।୧୦(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଲକ୍ଷ୍ମଣ ସାହି ପଞ୍ଚାୟତର କେନ୍ଦୁଗଡ଼ି ଗ୍ରାମରେ ଆଜି ମଧ୍ୟାହ୍ନରେ ଜଣେ ବୃଦ୍ଧ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ନବୀନ ମହାନ୍ତ (୭୧)। ଘର ନିକଟରେ ଥିବା ଏକ ପୋଖରୀକୁ ନବୀନ ଗାଧୋଇବାକୁ ଯାଇଥିଲେ। ଅସାବଧାନତା ବଶତଃ ପୋଖରୀର ଗଭୀର ଜଳକୁ ଯାଇ ଆଉ ବାହାରି ପାରି ନ ଥିବା ଅନୁମାନ କରାଯାଉଛି। ପରିବାର ଲୋକେ କିଛି ସମୟ ପରେ ଦେଖି ତାଙ୍କୁ ଉଦ୍ଧାର କରିବା ସହ ଡୁକୁରା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି ପହଞ୍ଚି ବ୍ୟବଚ୍ଛେଦ ପାଇଁ ବାରିପଦା ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

ଯୁଗସାରଥୀଙ୍କ ଦୁଇ କିଡ୍‌ନୀ ଦାନ

● ଗାର୍ଡ ଅଫ୍ ଅନର ଦେଇ ବିଦାୟ ଜଣାଇଲେ ଗ୍ରାମବାସୀ

ରାସଗୋବିନ୍ଦପୁର, ୧୬।୧୦(ସମିସ): ମୃତ୍ୟୁ ମଣିଷର ଜୀବନ ଛଡ଼ାଇ ନେଇପାରେ, ହେଲେ ତାଙ୍କର ମହାନତା ଓ ମାନବିକତାକୁ ନୁହେଁ। ନିଜ ମୃତ୍ୟୁ ପରେ ମଧ୍ୟ ଅନ୍ୟ ଦୁଇ ଜଣଙ୍କୁ ନୂଆ ଜୀବନ ଦେବାର ମହାନ ଉଦାହରଣ ସୃଷ୍ଟି କରିଛନ୍ତି ବୈଶିଙ୍ଗା ଟାଟା ପାୱାର ଗ୍ରୀଡ୍‌ରେ ହେଲପର୍ ଭାବେ କାର୍ଯ୍ୟରତ ଯୁଗସାରଥୀ ପଣ୍ଡା (୩୨)। ମୃତ୍ୟୁ ପୂର୍ବରୁ ତାଙ୍କର ଦୁଇଟି କିଡ୍‌ନୀ ଦାନ କରି ଅନ୍ୟମାନଙ୍କ ଜୀବନରେ ଆଶାର ଆଲୋକ ଭରିଦେଇଥିବା ଯୁଗସାରଥୀଙ୍କ ଏହି ମହତ୍ କାର୍ଯ୍ୟ ଅଞ୍ଚଳରେ ଶୋକ ସହିତ ଗଭୀର ଶ୍ରଦ୍ଧା ଓ ସମ୍ମାନର ଭାବ ସୃଷ୍ଟି କରିଛି।

ମୟୂରଭଞ୍ଜ ଜିଲ୍ଲା ରାଘବପୁର ପଞ୍ଚାୟତ ଅନ୍ତର୍ଗତ ସୁମିତ୍ରାଦେଇପୁର ଗ୍ରାମର ବାସିନ୍ଦା ଯୁଗସାରଥୀ ପଣ୍ଡା। ସେ ବୈଶିଙ୍ଗାସ୍ଥ ଟାଟା ପାୱାର ଗ୍ରୀଡ୍‌ରେ ହେଲପର୍ ଭାବେ କାର୍ଯ୍ୟ କରୁଥିଲେ। କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ଯୁଗପୁରା ନିକଟରେ ତାଙ୍କ ବାଇକ୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରସ୍ଥ କିମ୍‌ସ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଉଥିଲା। ଦୀର୍ଘ ପାଞ୍ଚଦିନ ଧରି ମୃତ୍ୟୁ ସହ ସଂଘର୍ଷ କରିବା ପରେ ଶୁକ୍ରବାର ଭୋର୍ ୩ଟା ୧୧ ମିନିଟ୍‌ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ପରେ ଅନ୍ୟମାନଙ୍କ ଜୀବନ ବଞ୍ଚାଇବାର ମହାନ ଉଦ୍ଦେଶ୍ୟ ନେଇ ତାଙ୍କର ଦୁଇଟି କିଡ୍‌ନୀ ଦାନ କରାଯାଇଥିଲା। ଏହି ନିଷ୍ପତ୍ତି ତାଙ୍କୁ କେବଳ ଜଣେ କର୍ମଚାରୀ ନୁହେଁ, ବରଂ ଜଣେ ମାନବିକତାପୂର୍ଣ୍ଣ ମଣିଷ ଭାବେ ଚିରସ୍ମରଣୀୟ କରିଛି। ଯୁଗସାରଥୀଙ୍କ ମୃତ୍ୟୁ ଖବର ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଶେଷକୃତ୍ୟ ସମୟରେ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା। ଏହାପରେ ଗ୍ରାମବାସୀଙ୍କ ଉପସ୍ଥିତିରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା।

କାମୟାବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

ରାଇରଙ୍ଗପୁର, ୧୬।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାମୟାବୀ ଚାରିଟେବୁଲ ଟ୍ରଷ୍ଟର ନିର୍ଦ୍ଦେଶକ ସେବା ନିବୃତ୍ତ ଆଇପିଏସ୍ ଅଫିସର କାମ୍ୟା ମିଶ୍ରଙ୍କ ତତ୍ତ୍ୱାବଧାନରେ ବାଦାମପାହାଡ଼ ଅଞ୍ଚଳର ଖଣି ଶ୍ରମିକ, ଅଞ୍ଚଳବାସୀ, ଡ୍ରାଇଭରଙ୍କ ଚକ୍ଷୁ ଆକ୍ରାନ୍ତ ଓ ସମସ୍ୟା ନେଇ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଆୟୋଜିତ ଶିବିରରେ ରାସଗୋବିନ୍ଦପୁର ରଙ୍ଗାମାଟିଆର ମହାତ୍ମା ଗାନ୍ଧୀ ଚିକିତ୍ସାଳୟ ଓ କଟକର ଏଏସଜି ଚକ୍ଷୁ ଚିକିତ୍ସାଳୟର ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞ ଓ ସହଯୋଗୀ ଉପସ୍ଥିତ ରହି ମୋତିଆବିନ୍ଦୁ, ରେଟିନା, ଦୃଷ୍ଟି ପରୀକ୍ଷା କରିଥିଲେ। ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ୨୧୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ୧୨୦ ଜଣଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଥିଲା। ସେହିଭଳି ଏଏସଜି ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ୨୨୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଜିଏମ ଆଇରନ୍ ଏଣ୍ଡ ଷ୍ଟିଲ କମ୍ପାନୀର ସିଇଓ ଇଂ ହରେନ୍ଦ୍ର ନାରାୟଣ ଦାସ ଉପସ୍ଥିତ ରହି ତାଙ୍କ ଷ୍ଟାଫ୍ ଖଣି ପରିଚାଳକ ବିଶ୍ୱଜିତ ବରାଳ, ବିକର୍ତନ ଗିରି, ଅମିତାଭ ମହାନ୍ତି, ରାଜେଶ ଦେବ, ଖଗେଶ୍ୱର ପ୍ରଧାନ, ରଣଜିତ ବାରାକ, ଧର୍ମେନ୍ଦ୍ର ଜୟସ୍ୱାଲ, କାହ୍ନା ମହାକୁଡ଼, ଅଭିରାମ ବେହେରା ପ୍ରମୁଖଙ୍କୁ ନେଇ ପରିଚାଳନା ଶୃଙ୍ଖଳିତ ଭାବେ କରିଥିଲେ। ମହାତ୍ମା ଗାନ୍ଧୀ ଚିକିତ୍ସାଳୟର ସଂଯୋଜକ ରଞ୍ଜନ ନାଏକ, କୌଶିକ ମଲିକ, ସୋନାଲି ମହାନ୍ତ ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ।

ଏପିଡା ପକ୍ଷରୁ ରପ୍ତାନିମୁଖୀ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ମହୁଲଡିହା, ୧୬।୧୦(ସମିସ)

ଠାକୁରମୁଣ୍ଡା ବ୍ଲକ ସଭାଗୃହରେ ଏଫପିଓ/ଏଫପିସି ଓ ଅଗ୍ରଣୀ ଚାଷୀଙ୍କ ପାଇଁ ରପ୍ତାନିମୁଖୀ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟ ଅଧୀନସ୍ଥ ଏପିଡା ଓ ଜିଲ୍ଲା ପ୍ରଶାସନ, ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଚାଷୀ କିପରି ନିଜ ଉତ୍ପାଦକୁ ରପ୍ତାନି କରିପାରିବେ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗଦେଇ ଭାରତ ସରକାରଙ୍କ ଏପିଡା ଠାକୁରମୁଣ୍ଡାରେ ଚାଷୀଙ୍କ ସହିତ ଯୋଡିହେବାର ପ୍ରକ୍ରିୟା ଆରମ୍ଭ କରିଥିବାରୁ ଅଭିନନ୍ଦନ ଜଣାଇଥିଲେ। ଚାଷୀଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ପ୍ରୟାସ ଓ ଚାଷୀ ନିଜେ ଉନ୍ନତି ପଥରେ ଯିବାକୁ ଇଚ୍ଛା ଶକ୍ତି ଓ ସଂକଳ୍ପର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଞ୍ଚପୀଢ଼ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଯୋଗଦେଇ ସୌରଚାଳିତ ଶୀତଳ ଭଣ୍ଡାର ନିର୍ମାଣ ଦିଗରେ ପ୍ରଶାସନ ଦାୟିତ୍ୱ ନେବ ଏ ପ୍ରତିଶ୍ରୁତି ଦେଇଥିଲେ। ଶୀତଳ ଭଣ୍ଡାର ସୁବିଧା ନ ଥିଲେ ଅନେକ ଦ୍ରବ୍ୟ ସୁରକ୍ଷିତ ରପ୍ତାନି କରିବା ସମ୍ଭବ ନୁହେଁ ଓ ବ୍ୟବସାୟ ପାଇଁ ଇନାମ ମଣ୍ଡି ମାଧ୍ୟମରେ ଅନଲାଇନ ବ୍ୟବସାୟ କରିପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଏପଡ଼ା କୋଲକାତା ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ସୀତାକାନ୍ତ ମଣ୍ଡଳ ଭାରତ ରପ୍ତାନି କରୁଥିବା ଦ୍ରବ୍ୟ, ତା'ର ଗୁଣବତ୍ତା, ବିଶ୍ୱ ବଜାର ସହିତ ଯୋଡିହେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଠାକୁରମୁଣ୍ଡା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା, କୃଷି ଅଧିକାରୀ କ୍ଷୀରୋଦ ଚାନ୍ଦ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୁଜନ କୁମାର ନରେନ୍ଦ୍ର, ବିଡିଓ ଡା. ମନୋରଞ୍ଜନ ମହାପାତ୍ର ପ୍ରମୁଖ ଚାଷୀଙ୍କୁ ମାର୍ଗଦର୍ଶନ କରିଥିଲେ। ଆରଆରଡିଓ ସମ୍ପାଦକ ଶରତ ତ୍ରିପାଠୀ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ଆରଆରଡିଓର ସଭାପତି ମନୋଜ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଠାକୁରମୁଣ୍ଡା ବ୍ଲକରୁ ଶତାଧିକ କୃଷି ଉଦ୍ୟୋଗୀ, ଅଗ୍ରଣୀ କୃଷକ, ଏଫପିଓ, ଏଫପିସି, ଉତ୍ପାଦକ ଗୋଷ୍ଠୀ, ଏସଏଚଜି ସଦସ୍ୟା ଅଂଶଗ୍ରହଣ କରିଥିଲେ। ପଲ୍ଲିଶ୍ରୀ ଉତ୍ପାଦକ କମ୍ପାନୀ, ସ୍ୱାଇଏସଡି ପରିଚାଳିତ ମୁର୍ଗାସୁଣୀ ଏଫପିସି, ସମ୍ବନ୍ଧ ପରିଚାଳିତ ଠାକୁରମୁଣ୍ଡା ଉତ୍ପାଦକ କମ୍ପାନୀର ସଦସ୍ୟା ଅଂଶଗ୍ରହଣ କରି ରପ୍ତାନି ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ଆରଡିଓର ଭାରତୀ ହେମ୍ବ୍ରମ, ସଂଯୁକ୍ତା ଦେହୁରୀ, ମାଳତୀ ହେମ୍ବ୍ରମ, ଦେବସ୍ମିତା ଦେହୁରୀ, ଶୁଭଶ୍ରୀ ମହାନ୍ତ, ନମିତା ରାଉତ, ମହେନ୍ଦ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

କୁଆବୁଡ଼ାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

କୁଳିଅଣା, ୧୬।୧୦(ସମିସ): ଆଜି କୁଆବୁଡ଼ା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ୮ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଦୁର୍ଗାଚରଣ ମାରାଣ୍ଡି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କୁଳିଅଣା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସରସ୍ୱତୀ ସିଂ, କୁଆବୁଡ଼ା କ୍ଲଷ୍ଟରର ସିଆରସିସି ରାକେଶ ପ୍ରଧାନ, କୁଆବୁଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୀର ଚନ୍ଦ୍ର କଲିଆ, ଭଗାବନ୍ଦି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆନନ୍ଦ ବେଶ୍ରା ଓ ଉପସଭାପତି ସିନଗୋ ବିନ୍ଧାଣୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏଥିରେ କ୍ଲଷ୍ଟର୍ ଅନ୍ତର୍ଗତ ୧୧ଟି ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ପ୍ରତିଯୋଗୀ ଓ ତାଙ୍କ ସହିତ ଆସିଥିବା ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରତିଯୋଗୀଙ୍କୁ ନେଇ ତିନୋଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ଭାବେ ଯୋଗ ଦେଇଥିବା ସାନନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ କାର୍ତ୍ତିକେଶ୍ୱର ମହାନ୍ତ, ମାରଙ୍ଗତାଣ୍ଡି କ୍ଲଷ୍ଟର ସିଆରସିସି ଶ୍ରୀକାନ୍ତ ବାରିକ, କେଉଟୁଣୀମାରୀ କ୍ଲଷ୍ଟରର ସିଆରସିସି ରାଜେଶ ପୃଷ୍ଟି ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରି ପିଲାଙ୍କୁ ଉତ୍ସାହିତ କରିଥିଲେ।

ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ହକି ଦଳକୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୬।୧୦(ସମିସ): ଜାପାନରେ ଅନୁଷ୍ଠିତ ଏସୀଆନ୍ ଗେମ୍ସ ୨୦୨୬ରେ ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ କରି ଆଗାମୀ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ଭାରତୀୟ ପୁରୁଷ ଓ ମହିଳା ହକି ଦଳକୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିଅମରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସ୍ୱର୍ଣ୍ଣ ପଦକ ବିଜେତା ପୁରୁଷ ଓ ମହିଳା ଖେଳାଳୀମାନଙ୍କୁ ଆମ ଯୁବବର୍ଗର ପ୍ରକୃତ ଆଇକନ୍ ଭାବେ ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ବିଜେତା ଦଳର ଖେଳାଳୀ, କୋଚ୍ ଏବଂ ସହଯୋଗୀ କର୍ମଚାରୀମାନଙ୍କୁ ପ୍ରଶଂସା କରିବା ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଛନ୍ତି।

ସୂଚନା ଯୋଗ୍ୟଯେ ଏସୀଆନ୍ ଗେମ୍ସରେ ଭାରତୀୟ ପୁରୁଷ ଓ ମହିଳା ଉଭୟ ହକି ଦଳ ସ୍ୱର୍ଣ୍ଣ ପଦକ ଅର୍ଜନ କରିବା ସହ ଆଗାମୀ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲମ୍ପିକ୍ସ ପାଇଁ ସ୍ଥାନ ପକ୍କା କରିଛନ୍ତି।ଏହି ସଫଳତା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଉଭୟ ପୁରୁଷ ଓ ମହିଳା ହକି ଦଳର ପ୍ରତ୍ୟେକ ଖେଳାଳୀଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ପ୍ରତ୍ୟେକ ସପୋର୍ଟ ଷ୍ଟାଫ୍‌ଙ୍କୁ ୫ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଦିଆଯାଇଛି। ସମୁଦାୟ ଭାବେ ଭାରତୀୟ ପୁରୁଷ ହକି ଟିମ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ୨ କୋଟି ୭୫ ଲକ୍ଷ ଟଙ୍କା ଏବଂ ମହିଳା ହକି ଟିମ୍ ପାଇଁ ୨ କୋଟି ୮୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଉଭୟ ପୁରୁଷ ଓ ମହିଳା ଦଳଙ୍କୁ ଓଡ଼ିଶା ପକ୍ଷରୁ ୫.୬୧ କୋଟି ଟଙ୍କା ପୁରସ୍କାର ଦିଆଯାଇଛି। ଏହା ସହିତ ଭାରତୀୟ ଦଳର ଓଡ଼ିଆ ଖେଳାଳୀ ଅମିତ ରୋହିଦାସ, ଶିଳାନନ୍ଦ ଲାକ୍ରା ଏବଂ ସୁନେଲିତା ଟପ୍ପୋଙ୍କୁ ସେମାନଙ୍କର ଅସାଧାରଣ ଯୋଗଦାନ ପାଇଁ ସ୍ୱତନ୍ତ୍ର ଭାବେ ୨୦ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ଉଭୟ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ସମସ୍ତ ଖେଳାଳୀ ଆମ ଯୁବବର୍ଗର ପ୍ରକୃତ ଆଇକନ୍। ସେମାନେ ସମଗ୍ର ଯୁବ ସମାଜର ଆଦର୍ଶ ତଥା ଭାରତର ଗର୍ବ ଓ ଗୌରବ। ୪୪ ବର୍ଷର ଦୀର୍ଘ ଅନ୍ତରାଳ ପରେ ମହିଳା ଟିମ୍‌ର ଏହି ସ୍ୱର୍ଣ୍ଣ ବିଜୟ ଦେଶର ପ୍ରତ୍ୟେକ ମହିଳାଙ୍କ ପାଇଁ ପ୍ରେରଣାର ସ୍ରୋତ ହୋଇ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରୁ ଆସିଥିବା ଅମିତ ରୋହିଦାସ ଓ ଶିଳାନନ୍ଦ ଲାକ୍ରା ଏବଂ ସୁନେଲିତା ଟପ୍ପୋ ନିଜର ଅଦମ୍ୟ ପ୍ରତିଭା ଓ ପରିଶ୍ରମ ବଳରେ ସମଗ୍ର ଦେଶ ପାଇଁ ଗୌରବ ଆଣିଦେଇଛନ୍ତି। ୨୦୩୬ ଅଲମ୍ପିକ୍ସ ଗେମ୍ସକୁ ଭାରତରେ କରିବା ପାଇଁ ପ୍ରସ୍ତାବ ରହିଛି। ଯଦି ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୁଏ, ତେବେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ, ଓଡ଼ିଶାରେ ନିଶ୍ଚିତ ଭାବରେ ହକି ଇଭେଣ୍ଟ ଆୟୋଜିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ପୋଷଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ସରକାର କେବଳ ଭୁବନେଶ୍ୱରରେ କ୍ରୀଡ଼ା ଭିତ୍ତିଭୂମିକୁ ସୀମିତ ନରଖି ବ୍ଲକ୍ ସ୍ତରରେ ୪,୦୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଷ୍ଟାଡିଅମ ନିର୍ମାଣ କରୁଛନ୍ତି। ଗୋଠପାଟଣାରେ ନିର୍ମିତ ହେବାକୁ ଥିବା ୧,୦୦୦ କୋଟି ଟଙ୍କାର ଗ୍ଲୋବାଲ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏବଂ କଳିଙ୍ଗ ଷ୍ଟାଡିଅମରେ ଅନୁଷ୍ଠିତ ହେବାକୁ ଥିବା ୨୦୨୮ ୱାର୍ଲ୍ଡ ଇନ୍‌ଡୋର୍ ଆଥ୍‌ଲେଟିକ୍ସ ଚମ୍ପିଆନ୍‌ସିପ୍ ଓଡ଼ିଶାକୁ ବିଶ୍ୱର ପ୍ରମୁଖ ସ୍ପୋର୍ଟିଂ ହବ୍‌ରେ ପରିଣତ କରିବ। କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ଓଡ଼ିଶାରେ ହକି କେବଳ ଗୋଟିଏ ଖେଳ ନୁହେଁ, ଏହା ହେଉଛି ଆମର ଆବେଗ, ଏବଂ ଅସ୍ମିତାର ପ୍ରତୀକ। ଭାରତୀୟ ପୁରୁଷ ଓ ମହିଳା ଦଳ ଏସୀଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ସମଗ୍ର ଦେଶ ତଥା ଓଡ଼ିଶା ମାଟିର ନାମ ବିଶ୍ୱ ଦରବାରରେ ମହିମାନ୍ୱିତ କରିଛନ୍ତି। ବିଶେଷ କରି ଓଡ଼ିଆ ପୁଅ ଅମିତ ରୋହିଦାସ, ଶିଳାନନ୍ଦ ଲାକ୍ରା ଏବଂ ସୁନାଝିଅ ସୁନେଲିତା ଟପ୍ପୋଙ୍କ ଆଶାତୀତ ପ୍ରଦର୍ଶନ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ହଜାର ହଜାର ଯୁବ କ୍ରୀଡ଼ାବିତ୍‌ଙ୍କୁ ସ୍ୱପ୍ନ ଦେଖିବାକୁ ଏବଂ ଆନ୍ତର୍ଜାତିକ ମଞ୍ଚରେ ନିଜକୁ ପ୍ରତିପାଦିତ କରିବାକୁ ଅପୂର୍ବ ପ୍ରେରଣା ଯୋଗାଇବ ବୋଲି ସେ ପ୍ରକାଶ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ହକି ଇଣ୍ଡିଆର ସଭାପତି ତଥା ପୂର୍ବତନ ରାଜ୍ୟସଭା ସାଂସଦ ଦିଲ୍ଲୀପ ତିର୍କୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ବିଭାଗୀୟ ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ପ୍ରମୁଖ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ।

● ଖେଳାଳୀଙ୍କୁ ୧୧, ସପୋର୍ଟ ଷ୍ଟାଫ୍‌ଙ୍କୁ ୫.୫ ଲକ୍ଷ ଲେଖାଏଁ ପୁରସ୍କାର
● ଅମିତ, ଶିଳାନନ୍ଦ ଓ ସୁନେଲିତାଙ୍କୁ ୨୦ ଲକ୍ଷ ଲେଖାଏଁ ସ୍ୱତନ୍ତ୍ର ପୁରସ୍କାର

ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ୬ ମାସର ସମ୍ମାନ ରାଶି ମଞ୍ଜୁର

ଭୁବନେଶ୍ୱର, ୧୬।୧୦ (ସମିସ): ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପାଇଁ ଛଅ ମାସର ସମ୍ମାନ ରାଶି ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିପାଇଁ ସମୁଦାୟ ୫୬ କୋଟି ୫୫ ଲକ୍ଷ ୭୨ ହଜାର ଟଙ୍କା ପ୍ରଦାନ ନିମନ୍ତେ ମଞ୍ଜୁର ହୋଇଛି। ପିଛିଲା ଭାବେ ଗତ ଏପ୍ରିଲ୍ ପହିଲାରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ୬ ମାସର ଏହି ସମ୍ମାନ ରାଶି ପ୍ରଦାନ କରାଯିବ। ବ୍ୟବସ୍ଥା ଅନୁସାରେ, ମାସକୁ ସରପଞ୍ଚମାନେ ୧୦ ହଜାର ଓ ନାଏବ ସରପଞ୍ଚମାନେ ୪ ହଜାର ଟଙ୍କା ଲେଖାଏଁ ପାଇବେ।

ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କଟକ,୧୬ ।୧୦(ସମିସ): କଟକ ଜିଲ୍ଲା ବଡମ୍ବା ଥାନାଞ୍ଚଳରେ ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ମାମଲାରେ କଟକ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତ ଯୁବକ ବଡମ୍ବା ଥାନା ଜାନିସାହି ଅଞ୍ଚଳର କୁନା ଓରଫ ବିଦ୍ୟାଧର ସେଣ (୪୬)କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ କାରାଦଣ୍ଡ ଏବଂ ୨୦,୦୦୦ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୭୬(୨)ଏବଂ ପୋକ୍‌ସୋ ଆଇନର ଧାରା ୬ ଅନୁଯାୟୀ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସର କଠିନ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଜରିମାନା ଟଙ୍କା ଆଦାୟ ହେଲେ ତାହା ପୀଡ଼ିତାଙ୍କୁ କ୍ଷତିପୂରଣ ଭାବେ ପ୍ରଦାନ କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦୧୨ ଡିସେମ୍ବର ୪ ତାରିଖ ଏହି ଅଭାବନୀୟ ଘଟଣା ଘଟିଥିଲା। ୧୬ବର୍ଷୀୟା ପୀଡ଼ିତା ନାବାଳିକା ଜଣକ ପ୍ରାତଃକର୍ମ ସାରି ଗ୍ରାମ ନିକଟ ପାହାଡ ପାଖକୁ ଯାଉଥିବା ସମୟରେ ଅଭିଯୁକ୍ତ କୁନା ତାଙ୍କୁ ଜୋରଜବରଦସ୍ତି ଦୁଷ୍କର୍ମ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଘଟଣା ପରେ ପୀଡ଼ିତା ଲଜ୍ଜାରେ ଘରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ ଏବଂ ପରେ ପରିବାର ଲୋକଙ୍କୁ ସମସ୍ତ କଥା କହିଥିଲେ। ଏହି ମାମଲାରେ ମୋଟ ୧୪ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଏବଂ ବିଭିନ୍ନ ଦସ୍ତାବିଜ୍ ଆଧାରରେ ମାମଲା ବିଚାର କରି ଏହି ରାୟ ଶୁଣାଇଛନ୍ତି। ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ମିହିର ଶେଖର ସାହୁ ମାମଲା ପରିଚାଳନା କରୁଥିଲେ।

ୱିକେଟକିପର ଆଶୀର୍ବାଦ ଆହତ: ରଣଜୀ ଦଳରେ ରାଜେଶ ସାମିଲ

ଭୁବନେଶ୍ୱର,୧୬।୧୦(ସମିସ): ଚଳିତ ରଣଜୀ ସିଜନର ଗୁଜରାଟ ବିପକ୍ଷ ପ୍ରଥମ ରଣଜୀ ମୁକାବିଲାରେ ଓଡ଼ିଶା ଦଳ ୧୦ ୱିକେଟରେ ପରାଜିତ ହୋଇଛି। ଏହାର କାରଣ ଯାହା ହେଉନା କାହିଁକି ଦଳର ପ୍ରଥମ ପସନ୍ଦର ୱିକେଟ ରକ୍ଷକ ଆଶୀର୍ବାଦ ସ୍ୱାଇଁ ଆହତ ହୋଇଛନ୍ତି। ଯାହା ଫଳରେ ରବିବାରଠାରୁ ଆରମ୍ଭ ହେବାକୁ ଯାଉଥିବା କେରଳ ବିପକ୍ଷ ଦ୍ୱିତୀୟ ମୁକାବିଲାରେ ତାଙ୍କର ଖେଳିବା ନେଇ ସନ୍ଦେହ ରହିଛି। ଏଣୁ ତାଙ୍କ ସ୍ଥାନରେ ବରିଷ୍ଠ ୱିକେଟ ରକ୍ଷକ / ବ୍ୟାଟର ରାଜେଶ ଧୂପରଙ୍କୁ ଓଡ଼ିଶା ଦଳରେ ସାମିଲ କରାଯାଇଛି। ଆଶୀର୍ବାଦ ଟିମ୍ ସହ ରହିବେ ଓ ଫିଟନେସ ଲାଗି ପ୍ରସ୍ତୁତି କରିବେ। ରାଜ୍ୟ ବାହାରେ ଦଳ ୨ଟି ମ୍ୟାଚ୍ ଖେଳିବାକୁ ଯାଇଥିବାରୁ ଦୀନେଶ ମାଝୀଙ୍କୁ ଦ୍ୱିତୀୟ ୱିକେଟ ରକ୍ଷକ ଭାବେ ସାମିଲ କରିଥିଲା। ତାଙ୍କ ସମ୍ପର୍କରେ କିଛି ସୂଚନା ମିଳିପାରି ନାହିଁ। ରାଜେଶ ଜଣେ ଭଲ ବ୍ୟାଟର। କିନ୍ତୁ ରଣଜୀ ମୁକାବିଲାରେ ସେ କିପରି ପ୍ରଦର୍ଶନ କରିବେ ତାହା ଖେଳିଲାପରେ ଜଣାପଡ଼ିବ।

ବିଜେପିର ଚକ୍ରାନ୍ତ ଜେନ ଜିଙ୍କୁ ଅଟକାଇ ପାରିଲାନି: ବିଜେଡି

୨୮୬ରୁ ୧୭୦ କଲେଜରେ ବିସିଜେଡିର ବିଜୟ



● ନବୀନ ପଟ୍ଟନାୟକଙ୍କ ପ୍ରତି ଜେନ୍-ଜିଙ୍କ ବିପୁଳ ସମର୍ଥନ
● ଛାତ୍ର ସଂସଦ ନିର୍ବାଚନ ଫଳାଫଳ କେବଳ ଆରମ୍ଭ ମାତ୍ର

ଭୁବନେଶ୍ୱର,୧୬।୧୦(ସମିସ): ଛାତ୍ର ସଂସଦ ନିର୍ବାଚନରେ ରାଜ୍ୟବ୍ୟାପୀ ବିସିଜେଡିକୁ ବିପୁଳ ସମର୍ଥନ ମିଳିଛି। ଶୁକ୍ରବାର ଶଂଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ, ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି ଓ ବିଜୁ ଛାତ୍ର ଜନତା ଦଳର ବରିଷ୍ଠ ଉପସଭାପତି ସୌମ୍ୟ ରଞ୍ଜନ ମହାପାତ୍ର ସାମ୍ବାଦିକ ସମ୍ମିଳନୀରେ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଲେନିନ ମହାନ୍ତି କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନରେ ଛାତ୍ରଛାତ୍ରୀ ମାନେ ବିଜେଡି ପ୍ରତି ବିପୁଳ ସମର୍ଥନ ଜଣାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଜେନ ଜି ମାନଙ୍କ ଭଲ ପାଇବାକୁ ଏହା ପ୍ରମାଣିତ କରିଛି। ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ଆସିଥିଲା। ଇପ୍ସିତା ସାହୁଙ୍କ ଭଳି ଜଣେ ଛାତ୍ରୀଙ୍କୁ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଦାୟିତ୍ୱ ଦେଇଥିବା ବେଳେ ସେ ତାହାକୁ ସଠିକ୍ ଢଙ୍ଗରେ ତୁଲାଇ ନିର୍ବାଚନରେ ବିସିଜେଡିକୁ ବିଜୟ କରାଇଛନ୍ତି। ବିଜେପି ସରକାର ଛାତ୍ର ସଂସଦ ନିର୍ବାଚନକୁ ନିଜ ସପକ୍ଷରେ ନେବାକୁ ସରକାରୀ କଳର ବ୍ୟାପକ ଅପପ୍ରୟୋଗ କରିଥିଲେ ମଧ ଛାତ୍ରଛାତ୍ରୀ ମାନଙ୍କ ସମର୍ଥନ ହାସଲ କରିପାରିଲେ ନାହିଁ। ଜେନ୍-ଜି ମୁଖ୍ୟମନ୍ତ୍ରୀଙ୍କ ରମାଦେବୀ ବିଶ୍ୱବିଦ୍ୟାଳୟ ବିଜୟ ସ୍ୱପ୍ନରେ ପାଣି ଢ଼ାଳିଦେଲେ। ଦୁଇ ଜଣ ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ବିସିଜେଡି ବଡ ବିଜୟ ହାସଲ କଲା। ରାଜ୍ୟର ୨୮୬ଟି କଲେଜରେ ଛାତ୍ର ସଂସଦ ନିର୍ବାଚନ ହୋଇଥିବା ବେଳେ ୧୭୦ କଲେଜରେ ବିଜେଡି ବିଜୟ ଲାଭ କରିଛି ବୋଲି ସେ କହିଛନ୍ତି। ଇପ୍ସିତା ସାହୁ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନରେ ବିଜେଡି ପ୍ରତି ଛାତ୍ରଛାତ୍ରୀ ମାନେ ବିପୁଳ ସମର୍ଥନ ଜଣାଇଛନ୍ତି। ଯାହାକୁ ବିଜେପି ସହଜରେ ଗ୍ରହଣ କରିପାରୁନାହିଁ। ରାଜ୍ୟର ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ କଲେଜରେ ବିଜେଡି ବିଜୟ ହାସଲ କରିଛି। ମାତ୍ର ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ଅନ୍ୟ ନେତା ମାନେ ଏବିଭିପି ରାଜ୍ୟର ୮୦ ପ୍ରତିଶତ କଲେଜରେ ବିଜୟ ହୋଇଛି ବୋଲି ମିଛ ପ୍ରଚାର କରୁଛନ୍ତି। ସରକାରୀ କଳ ଓ ବଳ ଲଗାଇ ଦେଇଥିଲେ ମଧ ଛାତ୍ର ସଂସଦ ନିର୍ବାଚନକୁ ଜିତିବାରେ ସଫଳ ହୋଇନାହିଁ ବିଜେପି। ଜେନ ଜି ମାନେ ବିଜେପିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମର୍ଥନ ଜଣାଇଛନ୍ତି। ଛାତ୍ର ସଂସଦ ନିର୍ବାଚନକୁ ନିଜ ସପକ୍ଷରେ ନେବାକୁ ବିଜେପି ସରକାର ଅନେକ ଚକ୍ରାନ୍ତ କରିଥିଲେ, ଏମିତି କି ଫଳାଫଳ ପ୍ରକାଶ କରିବାରେ ଅନେକ ବିଳମ୍ବ କଲେ ହେଁ ସଫଳ ହେଲା ନାହିଁ। ସୌମ୍ୟ ରଞ୍ଜନ ମହାପାତ୍ର କହିଥିଲେ ଯେ, ସରକାରଙ୍କ ସବୁ ଚକ୍ରାନ୍ତ ବିଫଳ ହୋଇଛି।

ବିସିଜେଡି ପ୍ରାର୍ଥୀ ମାନେ ବିପୁଳ ବିଜୟ ହାସଲ କରିଛନ୍ତି। ଛାତ୍ର ସଂସଦ ନିର୍ବାଚନକୁ ନିଜ ସପକ୍ଷରେ ନେବାକୁ ବିଜେପି ସରକାର ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଉପାୟ ଅବଲମ୍ବନ କରିଥିଲେ। ଏହାସତ୍ତ୍ୱେ ବିଜେପି ସରକାରଙ୍କ ସବୁ ଚକ୍ରାନ୍ତ ବିଫଳ ହୋଇଛି। ପ୍ରାର୍ଥୀ ଚୋରି ଓ ଭୋଟ ଚୋରି କରିବା ପ୍ରୟାସ ସଫଳ ହୋଇନାହିଁ। ଜେନ ଜି ମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ରହିଛନ୍ତି ଓ ଆଗକୁ ମଧ ରହିବେ ବୋଲି ସେ କହିଛନ୍ତି।

ଓଡ଼ିଶାରୁ ବିଦାୟ ନେଲେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି

ଭୁବନେଶ୍ୱର,୧୬।୧୦(ସମିସ): ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ କାର୍ଯ୍ୟକାଳ ପରିସମାପ୍ତି ପରେ ସେ ଓଡ଼ିଶାରୁ ବିଦାୟ ନେଇଛନ୍ତି। ଏହି ଅବସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଲୋକଭବନଠାରେ ତାଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ସଚିବ ଅନୁ ଗର୍ଗ ଓ ପୁଲିସ ଡିଜି ବିନୟତୋଷ ମିଶ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଓଡ଼ିଶାର ବିକାଶ ପାଇଁ ରାଜ୍ୟପାଳ ଡଃ କମ୍ଭମପାଟିଙ୍କ ମାର୍ଗଦର୍ଶନ ସର୍ବଦା ଅବିସ୍ମରଣୀୟ ହୋଇ ରହିବ ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ତାଙ୍କର ନିରାମୟ ଜୀବନ କାମନା କରିଥିଲେ।

୧୯ ବର୍ଷରୁ କମ୍ ମହିଳା ଟି-୨୦: ପୁଣି ହାରିଲା ଓଡ଼ିଶା

ଭୁବନେଶ୍ୱର, ୧୬।୧୦ (ସମିସ): ବେଙ୍ଗାଲୁରୁରେ ଚାଲିଥିବା ୧୯ ବର୍ଷରୁ କମ୍ ମହିଳା ଘରୋଇ ଟି-୨୦ ପ୍ରତିଯୋଗିତାରେ ଓଡ଼ିଶାକୁ ପୁଣିଥରେ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଆଜି ଅଲୁର ଷ୍ଟାଡିୟମ୍‌ରେ ଖେଳାଯାଇଥିବା ୫ମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୫ ୱିକେଟ ବ୍ୟବଧାନରେ ତାମିଲନାଡୁ ନିକଟରୁ ପରାଜିତ ହୋଇଛି। ଏହି ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ଦଳ ପୁନଃନିର୍ଦ୍ଧାରିତ ୧୮ ଓଭରରେ ୭ ୱିକେଟ ହରାଇ ୧୧୯ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଆଞ୍ଜେଲ ରାଜ ୧୬ ବଲ୍‌ରେ ୬ଚୌକା ଓ ୧ଛକା ସହ ଦ୍ରୁତ ୩୪ ଓ ଶିତଲ ରାଉତ ୨୬ ରନ୍ କରିଥିଲେ। ପ୍ରତିପକ୍ଷ ଦଳର କୀର୍ତ୍ତି ଶ୍ରୀଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ତାମିଲନାଡୁ ୪ଟି ବଲ୍ ବାକିଥାଇ ଏହି ମୁକାବିଲାକୁ ୫ ୱିକେଟ ଜିତିନେଇଥିଲା। ଦଳ ୫ ୱିକେଟରେ ୧୨୦ ରନ୍ କରିଥିଲାବେଳେ ପୂଜାଶ୍ରୀ ଉଲଗନାଥନ ଅପରାଜିତ ୬୦ ରନ୍ କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶା ପକ୍ଷରୁ ସ୍ମୃତିରେଖା ମହନ୍ତ ପ୍ରତିଦ୍ୱନ୍ଦ୍ୱୀ ଦଳ ହରାଇଥିବା ୫ଟି ମଧ୍ୟରୁ ୩ଟି ୱିକେଟ ଅକ୍ତିଆର କରିଥିଲେ।

ଏସିଆନ ପାରା ଗେମ୍ସ: ପ୍ରମୋଦଙ୍କ ବିଜୟ ଅଭିଯାନ

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି): ଜାପାନର ଆଇଚି-ନାଗୋୟାରେ ଆସନ୍ତା ରବିବାର ଏସିଆନ ପାରା ଗେମ୍ସ ଆରମ୍ଭ ହେବ। ଏହି ପ୍ରତିଯୋଗିତା ପୂର୍ବରୁ ଆଜିଠାରୁ କିଛି ଖେଳ ଆରମ୍ଭ ହୋଇଛି। ଏହା ମଧ୍ୟରୁ ପାରା ବ୍ୟାଡମିଣ୍ଟନରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ପ୍ରମୋଦ ଭଗତ ମନୀଷା ରାମଦୋସଙ୍କୁ ସାଥୀକରି ମିକ୍ସଡ ଡବଲ୍ସରେ ବିଜୟ ଅଭିଯାନ ଆରମ୍ଭ କରିଛନ୍ତି।

ଭିଜେଡି ମେଥଡରେ ହାରିଲା ଓଡ଼ିଶା

ଭୁବନେଶ୍ୱର,୧୬।୧୦(ସମିସ): ପୁଡୁଚେରୀରେ ଚାଲିଥିବା ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟରେ ଆଜି ଓଡ଼ିଶା ବନାମ ଛତିଶଗଡ଼ ମ୍ୟାଚ୍ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା। ଏଲିଟ୍-ବି' ଗ୍ରୁପ୍‌ର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ଦଳ ଦୟନୀୟ ବ୍ୟାଟିଂ ପ୍ରଦର୍ଶନ କରି ୩୮.୪ ଓଭରରେ ମାତ୍ର ୧୪୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ଖେଳୁଥିବା ବେଦାନ୍ତ ଦେହାଡେ ସର୍ବାଧିକ ୪୬ ଓ ଶୁଭାଶିଷ ମଲିକ ୧୯ ରନ୍ କରିଥିଲେ। ଛତିଶଗଡ଼ ପକ୍ଷରୁ ଧନଞ୍ଜୟ ନାୟକ ୩ଟି ଓ ଫୈଜ୍ ଖାନ୍ ୨ଟି ୱିକେଟ ପାଇଥିଲେ। ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ ହେବା ପରେ ଭିଜେଡି ମେଥଡ଼ ଅନୁଯାୟୀ ଛତିଶଗଡକୁ ବିଜୟୀ ଘୋଷିତ କରାଯାଇଥିଲା। ଖେଳ ବନ୍ଦ ରହିଲା ବେଳକୁ ଛତିଶଗଡ଼ ୪ ୱିକେଟରେ ୧୪୫ ରନ୍ କରିଥିଲା। ଆଦିତ୍ୟ ବର୍ମା ୭୩ ରନ୍ କରି ଅପରାଜିତ ରହିଥିଲେ। ତେଜସ୍ୱୀ କଲଭୋର ୩୨ ରନ୍ କରିଥିଲାବେଳେ ରାଜା ଯାଦବ ଓ କମଲେଶ ପାତ୍ରଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।



ଉତ୍କଳୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାରେ ଶକ୍ତି ଉପାସନାର ପରମ୍ପରା ଅତି ପ୍ରାଚୀନ ଓ ମହିମାମୟ। ଏହି ଶକ୍ତିପୀଠଗୁଡ଼ିକ କେବଳ ଧାର୍ମିକ ଭାବନାର କେନ୍ଦ୍ରବିନ୍ଦୁ ନୁହନ୍ତି, ବରଂ ଓଡ଼ିଶାର ଇତିହାସ, ସଂସ୍କୃତି ଓ ଜନଜୀବନ ସହ ଓତପ୍ରୋତ ଭାବେ ଜଡ଼ିତ। ଏହିକ୍ରମରେ ପଶ୍ଚିମ ଓଡ଼ିଶାର ଗୌରବମୟ ଇତିହାସର ମୂକସାକ୍ଷୀ ମା' ପାଟଣେଶ୍ୱରୀ, ଶିବ-ଶକ୍ତିଙ୍କ ମିଳିତ ସ୍ୱରୂପ ମା' ଉମା ମାହେଶ୍ୱରୀ ଏବଂ ଶାରଦୀୟ ଶକ୍ତିପୀଠର ପରମ ଆଧାର ମା' ଭଗବତୀ- ଏହି ତିନି ପୀଠର ଆଧ୍ୟାତ୍ମିକ ମିଳନ ଓଡ଼ିଶାର ଧାର୍ମିକ ବିବିଧତା ମଧ୍ୟରେ ଏକ ଅପୂର୍ବ ସଂହତିର ବାର୍ତ୍ତା ବହନ କରେ। ଏହି ମହାଶକ୍ତିମାନେ କେବଳ ଭକ୍ତମାନଙ୍କର ବିଶ୍ୱାସର କେନ୍ଦ୍ରବିନ୍ଦୁ ନୁହନ୍ତି, ବରଂ ନିଜ ନିଜ ଅଞ୍ଚଳର କଳା, ଭାସ୍କର୍ଯ୍ୟ, ଜନଜୀବନ ଓ ପରମ୍ପରାକୁ ଶତାବ୍ଦୀ ଶତାବ୍ଦୀ ଧରି ଏକ ସୂତ୍ରରେ ବାନ୍ଧି ରଖିଥିବା ଚେତନାର ମହାଉତ୍ସ।

ଶ୍ରଦ୍ଧା, ବିଶ୍ୱାସ ଓ ଆଧ୍ୟାତ୍ମିକତାର ତ୍ରିବେଣୀ ସଙ୍ଗମ

ମା' ପାଟଣେଶ୍ୱରୀଙ୍କ ପୀଠ

■ ଅଭିଳାଷ ହୋତା

ଗଡ଼ଜାତ ଅମଳରେ ଶାସନ କରୁଥିବା ରାଜାମାନେ ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ର ସାଧନା ବିଶ୍ୱାସୀ ଥିଲେ। ବର୍ତ୍ତମାନର ବଲାଙ୍ଗିର ସ୍ୱତନ୍ତ୍ର ପ୍ରଦେଶ ଗଠନ ପୂର୍ବରୁ ପାଟଣା ରାଜ୍ୟର ଅଂଶବିଶେଷ ଥିଲା। ଶକ୍ତି ସାଧନାର ପ୍ରାଣକେନ୍ଦ୍ର ଥିଲା, ଏହି ପୁରାତନ ପାଟଣା ରାଜ୍ୟ ତଥା ଅଧୁନା ବଲାଙ୍ଗିର ଜିଲ୍ଲା। ରାଜ୍ୟକୁ ଶାସନ କରୁଥିବା ରାଜାମାନେ ବିଭିନ୍ନ ସ୍ଥାନରେ ଶକ୍ତିପୀଠ ପ୍ରତିଷ୍ଠା କରି ଶକ୍ତି ଆରାଧନା କରୁଥିଲେ। ଏପରିକି ରାଜ୍ୟ ବାହାରୁ ମଧ୍ୟ ଏଠାକୁ ତନ୍ତ୍ର ସାଧନା ପାଇଁ ଲୋକେ ଆସୁଥିଲେ। ବିଶେଷ କରି ଅବିବାହିତ ଯୁବତୀ(କୁଆଁରି) ମାନେ ତନ୍ତ୍ର ସାଧନାରେ ସିଦ୍ଧି ହାସଲ କରୁଥିବାରୁ ତତ୍କାଳୀନ ପାଟଣା ରାଜ୍ୟର ନାମ କୁଆଁରୀ ପାଟଣା ଥିଲା ବୋଲି ଐତିହାସିକମାନେ ମତ ଦିଅନ୍ତି। ତେବେ ବଲାଙ୍ଗିର ଜିଲ୍ଲାରେ ରହିଥିବା ଶକ୍ତିପୀଠ ମାନଙ୍କ ମଧ୍ୟରୁ ପାଟଣାଗଡ଼ର ପାଟଣେଶ୍ୱରୀ ଅନ୍ୟତମ।

ମୂଳାଷ୍ଟମୀରୁ ମହାଷ୍ଟମୀ

ବଲାଙ୍ଗିର ଜିଲ୍ଲାରେ ରହିଥିବା ପୂରାତନ ଶକ୍ତି ପୀଠସ୍ଥଳୀ ମଧ୍ୟରୁ ପାଟଣାଗଡ଼ ଅନ୍ୟତମ। ଆବହମାନ କାଳରୁ ଏଠାରେ ମା' ପାଟଣେଶ୍ୱରୀ ଦେବୀ ପାଟଣାଗଡ଼ରେ ପୂଜା ପାଉଛନ୍ତି। ପାଟଣେଶ୍ୱରୀ ଦେବୀଙ୍କ ନାମାନୁସାରେ ସହରର ନାମ ପାଟଣାଗଡ଼ ରଖାଯାଇଛି। ଖ୍ରୀଷ୍ଟପୂର୍ବ ୫୪ ପୂର୍ବରୁ ମା' ପାଟଣେଶ୍ୱରୀଙ୍କ ପୂଜା ଏହି ପୀଠରେ ଆରମ୍ଭ ହୋଇଥିବା ଐତିହାସିକମାନେ ମତ ରଖନ୍ତି। ପାଟଣା ରାଜା ମାଧବ ଚନ୍ଦ୍ର ଦେଓଙ୍କ ରାଜୁତି ସମୟରେ ମା'ଙ୍କର ମନ୍ଦିର ତୋଳାଇ ପୂଜାର୍ଚ୍ଚନା କରାଯାଇ ଆସୁଥିବା ରାଜ ପୁରୋହିତ କହିଛନ୍ତି। ପ୍ରତିବର୍ଷ ଆଶ୍ୱିନ ମାସରେ ମା ପାଟଣେଶ୍ୱରୀ ଦେବୀଙ୍କ ଷୋଡଶ ପୂଜା ଅନୁଷ୍ଠିତ ହୁଏ। ମୂଳାଷ୍ଟମୀ ବା ପୁଅ ଜିଉଁତିଆ ଠାରୁ ଏହି ପୂଜା ଆରମ୍ଭ ହୋଇ ମହାଷ୍ଟମୀ ବା ଭାଇଜିଉଁତିଆ ପର୍ଯ୍ୟନ୍ତ ଚାଲିଥାଏ। ଷୋଡ଼ଶ ପୂଜାର ପ୍ରଥମ ଦିନରେ କେବଳ ମା' ପାଟେଶେଶ୍ୱରୀଙ୍କ ପାଟ ଖଣ୍ଡାକୁ ରୀତିନୀତିରେ ଧୁଆ ଯାଇଥାଏ। ପ୍ରତିପଦା ଦିନ ମା' ପାଟଣେଶ୍ୱରୀଙ୍କ ମଧ୍ୟ ପରମ୍ପରା ଅନୁଯାୟୀ, ନୀତିନିୟମ ଅନୁସାରେ ପୂଜାର ବିଧି ସମାପନ ହୋଇ ମାଙ୍କର ଝାରବଏଲ ଯାତ୍ରା ଅନୁଷ୍ଠିତ ହୋଇଥାଏ। ମା'ଙ୍କ ବରୁଆ ଆସି ଛତରରୁ ଆର୍ବିଭୂତ ହୋଇ ଜଙ୍ଗଲକୁ ଯାଇଥାନ୍ତି। ସେଠାରେ ମା'ଙ୍କ ବେଶ କରି ବରୁଆକୁ ଯନ୍ତ୍ର ଉପରେ ଉପରେ ଆର୍ବିଭୂତ କରାଯାଇଥାଏ। ମା' ପାଟଣେଶ୍ୱରୀ ମଧ୍ୟ ମା ସମଲେଶ୍ୱରୀ ଓ ଦଶମତୀ ମନ୍ଦିରକୁ ଯାଇ ମା'ଙ୍କ ଦର୍ଶନ କରିଥାନ୍ତି। ମହାଷ୍ଟମୀ ଦିନ ମଧ୍ୟରାତ୍ରୀରେ ଖଣ୍ଡା ଧୁଆ, ସନ୍ଧିପୂଜା ହୋମ ହେବା ସହିତ ମା'ଙ୍କ ୪ ଟି ଦୁଆରରେ ପୂଜାର୍ଚ୍ଚନା ଓ ହୋମ ରାଜ ପୁରୋହିତଙ୍କ ଦ୍ୱାରା ସମ୍ପନ୍ନହେବାପରେ ପୁରୁଣା ପରମ୍ପାରା ଅନୁଯାୟୀ, ଛତରିଆ, ଦେହେଲିଆ ଓ ବୁଡେଲ ମାନେ ମାଙ୍କର ଖଣ୍ଡା ଧୁଆ, ଝାରବଏଲ, ବଏଲ ଯାତ୍ରାରେ ସେବା କରିଥାନ୍ତି। ନବମୀ ଦିନ ମା' ପାଟେଶେଶ୍ୱରୀ, ମା' ସମଲେଶ୍ୱରୀ ଓ ମା' ଡୁଙ୍ଗି ଦେବୀଙ୍କର ବଏଲ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରାରେ ତିନି ଦେବୀ ମା ଦଶମତୀ, ବିଭିନ୍ନ ଦୁର୍ଗାମଣ୍ଡପ ଓ ଥାନାକୁ ଯିବା ସହ ନଗର ପରିକ୍ରମା କରି ନଗରବାସୀଙ୍କୁ ଦର୍ଶନ ଦେବା ସହ ଆର୍ଶିର୍ବାଦ ଦେଇଥାନ୍ତି।

ଶକ୍ତି ଆରାଧନାରେ ନିହିତ ଆଧ୍ୟାତ୍ମିକ ବିଶ୍ୱାସ

ଭାରତୀୟ ଧାର୍ମିକ ପରମ୍ପରାରେ ଦେବୀ ଦୁର୍ଗା ଶକ୍ତି, ସାହସ, ଧର୍ମରକ୍ଷା ଓ ଅସତ୍ୟ ବିରୋଧରେ ସତ୍ୟର ବିଜୟର ପ୍ରତୀକ। ଶାକ୍ତ ପରମ୍ପରାରେ ଦେବୀଙ୍କୁ ସୃଷ୍ଟିର ଆଦିଶକ୍ତି ଭାବେ ଆରାଧନା କରାଯାଏ। ମା' ପାଟଣେଶ୍ୱରୀଙ୍କ ପ୍ରତି ଭକ୍ତମାନଙ୍କ ଶ୍ରଦ୍ଧା ମଧ୍ୟ ଏହି ଶକ୍ତି ଉପାସନାର ଭାବଧାରା ସହ ଜଡ଼ିତ। ଭକ୍ତଙ୍କ ବିଶ୍ୱାସରେ ମା' ହେଉଛନ୍ତି ଦୁଃଖହାରିଣୀ, ସଙ୍କଟମୋଚନୀ ଓ ଜଗତ୍‌ଜନନୀ। ଜୀବନର ବିଭିନ୍ନ ସମସ୍ୟା ଓ ସଙ୍କଟ ସମୟରେ ଭକ୍ତମାନେ ଦେବୀଙ୍କ ଶରଣାପନ୍ନ ହୋଇଥାନ୍ତି। ଦୁର୍ଗାପୂଜା ଏହି ଭକ୍ତିଭାବକୁ ପ୍ରକାଶ କରିବାର ଏକ ପବିତ୍ର ଅବସର। ପାଟଣାଗଡ଼ର ମା' ପାଟଣେଶ୍ୱରୀଙ୍କ ପ୍ରତି ଲୋକଙ୍କ ଆସ୍ଥା ଏହି ସାମୂହିକ ଧାର୍ମିକ ଚେତନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଦେବୀଙ୍କ ପୂଜା ସହ ଜଡ଼ିତ ପରମ୍ପରା, ଲୋକବିଶ୍ୱାସ ଓ ଆଞ୍ଚଳିକ ସଂସ୍କୃତି ଏହି ପୀଠକୁ ଲୋକଜୀବନରେ ସ୍ୱତନ୍ତ୍ର ସ୍ଥାନ ଦେଇଛି।



ମା' ଭଗବତୀ

■ ଶିବ ଶଙ୍କର ପଣ୍ଡା

ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀଙ୍କ ପୀଠ ତନ୍ତ୍ରପୀଠ ଭାବେ ସୁପ୍ରସିଦ୍ଧ। କେଉଁ ପ୍ରାଚୀନ କାଳରୁ ମା'ଭଗବତୀଙ୍କ ଷୋଡ଼ଶ ଦିନାତ୍ମକ ଶାରଦୀୟ ପୂଜା ପାଳିତ ହୋଇ ଆସୁଅଛି। ଶାରଦୀୟ ପାର୍ବଣ ମା'ଙ୍କ ପ୍ରମୁଖ ଉତ୍ସବ। ଏହି ପୀଠରେ ବଳିପ୍ରଥା ସହ ତନ୍ତ୍ରପୂଜାରେ ମହାପ୍ରସାଦ ସହିତ ଆମିଷ ଶଙ୍କୁଡ଼ି ଭୋଗରେ ତୁଳସୀ ପତ୍ର ପକାଯାଇ ମା'ଙ୍କୁ ଲାଗି କରାଯିବାର ପରମ୍ପରା ରହିଛି।

ମନ୍ଦିରର ଅବସ୍ଥିତି ଓ ପ୍ରମୁଖ ନୈବେଦ୍ୟ

ବାଣପୁର ସହରର ପଶ୍ଚିମ ଦିଗରେ ଘଣ୍ଟଶିଳା ପାହାଡ଼ ନିକଟରେ ଶାଳିଆ ନଦୀ କୂଳରେ ଭଗବତୀଙ୍କ ମନ୍ଦିର ଅବସ୍ଥିତ। ମନ୍ଦିରରେ ଭଗବତୀଙ୍କର ପ୍ରାୟ ୫ ଫୁଟ୍ ଉଚ୍ଚର ଅଷ୍ଟଭୂଜା ପ୍ରସ୍ତର ମୂର୍ତ୍ତି ପୂଜା ପାଉଛି। ମା' ଭଗବତୀଙ୍କ ଦୈନନ୍ଦିନ ନିଶଙ୍କୁଡି ଭୋଗରେ କାକରା, ଖଜା, ଗଜା, ସରପୁଳି, ମାଠପୁଳି ଓ ଶଙ୍କୁଡି ଭୋଗରେ ଅନ୍ନ, ଡାଲି, ଆମ୍ବିଳ, ମାଛ ବଳି ପୋଡା ଆମିଷ ଘାଣ୍ଟ ଓ ଗୁଆଘିଆରେ ମାଛ ଗୁଣ୍ଡି ଭଜା ଆଦି ଭୋଗ ଲାଗି ହେଉଛି। ଏଠାକାର ଚିନି ଖଇ ମୁଆଁ ଭୋଗ ରାଜ୍ୟ ତଥା ରାଜ୍ୟ ବାହାରେ ସୁପରିଚିତ।

ପାର୍ବଣରେ ୭ ଭଉଣୀ ପୂଜା ପାଆନ୍ତି

ବର୍ତ୍ତମାନ ଷୋଡ଼ଶ ଦିନାତ୍ମକ ଶାରଦୀୟ ପୂଜା ଚାଲିଛି। ଶାରଦୀୟ ପାର୍ବଣ ଲାଗି ମା' ଭଗବତୀଙ୍କ ସମେତ ସାତ ଭଉଣୀ ପୂଜା ପାଇଥାନ୍ତି। ଏଥିନିମନ୍ତେ ମା' ଭଗବତୀ ବିଭିନ୍ନ ତିଥିରେ ବିଭିନ୍ନ ଦିଗକୁ ଯାତ୍ରା କରି ମା'ଙ୍କ ତଥାକଥିତ ଛଅ ଭଉଣୀ ମା'ବିରଜାଇ, ମା'ନାରାୟଣୀ, ମା' କାଳିଜାଇ, ମା'ସିଦ୍ଧେଶ୍ୱରୀ, ମା'ପୋଲକାଶୁଣୀ ଓ ମା'ବୁଢ଼ୀ ଠାକୁରାଣୀଙ୍କୁ ନିମନ୍ତ୍ରଣ କରିଥାନ୍ତି।

ପାର୍ବଣରେ ନରବଳୀ ପ୍ରତୀକାତ୍ମକ ବଳିଜେନା

ପାର୍ବଣରେ ମା'ଭଗବତୀଙ୍କ ସାତ ବଖରା ଗୃହରେ ସପ୍ତମୀ, ଅଷ୍ଟମୀ, ନବମୀ ରାତ୍ରରେ ଗୁପ୍ତ ପୂଜା ଅନୁଷ୍ଠିତ ହୁଏ। ବର୍ତ୍ତମାନ ନୀତିକାନ୍ତିରେ ଛାଗ ବଳି ପଡୁଛି। ଉକ୍ତ ବଳିର ରକ୍ତରେ କିଛି ଅରୁଆ ଚାଉଳ ମିଶାଯାଇ ତୁଳସୀପତ୍ର ମହାପ୍ରସାଦ ପଡ଼ି ଗୋଟିଏ ଗୁଆ ପଡ଼ି ଦଶମୀ ଭୋରୁ ପୂଜା କରାଯାଏ। ଉକ୍ତ ଚାଉଳମିଶା ଭୋଗକୁ ମା'ଙ୍କ ମୁଖ୍ୟ ସେବାୟତ "ହୁଆ ହୁଆ" କହି ମା' ଭଗବତୀ ମନ୍ଦିର ବାହାରେ ଉପରୁକୁ ଫିଙ୍ଗନ୍ତି। ଏହି ଭୋଗ ମଧ୍ୟରେ ଗୁଆଟି ଯିଏ ପାଇ ଖାଏ ଅପୁତ୍ରୀକରୁ ପୁତ୍ର ପ୍ରାପ୍ତ ହେବାର ବିଶ୍ୱାସ ରହିଛି। ପାର୍ବଣରେ ବିଳମ୍ବିତ ରାତ୍ରରେ ମା'ଙ୍କ ନରବଳୀ ପ୍ରତିକାତ୍ମ୍ ବଳିଜେନା ମା' ଭଗବତୀଙ୍କ ନିକଟରେ ଶରଣାପନ୍ନ ହୋଇଛନ୍ତି। ବିଳମ୍ବିତ ରାତ୍ରିରେ ମା'ଙ୍କ ପୀଠରେ ନରବଳୀ ପ୍ରତୀକାତ୍ମକ ବଳିଜେନାଙ୍କ ବଳିନୃତ୍ୟ ଅନୁଷ୍ଠିତ ହୋଇଥାଏ। ମହାନବମୀ ତିଥିରେ ଭଗବତୀଙ୍କ ମନ୍ଦିର ଗୃହରେ ନବକଳଶ, ପୂଜା, ହୋମ ଓ ବଳିଦାନ ଇତ୍ୟାଦି ସମାପନ ପରେ ଦଶମୀ ତିଥିରେ ଶାରଦୀୟ ପାର୍ବଣ ପୂଜା ଅନୁଷ୍ଠିତ ହୋଇଥାଏ। କୁମାର ପୂର୍ଣ୍ଣିମା ଦିନ ମା' ଭଗବତୀଙ୍କ ସହ ବଳୀଜେନାଙ୍କ ମଧ୍ୟରେ କଉଡ଼ି ଖେଳ ଅନୁଷ୍ଠିତ ହୁଏ। କଉଡ଼ି ଖେଳରେ ବଳିଜେନା ହାରିଯାଇ ଆସନ୍ତା ବର୍ଷକୁ ଶାରଦୀୟ ପୂଜାରେ ମା'ଙ୍କ ସେବାରେ ଯୋଗ ଦେବା ପାଇଁ ପ୍ରତିଶୃତି ଦେଇ ନିଜ ଘରକୁ ଫେରିଥାନ୍ତି। ବଳିଜେନା ଘରକୁ ଫେରିବା ସମୟରେ ତାଙ୍କୁ କେହି ଦେଖନ୍ତି ନାହିଁ। ତେଣୁ ନିଶାର୍ଦ୍ଧରେ ବଳିଜେନା ଯାତ୍ରା କରନ୍ତି।

"ମା' ଭଉଣୀମାନଙ୍କ ସହିତ ପାର୍ବଣ ଉତ୍ସବ ପାଳନ୍ତି

ମା' ଭଗବତୀଙ୍କ ପୀଠରେ ଶାରଦୀୟ ପର୍ବରେ ପ୍ରଚଳିତ ଷୋଳ ପର୍ବର ନୀତକାନ୍ତି ପରମ୍ପରା ସଂପୂର୍ଣ୍ଣ ନିଆରା। ଏ ପର୍ଯ୍ୟନ୍ତ ପ୍ରାଚୀନ ନରବଳି ପ୍ରଥାର ପ୍ରତୀକ 'ବଳିଜେନା' ନୃତ୍ୟ କାହିଁ କେଉଁ କାଳରୁ ଚଳି ଆସୁଛି। ଯାହା ଅତ୍ୟନ୍ତ ଆକର୍ଷଣୀୟ ଓ ଆବେଗମୟ। ଏହା ଏକମାତ୍ର ପୀଠ, ଯେଉଁଠାରେ ମହାପ୍ରସାଦ ଓ ଆମିଷ ଏକତ୍ର ପୂଜା କରାଯାଏ। ମା' ଭଉଣୀମାନଙ୍କ ସହିତ ପାର୍ବଣ ଉତ୍ସବ ପାଳନ୍ତି। ମା'ଙ୍କ ନିକଟରେ ଆମିଷ ପୂଜା ହେଉଥିବା ବେଳେ ଏଠାରେ ମା'ଙ୍କୁ ଖେଚଡ଼ୀ ସହିତ ଆମିଷ ଘାଣ୍ଟ ଓ ମାଛ ବଳି ପୋଡ଼ାଯାଇ ପୂଜା କରାଯାଏ। ଶାରଦୀୟ ପର୍ବରେ ମା'ଙ୍କୁ ଦର୍ଶନ କଲେ ସକଳ ରିଷ୍ଟ ଖଣ୍ଡନ ହୁଏ। ମା' ଭକ୍ତର ସକଳ ମନବାଞ୍ଛା ପୂର୍ଣ୍ଣ କରନ୍ତି।

- ବାଳମୁକୁନ୍ଦ ଦାସ, ଶ୍ରୀ ଦକ୍ଷେଶ୍ୱର ଭଗବତୀ ଦେବୋର କାର୍ଯ୍ୟନିର୍ବାହୀ ଅଧିକାରୀ

ମା'ଭଗବତୀ ଜୀବନ୍ତ ଦେବୀ

ମା' ଭଗବତୀ ଜୀବନ୍ତ ଦେବୀ। ମନରେ ବିଶ୍ୱାସ ରଖି ତାଙ୍କୁ ସ୍ମରଣ କଲେ ସେ ମହାବିପଦରୁ ରକ୍ଷା କରନ୍ତି। ନିଜେ ଅଙ୍ଗେ ଲିଭାଇଛି। ଏହା ପ୍ରମାଣିତ।

- ଭାସ୍କର ଚନ୍ଦ୍ର ନାୟକ, ଅଙ୍ଗଲାଗି ସେବକ"

ମା' ଉମା ମାହେଶ୍ୱରୀ

■ ସରୋଜ କୁମାର ଷଡ଼ଙ୍ଗୀ

ପଶ୍ଚିମ ଓଡ଼ିଶାର ଧାର୍ମିକ, ସାଂସ୍କୃତିକ ଓ ଐତିହାସିକ ପରମ୍ପରାରେ ଦେବୀ ଉପାସନାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହି ପରମ୍ପରାକୁ ଆଜି ମଧ୍ୟ ଜୀବନ୍ତ ରଖିଥିବା ଅନେକ ପ୍ରାଚୀନ ଦେବୀପୀଠ ମଧ୍ୟରୁ ବରଗଡ଼ ଜିଲ୍ଲାର କୁରୁଆଁସ୍ଥିତ ମା' ଉମା ମାହେଶ୍ୱରୀଙ୍କ ଶକ୍ତିପୀଠ ଅନ୍ୟତମ। ଏହି ପୀଠ କେବଳ ଭକ୍ତି ଓ ଆସ୍ଥାର କେନ୍ଦ୍ର ନୁହେଁ, ବରଂ ଏହା ଅଞ୍ଚଳର ଲୋକବିଶ୍ୱାସ, ପ୍ରାଚୀନ ରାଜପରମ୍ପରା ଓ ସ୍ୱତନ୍ତ୍ର ମାହେଶ୍ୱରୀ ସଂସ୍କୃତିର ଏକ ଅନନ୍ୟ ପରିଚୟ।

ମା'ଙ୍କ ଆବିର୍ଭାବର ରୋଚକ କାହାଣୀ

ଲୋକକଥା ଅନୁସାରେ, କୁର୍ମି ସମ୍ପ୍ରଦାୟଙ୍କ ନାମାନୁସାରେ ଗାଁର ନାମ କୁରୁଆଁ ହୋଇଥିବା କୁହାଯାଏ। ଗାଁର ମଧ୍ୟଭାଗରେ ବିରାଜମାନ ମା' ଉମା ମାହେଶ୍ୱରୀ ଏହି ଗ୍ରାମର ଆରାଧ୍ୟ ଦେବୀ। ସ୍ଥାନୀୟ ଜନଶ୍ରୁତି ଅନୁସାରେ, ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ମା' ଉମା ମାହେଶ୍ୱରୀଙ୍କ ପୂଜା ପରମ୍ପରା ଆରମ୍ଭ ହୋଇଥିଲା। ସେତେବେଳେ ଡୁମ୍ବାଳ ସମ୍ପ୍ରଦାୟର ନଅ ଜଣ ନୀତିଆ ସେବାୟତ ମା'ଙ୍କ ଶାଳକାବାଡ଼ି ପୂଜା କରୁଥିଲେ। ଦିନେ ରାତିରେ ସେମାନଙ୍କୁ ସ୍ୱପ୍ନାଦେଶ ହେଲା ଯେ, ମା' ଗାଁ ମୁଣ୍ଡରେ ଥିବା ମାଉଲି ପଦରଠାରେ ଆବିର୍ଭୂତ ହୋଇଛନ୍ତି। ନଅ ଜଣ ସେବାୟତଙ୍କୁ ସମାନ ସ୍ୱପ୍ନ ହୋଇଥିବା ଜଣାପଡ଼ିବା ପରେ ସେମାନେ ଏକାଠି ହୋଇ ଉକ୍ତ ସ୍ଥାନକୁ ଯାଇଥିଲେ। ସେଠାରେ ଏକ ସ୍ଥାନରୁ ଦିବ୍ୟ ଜ୍ୟୋତି ବିକିରଣ ହେଉଥିବା ଦେଖି ସେମାନେ ପ୍ରଥମେ ବିସ୍ମିତ ଓ ଭୟଭୀତ ହୋଇପଡ଼ିଥିଲେ। ପରେ ଭକ୍ତିପୂର୍ଣ୍ଣ ମନରେ ସେହି ସ୍ଥାନ ଖନନ କରିବାରୁ ମା' ମାହେଶ୍ୱରୀଙ୍କ ସୁବର୍ଣ୍ଣ ପ୍ରତିମା ଦର୍ଶନ କରିଥିବା ଲୋକକଥାରେ ବର୍ଣ୍ଣିତ ହୋଇଛି। ମା'ଙ୍କ ଆବିର୍ଭାବରେ ଭକ୍ତମାନେ ଭାବବିହ୍ୱଳ ହୋଇ ଧୂପ, ଦୀପ ଓ ପୂଜାର୍ଚ୍ଚନା କରିଥିଲେ। ପରେ ମା'ଙ୍କ ନିର୍ଦ୍ଦେଶ ଅନୁଯାୟୀ, ନଅ ଜଣ ସେବାୟତ ନଅ ମୁଠା ମାଟି ଦେଇ ନଅଟି ଖମ୍ବରେ ଏକ ଛୋଟ କୁଡ଼ିଆ ନିର୍ମାଣ କରି ଦେବୀଙ୍କୁ ସ୍ଥାପନ କରିଥିଲେ। ଏହିଠାରୁ ମା'ଙ୍କ ନିୟମିତ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା ବିଶ୍ୱାସ କରାଯାଏ।

ଦେବୀଙ୍କ ସୁବର୍ଣ୍ଣ ପ୍ରତିମା

କୁରୁଆଁ ଶକ୍ତିପୀଠର ମୁଖ୍ୟ ଆକର୍ଷଣ ହେଉଛି ମା' ଉମା ମାହେଶ୍ୱରୀଙ୍କ ଚତୁର୍ଭୁଜା ସୁବର୍ଣ୍ଣ ପ୍ରତିମା। ଦେବୀ ପଦ୍ମାସନରେ ବିରାଜମାନ। ତାଙ୍କର ଚାରି ହସ୍ତରେ ସର୍ପ, ଅଙ୍କୁଶ, ବରଦମୁଦ୍ରା ଓ ଅଭୟମୁଦ୍ରା ରହିଥିବା ବର୍ଣ୍ଣନା ମିଳେ। ଏହି ପୀଠରେ ମା' ଉମା ମାହେଶ୍ୱରୀଙ୍କ ସହ ମହେଶ୍ୱରଙ୍କ ଯୁଗଳ ମୂର୍ତ୍ତି ବିରାଜମାନ କରୁଥିବାରୁ ଏଠାକାର ପୂଜାବିଧି ଓ ଧାର୍ମିକ ପରମ୍ପରାରେ ଏକ ସ୍ୱତନ୍ତ୍ରତା ଦେଖିବାକୁ ମିଳେ।

ସମ୍ବଲପୁର ମହାରାଜାଙ୍କ ସହ ପୀଠର ସମ୍ପର୍କ

ଲୋକକଥା ଅନୁସାରେ, ୧୭୬୨ ମସିହାରେ ସମ୍ବଲପୁରର ମହାରାଜା ବଳିଆର ସିଂହ ରାଜ ଯକ୍ଷ୍ମା ରୋଗରେ ପୀଡ଼ିତ ଥିଲେ। ଜନଶ୍ରୁତି ଅନୁଯାୟୀ, ବରୁଆମାନେ ମା'ଙ୍କ ନାମରେ ଫୁଲ ଓ ବେଲପତ୍ର ଦେଇ ପୂଜା କରିବା ପରେ ମହାରାଜାଙ୍କ ରୋଗ ଉପଶମ ହୋଇଥିଲା। ଏଥିରେ ସନ୍ତୁଷ୍ଟ ହୋଇ ମହାରାଜା ମା'ଙ୍କ ଅନ୍ନଭୋଗ ପାଇଁ ୪୧ ଏକର ଜମି ଦାନ କରିଥିବା ଲୋକକଥାରେ ଉଲ୍ଲେଖ ରହିଛି।

ଷୋଡ଼ଶ ଉପଚାର ପୂଜା ଓ ନୂଆଁଖାଇ: ଉକ୍ତ ଶକ୍ତିପୀଠର ଅନ୍ୟତମ ବିଶେଷତ୍ୱ ହେଉଛି ଏହାର ମାହେଶ୍ୱରୀ ସଂସ୍କୃତି। ଏଠାରେ ଦଶହରାରେ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଷୋଡ଼ଶ ଉପଚାର ବିଧିରେ ମା'ଙ୍କୁ ପୂଜା କରାଯାଏ। ଏଠାରେ ମହାନବମୀ ଦିନ ନୂଆଁଖାଇ ତିହାର ପାଳନ କରାଯାଏ। ଏହି ପରମ୍ପରା ଏଠାକାର ଧାର୍ମିକ ସଂସ୍କୃତିକୁ ଏକ ଭିନ୍ନ ପରିଚୟ ଦେଇଛି।

ସନ୍ଧିପୂଜାର ସ୍ୱତନ୍ତ୍ରତା

ଦଶହରା ପରମ୍ପରା ମଧ୍ୟରେ ସନ୍ଧିପୂଜା ଏକ ବିଶେଷ ଆକର୍ଷଣ। ମହାଷ୍ଟମୀର ଅନ୍ତିମ ପ୍ରହର ଓ ମହାନବମୀର ଆରମ୍ଭ ସମୟରେ ଦନ୍ତା ନଦୀର ବାଲିପଠାରେ ଏହି ପୂଜା ଅନୁଷ୍ଠିତ ହୁଏ ବୋଲି ସ୍ଥାନୀୟ ପରମ୍ପରାରେ ବର୍ଣ୍ଣିତ। ଏହା ପରେ ମା'ଙ୍କ ସ୍ନାନ ଓ ସୁରାପାନ ସମ୍ପର୍କିତ ରୀତି ପାଳନ କରାଯାଏ।

ବର୍ଷ ତମାମ ଅନ୍ନଭୋଗ

କୁରୁଆଁ ମା' ଉମା ମାହେଶ୍ୱରୀଙ୍କ ପୀଠରେ ବର୍ଷସାରା ଅନ୍ନଭୋଗ ଲାଗି ହେବା ଏଠାକାର ଉପାସନା ପରମ୍ପରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଦୈନନ୍ଦିନ ପୂଜାଠାରୁ ଆରମ୍ଭ କରି ବାର୍ଷିକ ମହୋତ୍ସବ ପର୍ଯ୍ୟନ୍ତ ସେବାୟତ ଓ ଗ୍ରାମବାସୀଙ୍କ ସହଯୋଗରେ ଧାର୍ମିକ କାର୍ଯ୍ୟ ସମ୍ପନ୍ନ ହୁଏ।

ଭାରତୀୟ ମହିଳା କ୍ରିକେଟରେ ସ୍ମୃତି ମନ୍ଧାନାଙ୍କ ଯୁଗ ଆରମ୍ଭ

ପ୍ରଥମ ଟି-୨୦ରେ ଜିମ୍ବାୱେ ୧୧୪ ରନ୍‌ରେ ଅଟକିଲା

ରାୟପୁର,୧୬।୧୦(ଏଜେନ୍ସି)

ଭାରତ ଓ ଜିମ୍ବାୱେ ମଧ୍ୟରେ ଐତିହାସିକ ମହିଳା କ୍ରିକେଟ ସିରିଜ୍ ଆଜିଠାରୁ ଆରମ୍ଭ ହୋଇଛି। ୬ଟି ସୀମିତ ଓଭର ମ୍ୟାଚ୍ ଖେଳିବାକୁ ପ୍ରଥମଥର ଭାରତ ଗସ୍ତରେ ଆସିଥିବା ଜିମ୍ବାୱେ ଟିମ୍ ଏଠାରେ ଆଜି ଅନୁଷ୍ଠିତ ପ୍ରଥମ ଟି-୨୦ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ୫ ୱିକେଟରେ ୧୧୪ ରନ୍ କରିବାକୁ ସମର୍ଥ ହୋଇଛି। ଦଳ ପକ୍ଷରୁ ଦୁଇଜଣ ଖେଳାଳି ଯଥା ଓପନର କେଲିସ୍ ଏନ୍‌ଧ୍ଲୋବୁ ୪୨ ରନ୍ କରିଥିଲାବେଳେ ସାର୍ଣ୍ଣେ ମାୟର୍ସ ୪୩ ରନ୍ କରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ନନ୍ଦିନୀ ଶର୍ମା ସର୍ବାଧିକ ୨ଜଣ, କ୍ରାନ୍ତି ଗୌଡ଼, ଅରୁନ୍ଧତି ରେଡ୍ଡୀ ଓ ଶ୍ରୀ ଚରଣି ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ଜିମ୍ବାୱେ ଏକ ଦୁର୍ବଳ ଦଳ ହୋଇଥିଲେ ମଧ୍ୟ ପ୍ରଥମ ମୁକାବିଲାରେ ଅଲଆଉଟ ନ ହେବା ଏକ ଉଲ୍ଲେଖନୀୟ ସଫଳତା।

ଏହି ମ୍ୟାଚ୍‌ରେ ଟସ୍ ଜିତିବା ପରେ ଭାରତର ନୂଆ ଅଧିନାୟକ ସ୍ମୃତି ମନ୍ଧାନା ଜିମ୍ବାୱେକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। ଜିମ୍ବାୱେ ବ୍ୟାଟିଂ ଆରମ୍ଭ କରି ପ୍ରଥମ ଓଭରରେ ଓପନର ବିଲଭଡ୍ ବିଜା (୦)ଙ୍କୁ ହରାଇଥିଲା। ଏହା ପରେ କିନ୍ତୁ ଜିମ୍ବାୱେର ଖେଳାଳିମାନେ ଭଲ ପାର୍ଟନରସିପ୍ କରିବା ସହ ସମ୍ମାନଜନକ ସ୍କୋର କରିବାରେ ସଫଳ ହୋଇଥିଲେ। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୧୪ ରନ୍ କରିଥିଲାବେଳେ ଏହାର ସିଂହଭାଗ ରନ୍ ସଂଗ୍ରହ କରିଥିଲେ କେଲିସ୍ ଏନ୍‌ଧ୍ଲୋବୁ ଓ ସାର୍ଣ୍ଣେ ମାୟର୍ସ। ମାୟର୍ସ ୩୩ବଲ୍‌ରୁ ୪ଚୌକା ଓ ୨ଛକା ସହ ୪୩ରନ୍ କରି ଶେଷଯାଏ ଅପରାଜିତ ରହିଥିଲାବେଳେ କେଲିସ ଏନ୍‌ଧୋବ୍ଲୁ ୪୪ ବଲ୍‌ରୁ ୭ ଚୌକା ସହ ୪୨ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେବଳ ମୋଡେଷ୍ଟର ମୁପାଚିକ୍ୱା ୧୬ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ଭାରତ ପକ୍ଷରୁ ନନ୍ଦିନୀ ଶର୍ମା ୪ ଓଭର ବୋଲିଂ କରି ୧୧ ରନ୍‌ରେ ସର୍ବାଧିକ ୨ଟି ୱିକେଟ ପାଇଥିଲେ। ଶ୍ରିଚରଣି ୪ ଓଭରରେ ୧୪ ରନ୍ ଦେଇ ଗୋଟିଏ ୱିକେଟ ନେଇଥିଲେ। କ୍ରାନ୍ତି ଗୌଡ ଓ ଅରୁନ୍ଧତି ରେଡ୍ଡୀଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

୫ମ ଟି-୨୦ରେ ବର୍ଷା, କାକର ଓ ଛୋଟ ବାଉଣ୍ଡରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ସିରିଜ୍ ନିର୍ଣ୍ଣାୟକ ଆଜି

ବେଙ୍ଗାଲୁରୁ,୧୬।୧୦(ଏଜେନ୍ସି): ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୨-୨ରେ ସମାନସ୍ତରରେ ରହିଛି। ଏହି ସିରିଜ୍‌ର ୫ମ ତଥା ନିର୍ଣ୍ଣାୟକ ମୁକାବିଲା ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଆସନ୍ତାକାଲି ଖେଳାଯିବ। ଏହି ମ୍ୟାଚ୍‌ରେ ଯେଉଁଦଳ ବିଜୟୀ ହେବ ସେହିଦଳ ସିରିଜ୍ କବ୍‌ଜା କରିବାକୁ ହେବ। ୱେଷ୍ଟଇଣ୍ଡିଜ୍ ବିପକ୍ଷ ଏହି ସୀମିତ ଓଭର ସିରିଜ୍‌ରେ ଭାରତ ପ୍ରତ୍ୟେକ ବଲରେ ସଂଘର୍ଷ କରିଛି। କେବଳ ପ୍ରଥମ ଦିନିକିଆକୁ ଛାଡିଦେଲେ ମ୍ୟାଚ୍ କିଏ ଜିତିବ ତାହା ଶେଷ ବଲ ବୋଲିଂ ନ ହେଲା ଯାଏ କହି ହୋଇ ନ ଥିଲା। ଏଣୁ ଆସନ୍ତାକାଲି ୱେଷ୍ଟଇଣ୍ଡିଜ୍ ଯେ ଏହି ମ୍ୟାଚ୍ ଓ ଦିନିକିଆ ସିରିଜ୍ କବ୍‌ଜା ନ କରିବ ତାହା କହିବା ମୁସ୍କିଲ। ଭାରତକୁ ସିରିଜ୍ ଜିତିବାକୁ ହେଲେ ଚାମ୍ପିଅନଙ୍କ ପରି ଖେଳିବାକୁ ହେବ। ନଚେତ ୨୦୧୯ ପରେ ଘରୋଇ ମାଟିରେ ଭାରତ ପ୍ରଥମଥର ସିରିଜ୍ ହାରିବା ସମ୍ଭବ ହେବ।

ଭୁବନେଶ୍ୱର କୁମାର ସାମିଲ

ଚତୁର୍ଥ ଦିନିକିଆରେ ବ୍ୟାଟିଂ କରୁଥିଲାବେଳେ କାନ୍ଧରେ ବଲ ବାଜିଥିବାରୁ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଆହତ ହୋଇଥିଲେ। ଏଣୁ ସେ ୫ମ ମ୍ୟାଚ୍‌ରେ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ତାଙ୍କ ସ୍ଥାନରେ ସିନିଅର ଫାଷ୍ଟ ବୋଲର ଭୁବନେଶ୍ୱର କୁମାରଙ୍କୁ ସାମିଲ କରାଯାଇଛି। ନିକଟରେ ଭୁବେନଶ୍ୱର ଭାରତୀୟ ଟି-୨୦ ଟିମ୍‌କୁ ଫେରିଛନ୍ତି। ବେଙ୍ଗାଲୁରୁ ପିଚ୍ ସ୍ପିନରଙ୍କୁ ସୁହାଇପାରେ। ଏଣୁ ଛୋଟିଆ ବାଉଣ୍ଡାରୀ ହେଲେ ମଧ୍ୟ ଭୁବନେଶ୍ୱରଙ୍କ ଅପେକ୍ଷା ବାମହାତୀ ସ୍ପିନର କୁଲଦୀପ ଯାଦବଙ୍କ ଖେଳିବା ସମ୍ଭାବନା ରହିଛି। ଦଳର ବ୍ୟାଟିଂରେ କିଏ କେତେବେଳେ କ୍ଲିକ୍ କରିବ ଓ କିଏ ଫ୍ଲପ୍ ହେବ ତାହା କହିବା ସମ୍ଭବ ନୁହେଁ।

ଖେଳ ସମୟ- ରାତି ୭ଟା
ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ- ଜିଓ ହଟ୍‌ଷ୍ଟାର।

ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ

କୋରାପୁଟକୁ କ୍ରମାଗତ ଏକାଦଶ ଟାଇଟଲ

ଭୁବନେଶ୍ୱର,୧୬।୧୦(ସମିସ): ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟରେ କୋରାପୁଟର ଏକଚାଟିଆ ପ୍ରାଧାନ୍ୟ ଅବ୍ୟାହତ ରଖିଛି। ଆଜି ଏଠାରେ ଖେଳାଯାଇଥିବା ଏକାଦଶ ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲରେ କୋରାପୁଟ ଡିଏଲଏସ୍ ମେଥଡ ଅନୁଯାୟୀ ୧୩ ରନ୍‌ରେ ମୟୂରଭଞ୍ଜକୁ ପରାସ୍ତ କରି କ୍ରମାଗତ ଏକାଦଶ ଟାଇଟଲ କବ୍‌ଜା କରିଛି। ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୟୂରଭଞ୍ଜ ୧୬.୨ ଓଭରରେ ୧୦୪ ରନ୍ କରିଅଲଆଉଟ ହୋଇଯାଇଥିଲା। ଜବାବରେ ୧୦୫ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି କୋରାପୁଟ ୬.୨ ଓଭରରେ ୨ ୱିକେଟ ହରାଇ ୪୮ ରନ୍ କରିଥିଲାବେଳେ ବର୍ଷା ଯୋଗୁଁ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଡିଏଲଏସ୍ ପଦ୍ଧତି ଅନୁଯାୟୀ କୋରାପୁଟକୁ ୧୩ ରନ୍‌ରେ ବିଜୟୀ ଘୋଷିତ କରାଯାଇଥିଲା। କୋରାପୁଟ ଅଧିନାୟକ ଧନପତି ଗୌଡ଼ଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବି-୧ କାଟାଗୋରୀରେ ହିକିମ ମୁର୍ମୁ, ବି-୨ କାଟାଗୋରୀରେ ଅଞ୍ଜନ ସିଂ, ବି-୩ କାଟାଗୋରୀରେ ଲିଙ୍ଗରାଜ ରାଉତରାୟ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ମଜର କଳ୍ପନା ଦାସ, ମହମ୍ମଦ୍ ଜାଫର ଇକବାଲ, ଲଳିତେନ୍ଦୁ ମହାନ୍ତି, ସଗୁପ୍ତା ପରୱିନ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ଓ ଦିନିକିଆ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି): ନ୍ୟୁଜିଲାଣ୍ଡ ସହ ଭାରତର ଦିନିକିଆ ଓ ଟେଷ୍ଟ ସିରିଜ୍ ଲାଗି ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା, ଅଂଶୁଲ କାମ୍ବୋଜ, ଆକାଶ ଦୀପଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ଏହା ପୂର୍ବରୁ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରେ ଶୁବମନ ଗିଲ ଭାରତର ନେତୃତ୍ୱ ନେବେ। କିନ୍ତୁ ଶେଷ ୨ଟି ଦିନିକିଆରେ ଶ୍ରେୟସ ଆୟର ଅଧିନାୟକ ରହିବେ। ଗିଲ ଟେଷ୍ଟ ସିରିଜ୍ ଲାଗି ପ୍ରସ୍ତୁତି କରିବେ।

ପ୍ରଥମ ୩ଟି ମ୍ୟାଚ୍ ଲାଗି ଭାରତୀୟ ଦଳ: ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ନମନ ଧୀର, ଅଂଶୁଲ କାମ୍ବୋଜ, ଗୁରନୁର ବ୍ରାର୍, ଋତୁରାଜ ଗାଏକ୍ୱାଡ, ଅର୍ଶଦୀପ ସିଂହ, ଇଶାନ କିଶାନ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ କୁଲଦୀପ ଯାଦବ। **୪ର୍ଥ ଓ ୫ମ ମ୍ୟାଚ୍** : ଶ୍ରେୟସ ଆୟର (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ତିଲକ ବର୍ମା, ଇଶାନ କିଶାନ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ନମନ ଧୀର, ଆକ୍ୱିବ ନବି, ଗୁରନୁର ବ୍ରାର୍, ଋତୁରାଜ ଗାଏକ୍ୱାଡ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, କୁମାର କୁଶାଗ୍ର, ଯଶ ଠାକୁର ଓ କୁଲଦୀପ ଯାଦବ। **ଟେଷ୍ଟ ଦଳ** : ଶୁବମାନ ଗିଲ୍ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ଦେବଦତ୍ତ ପାଡ଼କଲ, ଋଷଭ ପନ୍ତ, ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ଅଂଶୁଲ କାମ୍ବୋଜ, ଯସପ୍ରୀତ ବୁମ୍‌ରା, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ, ସାଇ ସୁଦର୍ଶନ, ନୀତିଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ ଓ ମହମ୍ମଦ ସିରାଜ।

■ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

ଘରୋଇ ମାଟିରେ ୧୨ ମ୍ୟାଚ୍ ଖେଳିବ ଭାରତ

ନୂଆଦିଲ୍ଲୀ, ୧୬।୧୦(ଏଜେନ୍ସି): ଏଫ୍‌ଆଇଏଚ୍‌ର ଆଉ ଏକ ସିଜନ ଲାଗି ଖେଳସୂଚୀ ପ୍ରକାଶ ପାଇଛି। ଏହା ମଧ୍ୟରୁ ଭାରତର ପୁରୁଷ ଓ ମହିଳା ଦଳ ମିଳିତଭାବେ ୧୨ଟି ମ୍ୟାଚ୍ ଖେଳିବ ବୋଲି ଏହି ଖେଳସୂଚୀରୁ ଜଣାଯାଇଛି। ପୁରୁଷ ଦଳ ଜର୍ମାନୀ, ଆର୍ଜେଣ୍ଟିନା, ଗ୍ରେଟବ୍ରିଟେନ୍ ଓ ସ୍ପେନ୍ ୨ଟି ଲେଖାଏଁ ୮ଟି ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ଗୁଡିକ ୨୦୨୭ ଫେବୃଆରୀ ୧୩ରୁ ୨୮ ମଧ୍ୟରେ ଖେଳାଯିବ। ସେହିପରି ମହିଳା ଦଳ ଫେବୃଆରୀ ୨୩ରୁ ୨୮ ମଧ୍ୟରେ ୪ଟି ମ୍ୟାଚ୍ ଗ୍ରେଟବ୍ରିଟେନ ଓ ସ୍ପେନ୍ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି।

ଭାରତର ଘରୋଇ ଖେଳସୂଚୀ

ପୁରୁଷ ଦଳ:୧୩।୨ ବନାମ ଜର୍ମାନୀ, ୧୫।୨ ବନାମ ଆର୍ଜେଣ୍ଟିନା, ୧୬।୨ ବନାମ ଜର୍ମାନୀ, ୧୮।୨ ବନାମ ଆର୍ଜେଣ୍ଟିନା, ୨୩।୨ ବନାମ ଗ୍ରେଟବ୍ରିଟେନ, ୨୫।୨ ବନାମ ସ୍ପେନ୍, ୨୬।୨ ବନାମ ଗ୍ରେଟବ୍ରିଟେନ, ୨୮।୨ ବନାମ ସ୍ପେନ୍।

ମହିଳା ଦଳ: ୨୩।୨ ବନାମ ଗ୍ରେଟବ୍ରିଟେନ, ୨୫।୨ ବନାମ ସ୍ପେନ୍, ୨୬।୨ ବନାମ ଗ୍ରେଟବ୍ରିଟେନ, ୨୮।୨ ବନାମ ସ୍ପେନ୍।

ୱାର୍ଲ୍ଡ ରେସଲିଂରେ କୋମଲଙ୍କୁ କାଂସ୍ୟ

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି): ଆମେରିକାର ଲାସ୍ ଭେଗାସରେ ଚାଲିଥିବା ୨୩ ବର୍ଷରୁ କମ୍ ରେସଲିଂରେ ମହିଳା ପ୍ରତିଯୋଗୀ କୋମଲ ୫୯ କିଗ୍ରା କାଟାଗୋରୀରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଭାରତର ଆଉ ଜଣେ ପ୍ରତିଯୋଗୀ ଅମୃତା ପୂଜାରୀ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ଗ୍ରୀକୋ ରୋମାନ ରେସଲିଂରେ ବିଶ୍ୱଜିତ ମୋରେ ଭାରତ ଲାଗି ପ୍ରଥମ ପଦକ (ରୌପ୍ୟ) ବିଜୟୀ ହୋଇଥିଲେ। ଭାରତର ଆଉ ୪ ଜଣ ମହିଳା ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲାବେଳେ ଅଧିକ ପଦକ ଜିତିବ ବୋଲି ଆଶା ରହିଛି।

ରାଜ୍ୟ ମିନି ଓ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ

ଭୁବନେଶ୍ୱର,୧୬।୧୦(ସମିସ): ଓଡ଼ିଶା ରାଜ୍ୟ ମିନି ଓ ସବ୍‌ଜୁନିଅର (୧୧ ଓ ୧୩ ବର୍ଷରୁ କମ୍) ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ପୋଖରୀପୁଟସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି। ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୯୧ ଜର ବାଳକ ଓ ୩୩ ଜଣ ବାଳିକା ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ଦିନରେ ୮୨ଟି ମ୍ୟାଚ୍ ଆୟୋଜିତ ହୋଇଛି। ଏଠାରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନେ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ ବୋଲି ଓସ୍‌ବା ସମ୍ପାଦକ ନିଲୀନ କୁମାର ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY